

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୦ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 September 2025

Vol.No. 36 ■ No.240 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଜଳୁଛି ନେପାଳ: ବିକ୍ଷୋଭକାରୀଙ୍କ କବଜାରେ ସଂସଦ

- ➡ପ୍ରଧାନମନ୍ତ୍ରୀଙ୍କ ପରେ ଇସ୍ତଫା ଦେଲେ ରାଷ୍ଟ୍ରପତି
- ➡ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜାଳିଦେଲେ ବିକ୍ଷୋଭକାରୀ
- ➡ଭାରତୀୟଙ୍କ ପାଇଁ ଆଡଭାଇଜରି : ଟୋଲ ଫ୍ରି ନମ୍ବର ଜାରି
- ➡ଅର୍ଥମନ୍ତ୍ରୀଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ମାରିଲେ ଗୋଇଠା







ନୂଆଦିଲ୍ଲୀ,୯/୯ : ନେପାଳରେ ହଇଚଇ। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ନିଜ ପଦରୁ ଇସ୍ତଫା ଦେବା ପରେ ପରେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଇସ୍ତଫା ଦେଇଛନ୍ତି। ଆମେରିକା, ୟୁରୋପୀୟ ସଂଘ (ଇୟୁ), ବ୍ରାଜିଲ, ଭାରତ, ଚାଇନା ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ବିଭିନ୍ନ ଭାଗରେ ଅପପ୍ରଚାର, ଡେଟା ପ୍ରିଭେସି, ଅନ୍ଲାଇନ ସେଫ୍ଟି ଓ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ସରକାରମାନେ କଟକଣା ଲଗାଉଥିବାବେଳେ ନେପାଳ ମଧ୍ୟ ଅନୁରୂପ ପନ୍ଥା ଆପଣାଇ ଫସିଯାଇଛି। ଯାହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଛି। ନେପାଳରେ ସୋସିଆଲ ମିଡିଆ ପ୍ରତିବନ୍ଧକକୁ ନେଇ ବିରୋଧ ପ୍ରଦର୍ଶନ ହେବା ପରେ, ସରକାର ସୋମବାର (ସେପ୍ଟେମ୍ବର ୮) ରେ ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରିନେଇଥିଲେ। ତିନି ଦିନ ପୂର୍ବେ, ସରକାର ଫେସବୁକ୍, ଏକ୍ସ ଏବଂ ହ୍ୱାଟ୍ସଆପ୍ ସମେତ ୨୬ ଟି ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଷ୍ପତ୍ତିର ପ୍ରତିବାଦରେ ରାଜଧାନୀ କାଠମାଣ୍ଡୁ ସମେତ ଅନେକ ସ୍ଥାନରେ ହିଂସାତ୍ମକ ପ୍ରତିବାଦ କରାଯାଇଥିଲା। ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷରେ ଏପର୍ଯ୍ୟନ୍ତ ଅତି କମରେ ୨୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମଙ୍ଗଳବାର ନେପାଳର ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲଙ୍କ ଘର ଉପରେ ବିକ୍ଷୋଭକାରୀମାନେ ଆକ୍ରମଣ କରିଥିଲେ। ପ୍ରତିବାଦକାରୀମାନେ ଅନେକ ମନ୍ତ୍ରୀଙ୍କ ଘର ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ରିପୋର୍ଟ ଅନୁଯାୟୀ, ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ପ୍ରଚଣ୍ଡଙ୍କ ଘର ମଧ୍ୟ ଟାର୍ଗେଟ କରାଯାଇଛି। ନେପାଳରେ ଚାଲିଥିବା ବିରୋଧ ପ୍ରଦର୍ଶନ ମଧ୍ୟରେ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ବିକ୍ଷୋଭକାରୀଙ୍କ ଏକ ଦଳ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଝଲନାଥ ଖାନଲଙ୍କ ଘର ଉପରେ ଆକ୍ରମଣ କରି ନିଆଁ ଲଗାଇ ଦେଇଛନ୍ତି। ଏହି ଘଟଣାରେ ଖାନଲଙ୍କ ପତ୍ନୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କୁ ମଧ୍ୟ ଟାର୍ଗେଟ କରାଯାଇଥିଲା ଓ ତାଙ୍କ ଶରୀରରେ ନିଆଁ ଲଗାଇଦିଆଯାଇଥିଲା ।

▶▶ପୃଷ୍ଠା ୭

## ବିଜେଡିର ପଲିଟିକାଲ ସୁଇସାଇଡ୍: ତଥାଗତ



ଭୁବନେଶ୍ୱର, ୯/୯ (ନି.ପ୍ର): ବିଜୁ ଜନତା ଦଳ (ବିଜେଡି)ର ଭବିଷ୍ୟତକୁ ନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସନ୍ଦେହ ପ୍ରକାଶ କରିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ଭୋଟ ନ ଦେବା ନିଷ୍ପତ୍ତିକୁ ଟାର୍ଗେଟ କରି ସେ କହିଛନ୍ତି ଯେ ବିଜେଡିର "ଏକ୍ସପାଏରୀ ଡେଟ୍ ପଳେଇଲାଣି"। ତଥାଗତ ତାଚ୍ଛଲ୍ୟ କରି କହିଛନ୍ତି, "ସବୁ ଜିନିଷର ଏକ ଏକ୍ସପାଏରୀ ଡେଟ୍ ଥାଏ, ଯାହା ଗଲା ପରେ କାମ କରେ ନାହିଁ।" ସେ ଆହୁରି ମନ୍ତବ୍ୟ ଦେଇଛନ୍ତି ଯେ ବିଜେଡି ନୂଆ ନାମ, ରୂପ ଓ ଆକାରରେ ଆସିବାର ସମ୍ଭାବନା ରହିଛି, କିନ୍ତୁ ଏହାକୁ ସେ ରାଜନୈତିକ ଆତ୍ମହତ୍ୟା (ପଲିଟିକାଲ ସୁଇସାଇଡ) ବୋଲି ବର୍ଣ୍ଣନା କରିଛନ୍ତି। ଏଥିପାଇଁ ସେ ଜାପାନୀ ଶବ୍ଦ 'ହାରା କିରି' (ନିଜକୁ ନିଜେ ଶେଷ କରିବା) ବ୍ୟବହାର କରିଛନ୍ତି। ତଥାଗତ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିଜେଡି ଲୋଗୋ ବ୍ୟତୀତ ଏକ କଳା ଫଟୋ ପୋଷ୍ଟ କରି ଦଳର ଅସ୍ତିତ୍ୱ ଉପରେ ତେରଛା ବାଣ ମାରିଛନ୍ତି। ସେ କହିଛନ୍ତି, "ବିଜେଡି ବୁଝି ଗଲେଣି ଯେ ସେମାନଙ୍କ ଶେଷ ଆରମ୍ଭ ହୋଇଗଲାଣି।"

▶▶ପୃଷ୍ଠା ୭

## ବିଜେଡିରୁ ଇସ୍ତଫା ଦେଲେ ଏନ ଭାସ୍କର ରାଓ



ଭୁବନେଶ୍ୱର, ୯/୯ (ନି.ପ୍ର): ବିଜେଡି ଦଳରୁ ଇସ୍ତଫା ଦେଇଛନ୍ତି ବରିଷ୍ଠ ତଥା ଅଭିଜ୍ଞ ନେତା ଏନ୍ ଭାସ୍କର ରାଓ। ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ତାଙ୍କ ସହ ଲାଲ ବିହାରୀ ହିମରିକାମଧ ଇସ୍ତଫା ଦେଇଥିବା ଜଣାପଡ଼ିଛି । ବିଜେଡିର କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ଥିଲେ ଭାସ୍କର ରାଓ । ସାମ୍ବାଦିକ ସମ୍ମିଳନୀରେ ନିଜ ଅସନ୍ତୋଷ ଝାଡ଼ିଛନ୍ତି ରାଓ । ▶▶ପୃଷ୍ଠା ୭

## ବାଣୀବିହାରରେ ଥମୁନି ବିବାଦ: 'ଅପରେସନ୍ ଅଣଛାତ୍ର' ପରେ ଉତ୍ତେଜନା

### ଭିସି ଅଫିସରେ ଧସେଇ ପଶିଲେ ଛାତ୍ର



ଭୁବନେଶ୍ୱର, ୯/୯ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରୁ ଅଣଛାତ୍ରଙ୍କୁ ବାହାର କରିବା ପରେ ଲାଗି ରହିଛି ଉତ୍ତେଜନା । ଅଣଛାତ୍ର ହଟାଇବା ଆଳରେ ଛାତ୍ରମାନଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ଆଣି ଭିସି ଅଫିସ ଘେରାଉ କରିଛନ୍ତି ବିଶ୍ୱବିଦ୍ୟାଳୟର କିଛି ଛାତ୍ର ଓ ପୁରାତନ ଛାତ୍ର । ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ସହ ମିସନ୍ ଅଲ ଆଉଟ୍ କରିବାକୁ ଦାବି କରିଛନ୍ତି ଛାତ୍ର । ଏଥିସହ ଜବରଦଖଲ ଉଚ୍ଛେଦ, ଭଡ଼ାରେ ଲାଗିଥିବା କ୍ୱାର୍ଟର୍ସକୁ ଖାଲି କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଛାତ୍ରଙ୍କ ଦାବି ପୂରଣ ସହ ବିଶ୍ୱବିଦ୍ୟାଳୟରେ ମିସନ୍ ଅଲ ଆଉଟ୍ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଭିସି । କ୍ୟାମ୍ପସରେ ଉତ୍ତେଜନା ଲାଗି ରହିଥିବାବେଳେ ବିଶ୍ୱବିଦ୍ୟାଳୟର କିଛି କର୍ମଚାରୀ କ୍ୟାମ୍ପସରେ ମେହେନ୍ଦି ପାର୍ଟି କରିଥିବା ଭିଡିଓ ଭାଇରାଲ ହେଉଛି । ଏହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘେରିଛନ୍ତି ଅସନ୍ତୁଷ୍ଟ ଛାତ୍ର । ମେହେନ୍ଦି ପାର୍ଟି କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ତେବେ ଏହାର ତଦନ୍ତ ଚାଲିଛି ଓ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି କୁଳ ସଚିବ । ଗତକାଲି ୧୦ ପ୍ଲାଟୁନ ପୁଲିସ ଉପସ୍ଥିତିରେ ଛାତ୍ରାବାସରେ ରହୁଥିବା ଅଣଛାତ୍ରଙ୍କ ରୁମ ଉପରେ ଚଢ଼ାଉ ହୋଇଥିଲା । ୨ଶହରୁ ଅଧିକ ରୁମର ତାଲା ଭାଂଗି ଭିତରେ ଥିବା ଜିନିଷପତ୍ରକୁ ବାହାରେ ଫୋପାଡି ଦେଇଥିଲେ କର୍ତ୍ତୃପକ୍ଷ । ରୁମରେ ନୂଆ ତାଲା ପକାଯାଇଥିଲା ।

## ନୂଆପଡ଼ାରେ ହେବ ଉପ-ନିର୍ବାଚନ: ୩ ଦଳ ପାଇଁ ଅଗ୍ନିପରୀକ୍ଷା



ଭୁବନେଶ୍ୱର, ୯/୯ (ନି.ପ୍ର): ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଉପ-ନିର୍ବାଚନ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । କାରଣ ନୂଆପଡ଼ାର ଫଳାଫଳ ଓଡ଼ିଶାବାସୀଙ୍କ ମୁଡକୁ ସାମ୍ନାକୁ ଆଣିବ । ନୂଆ ସରକାରର ପୂର୍ବଭଳି ଲୋକପ୍ରିୟତା ରହିଛି ନା ବିରୋଧୀ ଏହା ଭିତରେ ଲୋକଙ୍କ ଭରସା ଜିତିଲେଣି ତାହାର ପ୍ରମାଣ ଦେବ ନୂଆପଡ଼ା ଉପ-ନିର୍ବାଚନ । ୨୦୨୪ ନିର୍ବାଚନ ପରେ ପ୍ରଥମ ଉପନିର୍ବାଚନ ଦେଖିବ ଓଡ଼ିଶା । ଏହି ନିର୍ବାଚନ ଫଳାଫଳ ସରକାର ଭାଙ୍ଗିବନି କି ଗଢ଼ିବନି । ହେଲେ ୩ ରାଜନୈତିକ ଦଳର ଲୋକପ୍ରିୟତାର ଏସିଡ୍ ଟେଷ୍ଟର ପ୍ରମାଣ ଦେବ ଉପ-ନିର୍ବାଚନ । ଗୋଟିଏ ପଟେ ଲୋକଙ୍କ ସରକାର ଦେବେ ଲୋକପ୍ରିୟତାର ପରୀକ୍ଷା । ଅନ୍ୟପଟେ ବିନା କ୍ଷମତାରେ ଦୀର୍ଘ ୨୫ ବର୍ଷ ପରେ ଉପ-ନିର୍ବାଚନର ସାମ୍ନା କରିବ ବିଜେଡି । ନୂଆପଡ଼ା ଉପ-ନିର୍ବାଚନ ହିଁ କହିବ ନବୀନଙ୍କ ଲୋକପ୍ରିୟତା କମିଛି ନା କାଏମ ଅଛି । କଂଗ୍ରେସ ମଙ୍ଗୁଆଳଙ୍କ ହୋମଗ୍ରାଉଣ୍ଡ ହୋଇଥିବାରୁ ଭକ୍ତଙ୍କ ପାଇଁ ନୂଆପଡ଼ା ଉପ-ନିର୍ବାଚନ ପାଲଟିବ ସମ୍ମାନର ଲଢ଼େଇ । ଏସବୁ ଭିତରେ ଜନ୍ମମାଟିରେ ଦିବଙ୍ଗତ ବିଧାୟକଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ବିଭିନ୍ନ ଦଳର ନେତା । ନୂଆପଡ଼ା ରାଜନୀତିରେ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ବ୍ଲକ କୃଷି କର୍ମଚାରୀ

ଅନୁଗୁଳ, ୯/୯ (ନି.ପ୍ର): ଭିଜିଲାନ୍ସ ଜାଲରେ ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ କୃଷି ବିଭାଗ ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱନାଥ ଦାସ। ସେ ଏକ ଏନଜିଓ ସଂସ୍ଥାର କୋର୍ଡିନେଟର ରଞ୍ଜନ ପ୍ରଧାନଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ କାବୁ କରିଥିଲା। ସୂଚନା ଅନୁସାରେ କିଶୋରନଗର ବ୍ଲକର ଏକ ଏନଜିଓ ସ୍ଥାନୀୟ ଅଞ୍ଚଳରେ ବିରି, ମୁଗ, ରାଶି ଏବଂ ଔଷଧ ବିତରଣ କରିଛି। ଏହି କୃଷି କର୍ମଚାରୀ ସେହି ଅଞ୍ଚଳରେ ଏହି ସବୁ ବିହନ ଓ ଔଷଧ ବିତରଣର ୟୁଟିଲାଇଜେସନ୍ ସାର୍ଟିଫିକେଟ ଏନଜିଓକୁ ଦେବା କଥା। ▶▶ପୃଷ୍ଠା ୭

## ମାଟିରେ ମିଶିଲା ବ୍ରାଉନ ସୁଗାର ବେପାରୀ ଘର

ଭୁବନେଶ୍ୱର, ୯/୯ (ନି.ପ୍ର): ରାଜଧାନୀରେ ଆରମ୍ଭ ହେଲା ଅପରେସନ ପ୍ରହାର। ନୟାପଲୀ ଥାନା ଅନ୍ତର୍ଗତ ଆଇଡି ମାର୍କେଟରେ ପୋଲିସର ଆକ୍ସନ। ବ୍ରାଉନ ସୁଗାର ବେପାରୀଙ୍କ ଘର ଭାଙ୍ଗିଲା ପୋଲିସ। ଏହାସହିତ ଭାଙ୍ଗିବ ସବୁ ଗଞ୍ଜେଇ ବେପାରୀଙ୍କ ଘର। ଯେଉଁ ଅଭିଯୁକ୍ତ ମାନେ ଚୋରା ନିଶା କାରବାର କରି ତିନିଥର ପୋଲିସ ହାତରେ ଧରାପଡ଼ିଛନ୍ତି ସେମାନଙ୍କ ଘର ଭାଙ୍ଗିବ ।

## ବନ୍ୟାଞ୍ଚଳ ବୁଲିଲେ ପ୍ରଧାନମନ୍ତ୍ରୀ: ବୁଝିଲେ ପ୍ରଭାବିତଙ୍କ ଦୁଃଖ



ନୂଆଦିଲ୍ଲୀ: ହିମାଚଳରେ ଆକାଶ ମାର୍ଗରୁ ବନ୍ୟା ଓ ଭୂସ୍ଖଳନର ସ୍ଥିତି ଅନୁଧ୍ୟାନ କରି ପ୍ରଭାବିତଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ। ବନ୍ୟାରେ ଯେତେବେଳେ ପଞ୍ଜାବ ଏବଂ ହିମାଚଳ ପ୍ରଦେଶ ପ୍ରଭାବିତ ହୋଇଛି ଠିକ୍ ସେତେବେଳେ ସ୍ଥିତିର ଅନୁଧ୍ୟାନ କରିଛନ୍ତି ମୋଦୀ। ଆକାଶମାର୍ଗରୁ ଉଭୟ ପଞ୍ଜାବ ଏବଂ ହିମାଚଳ ପ୍ରଦେଶର ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି । ପ୍ରଥମେ ଆକାଶ ମାର୍ଗରୁ ହିମାଚଳ ପ୍ରଦେଶର ସ୍ଥିତି ସମୀକ୍ଷା ପରେ ପଞ୍ଜାବର ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି ମୋଦୀ । ଆଉ ହିମାଚଳ ପ୍ରଦେଶର କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକ ଦେଖି ପ୍ରଧାନମନ୍ତ୍ରୀ ଦେଢ ହଜାର କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୋଦୀ ହିମାଚଳ ପ୍ରଦେଶ ପାଇଁ ପ୍ୟାକେଜ ଘୋଷଣା କରିବା ସହ ବନ୍ୟାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର

▶▶ପୃଷ୍ଠା ୭

## ପଶ୍ଚିମବଙ୍ଗ ବ୍ୟବସାୟୀ ସୌରଭ ରାୟଙ୍କ ଘରେ ଇଡିର ଚଢ଼ାଉ: ୬୪ ଲକ୍ଷ ଟଙ୍କା ଜବତ

କୋଲକାତା, ୯/୯ : ପଶ୍ଚିମବଙ୍ଗରେ ବାଲି ଚାଲାଣ ସହିତ ଯୋଡ଼ିଥିବା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଶ୍ଚିମ ମେଦିନୀପୁର ଜିଲ୍ଲାର ବସନ୍ତପୁର ନିବାସୀ ବ୍ୟବସାୟୀ ସୌରଭ ରାୟଙ୍କ ଘରେ ଚଢ଼ାଉ କରି ୬୪ ଲକ୍ଷ ଟଙ୍କା ଜବତ କରାଯାଇଛି। ନୋଟ୍ ବଣ୍ଡଲ୍ ଘରେ ଅଲଗା ଅଲଗା ଜାଗାରେ ଲୁଚାଇ ରଖାଯାଇଥିଲା। ଇଡି ସୂତ୍ରରୁ ପ୍ରକାଶ ଯେ ଏଜେନ୍ସି ଟିମ୍ ସୋମବାର ସକାଳେ ରାଜ୍ୟର କେତେକ ସ୍ଥାନରେ ଲଗାତାର ଚଢ଼ାଉ ଆରମ୍ଭ କରିଥିଲା। ଚଢ଼ାଉ ସମୟରେ ସୌରଭ ରାୟଙ୍କ ଘରେ ଉପସ୍ଥିତ ନଥିଲେ। ପରିବାର ସଦସ୍ୟ ଏତେବଡ଼ ଟଙ୍କାର ସ୍ରୋତ ଏବଂ ଉଦ୍ଦେଶ୍ୟ ବିଷୟରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନାହାଁନ୍ତି। ଏଜେନ୍ସି ସୂତ୍ର କହିଛି ଯେ ସୌରଭ ରାୟଙ୍କୁ ପଚରା ଉଚୁରା ପାଇଁ ନୋଟିସ୍ ପଠାଯିବ।

▶▶ପୃଷ୍ଠା ୭

# ସିପି ରାଧାକ୍ରିଷ୍ଣନ ହେଲେ ଦେଶର ଉପ ରାଷ୍ଟ୍ରପତି



ନୂଆଦିଲ୍ଲୀ,୯/୯ : ଉପ ରାଷ୍ଟ୍ରପତି ନିର୍ବାଚନରେ ବାଜି ମାରିଛନ୍ତି ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ। ଆଜି ଅନୁଷ୍ଠିତ ଉପ ରାଷ୍ଟ୍ରପତି ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ରୁ ଅଧିକ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ସିକ୍ରେଟ ବାଲଟରେ ହୋଇଥିବା ଭୋଟିଂରେ ସିପି ରାଧାକ୍ରିଷ୍ଣନଙ୍କୁ ୪୫୨ ଖଣ୍ଡ ଭୋଟ ମିଳିଛି। ସେହିପରି ଜଷ୍ଟିସ ରେଡ୍ଡୀ ୩୦୦ ଖଣ୍ଡ ଭୋଟ ପାଇଛନ୍ତି। ୧୫ ଜଣ ସାଂସଦଙ୍କ ଭୋଟ ନାକଚ ହୋଇଥିବା ରିଟର୍ଣ୍ଣିଂ ଅଫିସର ତଥା ରାଜ୍ୟସଭା ମହାସଚିବ ପିସି ମୋଦି ଘୋଷଣା କରିଛନ୍ତି। ସିପି ରାଧାକ୍ରିଷ୍ଣନ ବିଜୟ ହୋଇଥିବାରୁ ସେ ଦେଶର ପରବର୍ତ୍ତୀ ଉପ ରାଷ୍ଟ୍ରପତି ଭାବେ ଶପଥ ନେବେ। ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ଦିନ ୧୦ଟାରୁ ଭୋଟିଂ ଆରମ୍ଭ ହୋଇଥିଲା। ପ୍ରଥମ ଭୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିଲେ। ଏହାପରେ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ ଧାଡ଼ିରେ ଆସି ନିଜ ପସନ୍ଦର ପ୍ରାର୍ଥୀଙ୍କୁ ପାଇଁ ଭୋଟିଂ କରିଥିଲେ। ଉପ ରାଷ୍ଟ୍ରପତି ନିର୍ବାଚନରେ ୯୮% ଭୋଟିଂ ହୋଇଥିଲା। ଉଭୟ ଗୃହର ସାଂସଦଙ୍କ ସଂଖ୍ୟା ୭୮୮ ରହିଥିବା ବେଳେ ଏବେ ୭ଟି ଆସନ ଖାଲି ପଡ଼ିଛି। ୭୮୧ ବୈଧ ଭୋଟ ମଧ୍ୟରୁ ୧୩ ଜଣ ସାଂସଦ ଭୋଟ ଦେଇ ନଥିଲେ। ▶▶ପୃଷ୍ଠା ୭

# ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ

ଭୁବନେଶ୍ୱର, ୯/୦୯ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ ଆଜି ପରିଷଦ ମୁଖ୍ୟ କାର୍ଯ୍ୟାଳୟ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଯେ, ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ ଅଟେ । ଶିକ୍ଷା ବ୍ୟକ୍ତିତ୍ୱର ପରିପ୍ରକାଶ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦୀର୍ଘ ୪୩ ବର୍ଷର ଯାତ୍ରା ଅତିକ୍ରମ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ନିରନ୍ତର ସହଭାଗୀ ହୋଇଥିବାରୁ ଏହାର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ପ୍ରତିଷ୍ଠା ଦିବସ ଉତ୍ସବରେ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ପ୍ରଜ୍ଞା', ଏନଏସଏସର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ପରେ ପରେ ଏସଜିଏଫଆଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳ ହୋଇଥିବା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏବଂ ଶେଷରେ ପରିଷଦ କର୍ମଚାରୀଙ୍କ ଦ୍ୱାରା ସାମାଜିକ ନାଟକ 'ଗୁରୁଦକ୍ଷିଣା' ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ, ବୋର୍ଡ଼ ଅଫ ସେକେଣ୍ଡାରୀ ଏଜୁକେଶନରୁ ଶ୍ରୀ ଶ୍ରୀକାନ୍ତ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପରିଷଦର ଅଧ୍ୟକ୍ଷ ଶ୍ରୀ ମୃଣାଳ କାନ୍ତି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ସଚିବ ଶ୍ରୀମତୀ ଶୁଭ୍ରବାଳା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପରିଷଦର କର୍ମକର୍ତ୍ତା ଆଦି ଯୋଗଦେଇଥିଲେ ।

# ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ

ବଲାଙ୍ଗିର, ୯/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଅନ୍ତର୍ଗତ ବନ୍ଧପଡ଼ା ପଂଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନତା ପଦଯାତ୍ରା ଆୟୋଜନ ହୋଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପୁଇଁନ୍ତଲା ବିଇଓ ରତ୍ନମୟୀ ପୁରୋହିତ, ଏବିଇଓ ଲଛମନ ପଧାନ, ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା, ପ୍ରଧାନ ଶିକ୍ଷକ ଧ୍ରୁବଚରଣ ବିଶ୍ୱାଳ, ସଭ୍ୟ ମୋହନ ପଧାନ, ସିଆରସିସି ଅଜିତ କୁମାର ଶତପଥୀ, ସିଆରସିସି ପ୍ରମୋଦ କୁମାର ପଟେଲ, ସିଆରସିସି ରଂଜିତ ମିଶ୍ର ପ୍ରମୁଖ ମତାମତ ରଖିଥିଲେ । ଶିକ୍ଷକ ପ୍ରଭାକର ମହାପାତ୍ର ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଆରସିସି ସୁଶାନ୍ତ କୁମାର ମିଶ୍ର, ସରୋଜ କୁମାର ଗଡତ୍ୟା, ରସାନନ୍ଦ କର୍ମୀ, ସତ୍ୟନାରାୟଣ ସାହୁ, ତରଣୀସେନ ଧାରୁଆ, ନିତ୍ୟରାଜ ସେଠ, ପ୍ରତୀକ କୁମାର ପାଣିଗ୍ରାହୀ, ପ୍ରଦୀପ କୁମାର ନାଏକ, ମଞ୍ଜରୀ ସୁନା, ଶ୍ରୀମାସୂତା ମଲ୍ଲିକ, ହିସାବ ରକ୍ଷକ ସୁଧାଂଶୁ ଶେଖର ପାତ୍ର ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୯/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ପଂଚାୟତ ସମିତି ଅନ୍ତର୍ଗତ ସମଲେଇଚୁଆଁ ଗ୍ରାମ ପଂଚାୟତର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୧୩୧ ( ଏକ ଶହ ଏକତିରିଶ) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୧୦୨ ( ଏକ ଶହ ଦୁଇ ) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୪ (ଚବିଶ) ଗୋଟି ସାମୁହିକ ଦରଖାସ୍ତ ଓ ୫ (ପାଂଚ) ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ୭ (ସାତ) ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିର ରେ ସମାଧାନ କରାଯାଇଥିଲା । ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡ଼ିଓ, ଡୁଙ୍ଗୁରିପାଲି, ଦିଲୀପ କୁମାର ବାଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଡୁଙ୍ଗୁରିପାଲି ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଅହଲ୍ୟା ସାହୁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର ଶ୍ରୀମତି ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ସୋନପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ, ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସମେତ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସମଲେଇଚୁଆଁ ଗ୍ରାମପଂଚାୟତ ଅନ୍ତର୍ଗତ ସମାଲେଇଚୁଆଁ ଗ୍ରାମର ଜଣେ ଭିନ୍ନକ୍ଷମ ବ୍ୟକ୍ତି ଶ୍ରୀ ବ୍ୟାସଦେବ ଖମାରୀଙ୍କୁ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼. ନୃପରାଜ ସାହୁ ଙ୍କ ଦ୍ୱାରା ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା । ଉଦୋପରି ସମଲେଇଚୁଆଁ ଗ୍ରାମପଂଚାୟତ ଅନ୍ତର୍ଗତ ବେହେରମଲ୍ ଗ୍ରାମର ଦିଲୀପ ପଧାନ ଓ ପଣ୍ଡକିଟାଲ - ନାଇକେନପାଲି ଗ୍ରାମପଂଚାୟତ ଅନ୍ତର୍ଗତ ବୈରଗୀମୁଣ୍ଡା ଗ୍ରାମର ସୋହିନୀ ସାହୁଙ୍କୁ ଯଥାକ୍ରମେ ବାର୍ଦ୍ଧକ୍ୟ ଭତା ଓ ବିଧବା ଭତା ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ-୧ ବିଭାଗରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ମକ୍ ଡ୍ରିଲ୍ ଆୟୋଜିତ

ରାଉରକେଲା, ୯/୦୯ (ନି.ପ୍ର): ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସେପଟେମ୍ବର ୫ ତାରିଖରେ ସେଲ୍ ?, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ ମେଲ୍ଟିଂ ସପ-୧ ବିଭାଗର କାଷ୍ଟର ଅଞ୍ଚଳରେ ପାଇଲଟ ବର୍ନର, ଗ୍ୟାସ ଲାଇନରେ ଅଗ୍ନି ନିରାପତ୍ତା ଉପରେ ଏକ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା ।



ଏହି ଅଭ୍ୟାସଟି ଏସଏମଏସ-୧ ବିଭାଗର ସିଜିଏମ ଶ୍ରୀ ବି ଏସ କାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା । ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଏସ ଏ ଠାକୁର ଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମୀ ଏବଂ ଏସଇଡ଼ି ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ସି କେ ସାହୁ ଏହି ଅଭ୍ୟାସ ସମ୍ପନ୍ନ ଆବଶ୍ୟକୀୟ ସହଯୋଗ ଦେଇଥିଲେ । ଏହି ସୁରକ୍ଷା ଅଭ୍ୟାସରେ ଏସଏମଏସ-୧ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ । ଏହି ସୁରକ୍ଷା ଅଭ୍ୟାସଟି ଆରଏସପି ରେ ଚାଲୁଥିବା ବୈଧାନିକ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରୋଟୋକଲର ଏକ ଅଂଶ ଥିଲାବେଳେ ଏହାର ଲକ୍ଷ୍ୟ ଅନସାଇଟ୍ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ଦକ୍ଷତା ଏବଂ ପ୍ରସ୍ତୁତି ପରୀକ୍ଷା କରିବା ନିମନ୍ତେ ରଖାଯାଇଛି ।

ଏହି ସୁରକ୍ଷା ଅଭ୍ୟାସରେ ମିଶ୍ରିତ ଗ୍ୟାସ ଲିକେଜ୍ ଯୋଗୁଁ ନିଆଁ ଲାଗିବାର ଏକ କାଳ୍ପନିକ ଦୃଶ୍ୟ ସୃଷ୍ଟି କରାଯାଇଥିଲା ଏବଂ ଦୁଇ ଜଣ ଆହତ କର୍ମଚାରୀଙ୍କ ଉଦ୍ଧାର ଏଥିରେ ସାମିଲ କରାଯାଇଥିଲା । ଏହି କାଳ୍ପନିକ ସ୍ଥିତି ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସସି), ଶକ୍ତି ପରିଚାଳନା ବିଭାଗ (ଇଏମଡ଼ି), ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସଏଫ ସମେତ ପ୍ରମୁଖ ବିଭାଗଗୁଡ଼ିକରୁ ଏକ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା ।

ବହୁ ବିଭାଗର ପ୍ରଶିକ୍ଷିତ କର୍ମଚାରୀଙ୍କୁ ନେଇ ଗଠିତ ତିନୋଟି ଉତ୍ସର୍ଗୀକୃତ ଦଳ ଉଦ୍ଧାର, ସହାୟକ ଏବଂ ସମର, ସିମୁଲେଟେଡ୍ ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ କାର୍ଯ୍ୟ କରିଥିଲେ । ପ୍ରତିକ୍ରିୟା ସମୟ, ଆନ୍ତଃ ଏଜେନ୍ସି ସମନ୍ୱୟ ଏବଂ ମାନକ କାର ?ୟ୍ୟ ପ୍ରକ୍ରିୟା (ଏସଓପି) ପାଳନ ଭଳି ପ୍ରମୁଖ ପରିମାପକ ଗୁଡ଼ିକୁ ସମାଲୋଚନାମୂଳକ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା ।

ଶିଳ୍ପ କ୍ଷେତ୍ରରେ ଉପୁଜୁଥିବା ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲାରେ ଉଚ୍ଚ ସତର୍କତା ଏବଂ ତ୍ୱରିତ ପ୍ରତିକ୍ରିୟାଶୀଳତା ସୁନିଶ୍ଚିତ କରିବା ପାଇଁ ଆରଏସପିର ରଣନୈତିକ କାର୍ଯ୍ୟକ୍ଷମ ୟୁନିଟ୍ ଗୁଡ଼ିକରେ ଏପରି ମକ୍ ଡ୍ରିଲ୍ ନିୟମିତ ଭାବରେ ଅନୁଷ୍ଠିତ ହୋଇଥାଏ । ଏକ ଡିବ୍ରିଫିଂ ଏବଂ ମୂଲ୍ୟାଙ୍କନ ଅଧିବେଶନ ଶିକ୍ଷା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ମକ୍ ଡ୍ରିଲ୍ ଶେଷ ହୋଇଥିଲା । ଏହି ସୁରକ୍ଷା ଅଭ୍ୟାସକୁ ଏସଏମଏସ-୧ ବିଭାଗର ଡ଼ିଏସଓ ତଥା ଶ୍ରୀ ଏନ ବେହେରା ସଂଯୋଜନା କରିଥିଲେ ।

# ଆଇଏମଟି ଫାର୍ମାସି କଲେଜରେ ନିଯୁକ୍ତି ମେଳା ଅନୁଷ୍ଠିତ

ପୁରୀ, ୯/୦୯ (ନି.ପ୍ର): ଗୋପାଳପୁର ସ୍ଥିତ ଆଇଏମଟି ଫାର୍ମାସି କଲେଜ ଆନୁକୂଲ୍ୟରେ ଫାର୍ମାସି ଓ ଆଲାଏଡ ମେଡିକାଲ ସାଇନ୍ସ ବିଭାଗର ଶେଷବର୍ଷର ବିଦ୍ୟାର୍ଥୀ ମାନଙ୍କ ଉଦ୍ଦେଶ୍ୟରେ ଚଳିତବର୍ଷ ପାଇଁ ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି । ନିଯୁକ୍ତି ପ୍ରକ୍ରିୟା ଉଭୟ ଅନ-ଲାଇନ ଓ ଅନ-କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ମାଧ୍ୟମରେ କରାଯାଇଥିଲା । ଡିଗ୍ରୀ ଫାର୍ମାସି ବିଭାଗ ଛାତ୍ର ଚୟନ କରିବା ଉଦ୍ଦେଶ୍ୟରେ ଦୁଇଟି ପ୍ରତିଷ୍ଠିତ ଔଷଧ ଶିଳ୍ପ ସଂସ୍ଥା, ଯଥା ସିପ୍ଲା ଲିମିଟେଡ଼, ସିକିମ୍ ଶିଳ୍ପ ଶାଖା ତରଫରୁ ସୈକତ ମୁଖାର୍ଜୀ ଓ ଯୋଡ଼ାସ୍ ଏକ୍ସପୋଇମ, ହାଇଦ୍ରାବାଦ, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀ ଏଲଡେନ ଏହି ଚୟନ ପ୍ରକ୍ରିୟାର ତତ୍ତ୍ୱାବଧାନ କରିଥିଲେ । ଶେଷବର୍ଷ ଡିଗ୍ରୀ ଫର୍ମାସୀ ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ ପ୍ରଥମେ ଯୋଡ଼ାସର ଅନ-ଲାଇନ ସାକ୍ଷାତକାର ପରୀକ୍ଷାରେ ୧୯ ଜଣ ଓ ୮ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଥିଲେ । ଦ୍ୱିତୀୟ ଶିଳ୍ପ ସଂସ୍ଥାନ, ସିପ୍ଲାର ସାକ୍ଷାତକାର ପରୀକ୍ଷାରେ ୨୨ ଜଣ ଓ ଏହାର ଅନ୍ତିମ ପର୍ଯ୍ୟାରେ ୭ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଥିଲେ ଓ ନିଯୁକ୍ତି ପାତ୍ର ହାସଲ କରିଥିଲେ । ସେହିପରି ଆଇଏମଟି ଆଲାଏଡ ସାଇନ୍ସ ବିଭାଗର ଡିଏମଏଲଟ ବିଦ୍ୟାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ଦ୍ୱୋ ଉଦେଶ୍ୟରେ ପରୀକ୍ଷା ବାଇଓଟେକର ଓଡିଶା ଶାଖା ମୁଖ୍ୟ ଅନିଲ କୁମାର ସାହୁ ଓ କିଭୋ ଲାଇଫ ସାଇନ୍ସ ହାଇଦ୍ରାବାଦର ବ୍ୟବସାୟୀକ ଶ୍ରୀ ଆନନ୍ଦ ବୋମାଦ ଆଇଏମଟି କଲେଜ ପରିସରରେ ସାକ୍ଷାତକାର ପରୀକ୍ଷା ଆଦି ସଂଚାଳନ କରାଇଥିଲେ ।

# ଭାରତୀୟ ସ୍ଥଳ ବାହିନୀ ତରଫରୁ ବାରିପଦା ବିବାହ ମଣ୍ଡପଠାରେ ୩ ଦିନିଆ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

ବାରିପଦା , ୯/୦୯ (ନି.ପ୍ର): ଭାରତୀୟ ସ୍ଥଳ ବାହିନୀର ଷ୍ଟେସନ ହେଡ଼ କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ଆଜିଠାରୁ ତା ୧୦-୦୯-୨୦୨୫ରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବାରିପଦାର ଷ୍ଟେସନବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପ ଠାରେ ଆୟୋଜିତ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଆଜି ଉଦଘାଟିତ ହୋଇଯାଇଛି ।



ଉଦଘାଟନୀ ଉତ୍ସବରେ ଆଜି ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ସମ୍ମାନୀୟ ମହାରାଜା ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସମ୍ମାନୀୟା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଜି ଓ ସି, ମଧ୍ୟ ପ୍ରଦେଶ ଅଂଚଳର ଲେଫ୍ଟନାଣ୍ଟ କର୍ଣ୍ଣେଲ ପି ଏସ ଶେଖାୱାତ, ବ୍ରିଗେଡ଼ିଅର ତେଜିନ୍ଦର ସିଂ ବାୱା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଓ ପ୍ରତିରକ୍ଷା ବିଭାଗର ଅନ୍ୟାନ୍ୟ ପଦସ୍ଥ ଅଧିକାରୀ ମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ନିମନ୍ତ୍ରିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯିବା ପରେ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରି ସ୍ୱାସ୍ଥ୍ୟ ଶିବିରର ଶୁଭ ଉଦଘାଟନ କରିଥିଲେ । ଏହାପରେ ନିମନ୍ତ୍ରିତ ଅତିଥି ବୃନ୍ଦ ଏହି ଶିବିରର ଆଭିମୁଖ୍ୟ ଓ ଉଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରିବା ସହ ସମସ୍ତଙ୍କ ସହଯୋଗରେ ଶିବିର ଉଦେଶ୍ୟ ନିଶ୍ଚିତ ଫଳପ୍ରସୂ ହେବ ବୋଲି ଆଶା ପୋଷଣ କରିଥିଲେ

ପ୍ରକାଶ ଥାଉକି ଉକ୍ତ ଶିବିରରେ ପୂର୍ବତନ ସୈନିକ, ବୀରନାରୀ, ବୀରମାତା ଏବଂ ତା'ଙ୍କ ପରିବାରର ପୀଡିତ ବ୍ୟକ୍ତିଙ୍କୁ ବିବିଧ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବ । ଉକ୍ତ ସ୍ୱାସ୍ଥ୍ୟ ସେବା ଶିବିରରେ ହାଇ ଟେକ ହସ୍ପିଟାଲ ଏବଂ ଅନ୍ୟାନ୍ୟ ପ୍ରମୁଖ ହସ୍ପିଟାଲର ବିଭିନ୍ନ ବିଭାଗର ଡାକ୍ତର,ବିଶେଷଜ୍ଞ ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ । ଉକ୍ତ ଶିବିରରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ସହିତ ଅବସରକାଳୀନ ଭତ୍ତା, ECHS, SPARSH ଇତ୍ୟାଦି ସମ୍ବନ୍ଧରେ ଆଇନଗତ ପରାମର୍ଶ ଦିଆଯିବା ସହିତ ଉଝଡ କ୍ୟାଣ୍ଟିନର ବିଶେଷ ସୁବିଧା ମଧ୍ୟ ଉପଲବ୍ଧ ହେବ । ପ୍ରତିରକ୍ଷା ବିଭାଗର ପୂର୍ବତନ କର୍ମଚାରୀଙ୍କ ବ୍ୟତୀତ ଉକ୍ତ ଶିବିରରେ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସେବା ଉପଲବ୍ଧ ହେବ ।

ପ୍ରତିରକ୍ଷା ବିଭାଗର ଷ୍ଟେସନ ହେଡ଼କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ର ପ୍ରଶାସନିକ କମାଣ୍ଡେଣ୍ଟ ସନ୍ତୋଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ବିଭାଗର ବିଭିନ୍ନ ପଦାଧିକାରୀ, ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ସ୍ତରୀୟ ଅଧିକାରଙ୍କ ସମେତ ମୟୂରଭଞ୍ଜ ପୂର୍ବତନ ସୈନିକ ସଙ୍ଘର ସଦସ୍ୟ ମାନେ ଯୋଗ ଦେଇଥିଲେ ଏବଂ ବିଭିନ୍ନ ବ୍ଲକରୁ ବୀର ନାରୀ, ବୀର ମାତା, ସେମାନଙ୍କ ପରିବାରର ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ ।

# ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କଲେ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡା. କୃଷ୍ଣଚନ୍ଦ୍ର ମହାପାତ୍ର

ବାରିପଦା , ୯/୦୯ (ନି.ପ୍ର): ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ରଜନୀ କାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟତଃ ଜିଲ୍ଲାରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନଏଚଏଆଇ ଅଧୀନରେ ନିର୍ମାଣଧିନ ରାସ୍ତାଘାଟର ନିର୍ମାଣ କାର୍ଯ୍ୟ ସହିତ ଏହାର ରକ୍ଷଣାବେକ୍ଷଣ ଉପରେ ସମୀକ୍ଷା କରିବା ସହିତ ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ, ଆଇ ଟି ଡି ଏ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ତଥା ଭବିଷ୍ୟତରେ ହେବାକୁଥିବା ପ୍ରସ୍ତାବିତ ଜନ କଲ୍ୟାଣକାରୀ ପ୍ରକଳ୍ପ ଗୁଡିକର ରୋଡମେପ ଓ କାର୍ଯ୍ୟ ଖସଡ଼ା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ସମୀକ୍ଷା ସମୟରେ ବିଶେଷ କରି ଗମନାଗମନ ପାଇଁ ଲୋକ ମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଥିବାରୁ ରାସ୍ତାଘାଟ ନିର୍ମାଣ କାର୍ଯ୍ୟରେ ମନ୍ଥର ଗତିର କାରଣ ପଚାରି ଥିଲେ । ନିର୍ମାଣଧିନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଦେଖାଦେଉଥିବା ଅନ୍ତରାୟ ଓ ପ୍ରତିବନ୍ଧକ ଗୁଡିକର କିପରି ସମାଧାନ ହେବ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତତ ସହିତ ବିଭିନ୍ନ ବିଭାଗର ସମନ୍ୱୟରେ କିପରି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଧାର୍ଯ୍ୟ ଅବଧି ମଧ୍ୟରେ ସୁଚାରୁ ରୂପେ ସମ୍ପୂର୍ଣ୍ଣ ହେବ ସେ ବିଷୟରେ ସମୀକ୍ଷା କରିଥିଲେ । ଲଗାଣ ବର୍ଷା ହେତୁ ବର୍ତ୍ତମାନ ରାସ୍ତାଘାଟର ସ୍ଥିତି, ଲୋକମାନଙ୍କ ପାଇଁ ଯାତାୟାତ ସମସ୍ୟା ଏକ ମୌଳିକ ସମସ୍ୟା ଦେଖା ଦେଇଛି । ତେଣୁ ଗୁରୁତର ଭାବେ ନଷ୍ଟ ହୋଇଥିବା ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଦୁର୍ଗା ପୂଜା ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଂକୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ ବ୍ୟତୀତ ନିର୍ମାଣ କାର୍ଯ୍ୟର ଉତ୍ତମ ମାନର ହେବା ଉଚିତ । ଏଥିରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସ୍ପଷ୍ଟୋକ୍ତି କରିଥିବା ବେଳେ ଯେଉଁ ଠିକାଦାର ସଂସ୍ଥା ମାନେ ଧାର୍ଯ୍ୟ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ଅବହେଳା ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ କଳା ତାଲିକା ଭୁକ୍ତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ଉପଖଣ୍ଡ ସ୍ତରୀୟ ଅଧିକାରୀ,ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନଙ୍କ ସହ ବରିଷ୍ଠ ବିଜେପି ନେତା କାନ୍ଦ୍ରା ସୋରେନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



# କିଛି ଜାଣିବା କିଛି ଜଣେଇବା କାର୍ଯ୍ୟକ୍ରମ

ଜୟପୁର, ୯/୦୯ (ନି.ପ୍ର): ଜୟପୁର ସି. ଟି. ହାଇସ୍କୁଲ ଠାରେ, ସିଓ୍ୱା ଅନୁଷ୍ଠାନ ଜୟପୁର ଦ୍ୱାରା ଆୟୋଜିତ ହୋଇଯାଇଛି କିଛି ଜାଣିବା କିଛି ଜଣେଇବା-ଜଣା ଅଜଣା କାର୍ଯ୍ୟକ୍ରମ, 'ରାମାୟଣ କୁଇଜ' । କୋମଳମତି ପିଲାଙ୍କ ମନ-ହୃଦୟରେ ଆଧାତ୍ମିକ ଭାବ ଜାଗ୍ରତ କରିବା ତଥା ଜଣେ ମଣିଷ ପରି ମଣିଷ କରାଇବା ପାଇଁ ଚେଷ୍ଟା କରିବା, ବଡ଼ଙ୍କୁ ସମ୍ମାନ ଏବଂ ଛୋଟକୁ ସ୍ନେହ, ମଣିଷ ପ୍ରତି ଭକ୍ତି, ପରିବେଶ ସହିତ ଶୃଙ୍ଖଳିତ ଜୀବନଯାପନ କରିବା ଭଳି ଏକ ନୂଆ ରୂପରେ କୁଇଜ ମାଧ୍ୟମରେ ପିଲାଙ୍କୁ ମଣିଷ ଧର୍ମ ବିଷୟରେ ଅବଗତ କରେଇବା ପାଇଁ ଏକ ପ୍ରୟାସ କରିଥିଲା ଅନୁଷ୍ଠାନ । ଆୟୋଜିତ କୁଇଜରେ ବିଭିନ୍ନ ବିଦ୍ୟାଳୟରୁ ୧୮ ଗୋଟି ବିଦ୍ୟାଳୟରୁ ମୋଟ ୧୫୭ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ ।ଲେଖକ, ଗାଳ୍ପିକ, ସୁବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ନଳିନୀ ରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀରାମଙ୍କର ଯାତ୍ରା, ରାମାୟଣର ବର୍ତ୍ତମାନ ଯୁଗରେ ଆବଶ୍ୟକତା ତଥା, ପ୍ରତ୍ୟେକ କର୍ତ୍ତବ୍ୟ ପରାୟଣ ହେବାର କଳା ଜାଣିବା ଦରକାର ବୋଲି କହିଥିଲେ । ଏସବୁ ଶୁଣିବା ପରେ ଅଭିଭାବକ ତଥା ଶିକ୍ଷକ ଏବଂ କର୍ମକର୍ତା ମଧ୍ୟରେ ଭୁରି ଭୁରି ପ୍ରଶଂସା ଶୁଣିବାକୁ ମିଳିଥିଲା । ପିଲାମାନେ ଏଭଳି କାର୍ଯ୍ୟକ୍ରମରେ ଭାଗ ନେଇ ନିଜକୁ ଧନ୍ୟ ମନେ କରୁଛୁ ବୋଲି କହିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ନାଟ୍ୟକାର, କଣ୍ଠଶିଳ୍ପୀ, ଭାଗବତ ଶିକ୍ଷା ପ୍ରଦାୟକ ଆଧାତ୍ମିକ ପାଠଶାଳାର ମୁଖ୍ୟ ପ୍ରବଚକ ଅନିଲ ମହାପାତ୍ର ଏବଂ ପ୍ରବଚିକା ସୋନାଲି ପତି ମହୋଦୟା, ବିଦ୍ୟାଳୟର ସମ୍ପାଦକ ଶଶୀ ଭୂଷଣ ପଟ୍ଟନାୟକ ଉପସ୍ଥିତ ଥିଲେ । ଏହି ସମୟରେ ସିଓ୍ୱା ଅନୁଷ୍ଠାନର ସଭାପତି ସୁଧାକର ପଟ୍ଟନାୟକ ସଭାକୁ ସଂଚାଳନ କରିଥିବା ସମୟରେ ଅନୁଷ୍ଠାନର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥିଲା । ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ, ଦ୍ୱିତୀୟ, ତୃତୀୟ, କନିଷ୍ଠ ବିଭାଗରେ ପ୍ରଥମ ଦ୍ୱିତୀୟ ତୃତୀୟ ତଥା ୬ ଜଣ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା । ପ୍ରଥମେ ଲିଖିତ ଏବଂ ପରେ ମୌଖିକ କୁଇଜ କରାଯାଇଥିଲା ।

# ଯୁବକଙ୍କୁ ଛୁରା ମାଡ ନେଇ ଥାନାରେ ଅଭିଯୋଗ

ଜୟପୁର, ୯/୦୯ (ନି.ପ୍ର): ଯୁବକଙ୍କୁ ଛୁରାମାଡ ହୋଇଥିବା ନେଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ କୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଛୁରା ମାଡରେ ୫ଜଣ ଅଭିଯୁକ୍ତ ସାମିଲ ଥିବା ରହିଥିବା ନେଇ ଜୟପୁର ସହର ବାପୁଜୀ ନଗରର ମୁକେଶ ଖରା ଲିଖିତ ଅଭିଯୋଗ କରିଛନ୍ତି । ମାମଲା ଅନୁଯାୟୀ ଗତ କାଲି ସଂଧ୍ୟା ୭ଟା ସମୟରେ ଅଭିଯୋଗକାରୀ ଚନ୍ଦ୍ରଶେଖର ଖରା ଏବଂ ତାଙ୍କ ଅନ୍ୟ ୪ଜଣ ସାଙ୍ଗ ସ୍ଥାନୀୟ ସତିଗୁଡା (ୟେଲୋ ଡେମ)କୁ ବୁଲିବାକୁ ଯାଇଥିଲେ । ସେଠାରେ ପୂର୍ବରୁ ରହିଥିବା ୫ଜଣ ଯୁବକ ପୀଡିତ ଯୁବକ ଏବଂ ତାଙ୍କ ସାଙ୍ଗ ସାଥିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହିପରି ଉଭୟଙ୍କ ଦଳ ମଧ୍ୟରେ ବଚସା ହୋଇଥିଲା, ବିରୋଧି ପକ୍ଷରୁ ହତ୍ୟା କରିବାକୁ ଧମକ ଦେବା ସହ ମାଡ ମାରିଥିଲେ । ଏହିପରି ପ୍ରତିପକ୍ଷ ଏହାକୁ ପ୍ରତିରୋଧ କରିବାକୁ ଅଭିଯୁକ୍ତ ଯୁବକଙ୍କ ମଧ୍ୟରେ ବାଚସା ହେବା ପରେ ଜଣେ ଯୁବକ ହଠାତ ଏକ ଛୁରା ବାହର କରିବା ସହ ଆକ୍ରମଣ କରିଥିଲେ । ଏଥିରେ ଚନ୍ଦ୍ରଶେଖରଙ୍କ କାନରେ ଗଭୀର ଆଘାତ ଲାଗିବା ସହ ରକ୍ତ ସ୍ରାବ ହୋଇଥିଲା । ଏହିପରି ଖବର ପାଇ ପୀଡିତଙ୍କ ପିତା ଘଟଣାସ୍ଥଳରେ ପହଂଚିଥିଲେ ।

# ଡାକ୍ତରଖାନାରେ ମିଳୁନି କ୍ୟାନ୍ସର ଔଷଧ: କେମୋ ପାଇଁ ଛଟପଟ ରୋଗୀ

ମାଲକାନଗିରି, ୯/୦୯ (ନି.ପ୍ର): ଡାକ୍ତରଖାନାରେ ମିଳୁନି କ୍ୟାନ୍ସର ଔଷଧ । କେମୋ ପାଇଁ ଛଟପଟ ରୋଗୀ । ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ଓ କେମୋ ଥେରାପିର ବ୍ୟବସ୍ଥା ରହିଛି । ହେଲେ ମାଲକାନଗିରି ଜିଲ୍ଲାରେ ମାସ ମାସ ଧରି ବିଭିନ୍ନ ଡାକ୍ତରଖାନାରେ କ୍ୟାନ୍ସର ଔଷଧ ଉପଲବ୍ଧ ନହେବାରୁ କେମୋ ଚିକିତ୍ସାରୁ ବଂଚିତ ରୋଗୀ । କର୍କଟ ରୋଗ ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଛି କର୍କଟ ପ୍ରଶମନ କେନ୍ଦ୍ର । କେମୋ ଚିକିତ୍ସା ପାଇଁ ରହିଛି ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା । ହେଲେ ଅଧିକାଂଶ ଜିଲ୍ଲାରେ ମିଳୁନି ଏହି ସୁବିଧା । ମାଲକାନଗିରି ଜିଲ୍ଲା ପରକନମାଳା ଗାଁର ଜଗନ୍ନାଥ କ୍ୟାନ୍ସର ରୋଗରେ ପୀଡ଼ିତ । କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ୩ଟି କୋମୋ ନେଇଥିଲେ । ପରବର୍ତୀ କେମୋ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନେବା ଲାଗି ପରାମର୍ଶ ଦେଇ ଘରକୁ ପଠାଇ ଦେଇଥିଲେ କଟକର ଡାକ୍ତର ପ୍ରଶାନ୍ତ ପରିଡ଼ା । ଡାକ୍ତରଙ୍କ ପରାମର୍ଶ କ୍ରମେ କେମୋ ନେବାକୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଂଚିଥିଲେ ଜଗନ୍ନାଥ । ହେଲେ ଏଠାରେ ଔଷଧ ନଥିବା ଜାଣି ନିରାଶ ହୋଇଛନ୍ତି । କର୍କଟ ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି । ସବୁ ରୋଗୀ କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର କି ଘରୋଇ ଡାକ୍ତରଖାନାକୁ ଯାଇ କେମୋ ନେବା ସହଜ ନୁହେଁ । ତେଣୁ ରୋଗୀଙ୍କ ସୁବିଧା ପାଇଁ ରାଜ୍ୟର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ରୋଗ ଚିକିତ୍ସା ଓ ପ୍ରଶମନ କେନ୍ଦ୍ର ରହିଛି । ୫ ବର୍ଷ ତଳୁ ଏହାର ଶୁଭାରମ୍ଭ କରିଛନ୍ତି ପୂର୍ବ ସରକାର । ହେଲେ ୪ ମାସ ହେବ ମାଲକାନଗିରି ଡେ'କେୟାର କେମୋ ଥେରାପି ସେଂଟରରେ ଔଷଧ ଅଭାବ ରହିଛି । ଏନେଇ ଓଡ଼ିଶା ଔଷଧ ନିଗମକୁ ଅବଗତ କରାଯାଇଥିବା କହିଛନ୍ତି ଡାକ୍ତର ।

# ମୁକ୍ତି ସଂଗ୍ରାମର ମହାନାୟକ - ବାଘାଯତୀନ

ଭୋଳାନାଥ ସାହୁ



ଭାରତ ବର୍ଷର ସ୍ୱାଧିନତା ବହୁସଂଗ୍ରାମର ଏକ ମଧୁରଫଳ । ପରାଧିନତା ଶୃଙ୍ଖଳରୁ ମୁକ୍ତ କରି ଦେଶକୁ ସ୍ୱାଧିନ କରିବା ପଶ୍ଚାତରେ ସୁଦୀର୍ଘ ଇତିହାସ ରହିଛି । ଏହି

ଇତିହାସର ପୃଷ୍ଠା କେତେବେଳେ କାନ୍ତ-କମନୀୟ ହୋଇଛି ତ ପୁଣି କେତେବେଳେ ରକ୍ତ ରଂଜିତ ହୋଇଛି । ଭାରତବର୍ଷ ୧୭୫୭ ମସିହାରୁ ୧୯୪୭ ପର୍ଯ୍ୟନ୍ତ ଦୀର୍ଘ ୧୯୦ ବର୍ଷ ମଧ୍ୟରେ ଇଂରେଜ ସରକାର ସମ୍ମୁଖିନ ହୋଇଥିବା ବହୁବିଧ ସମସ୍ୟା ମଧ୍ୟରୁ ବାଲେଶ୍ୱର ଜିଲ୍ଲାର ଚଷାଖଣ୍ଡ ସମସ୍ୟା ଅନ୍ୟତମ । ଯାହାକୁ ଉନବିଂଶ ଶତାବ୍ଦୀର ନବଭାରତ ସଂଗ୍ରାମର "ହଳଦୀଘାଟ ଯୁଦ୍ଧ" କୁହାଯାଇପାରେ । ଯେଉଁ ଯୁଦ୍ଧର ନାୟକ ଥିଲେ ଯତୀନ୍ଦ୍ରନାଥ ମୁଖାର୍ଜୀ । ଯିଏ ସମଗ୍ର ଭାରତବର୍ଷରେ "ବାଘାଯତୀନ" ନାମରେ ପରିଚିତ । ନିଜ ଜୀବନର ସୁଖ ଶାନ୍ତିକୁ ତିଳତିଳ କରି ଭାରତବର୍ଷର ସ୍ୱାଧିନତା ପାଇଁ ଯେଉଁ ସଂଗ୍ରାମ ଜାରି ରଖି ଶେଷରେ ଗୁଳିବିଦ୍ଧ ହୋଇ ବାଲେଶ୍ୱର ଜିଲ୍ଲା ଡ଼ାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ, ତାଙ୍କର ମୃତ୍ୟୁରେ ସେ ଆଜି ସମସ୍ତ ଭାରତୀୟଙ୍କ ମାନସ ପଟ୍ଟରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବେ । ସେଥିଲେ ମୁକ୍ତି ସଂଗ୍ରାମର ମୂର୍ତ୍ତିମନ୍ତ ଅବତାର, ପରମଦେଶପ୍ରୀତିର ମହାନାୟକ ଓ ସ୍ୱାଧିନତା ସଂଗ୍ରାମର ଅଗ୍ରଦୂତ ।

୧୮୭୯ ମସିହା ଡ଼ିସେମ୍ବର ୭ ତାରିଖରେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର କାୟା ଗ୍ରାମରେ ପିତା ଉମେଶ ଚନ୍ଦ୍ର ମୁଖାର୍ଜୀଙ୍କ ଔରସରୁ ଓ ମାତା ଶାରଦା ଶଶୀ ଦେବୀଙ୍କ ଗର୍ଭରୁ ଜନ୍ମଲାଭ କରିଥିଲେ । କୈଶୋର ଜୀବନରେ ପିତାଙ୍କୁ ହରାଇ ମାତାଙ୍କର ପ୍ରେରଣାରେ ଜୀବନକୁ ଗଢ଼ିବାର ଦିଗ୍‌ଦର୍ଶନ ଲାଭ କରିଥିଲେ । ମାଙ୍କର ଉକ୍ତିଥିଲା - "ବିପଦ ସମୟରେ ସାହସର ସହିତ ମୁକାବିଲା କଲେ ବିପଦ ଟଳିଯାଏ ।" - ଯତୀନ୍ଦ୍ର ନାଥଙ୍କୁ ଏହି ପଦିଏ କଥା ସାହସ ଓ ଧୈର୍ଯ୍ୟଶୀଳ କରି ଗଢ଼ିଥିଲା । କ୍ରୀଡ଼ା ପ୍ରାନ୍ତରରୁ ଖେଳ ଶେଷ କରି ଫେରୁଥିବା ସମୟରେ ପଥଉପରେ କୁକୁରକୁ ଦେଖି ଭୟଭୀତ ହୋଇ ମାଙ୍କୁ ଡ଼ାକିବା ପ୍ରସଙ୍ଗ ହେଉ , ସାଙ୍ଗ ମାନଙ୍କ ସହିତ ନଈକୁ ଗାଧୋଇବାକୁ ଯାଇ ଲହଡ଼ି ଆସିବାରୁ କୂଳକୁ ଆସିନପାରି ପାଣିମଝିରେ ଥିବା ପଥର ଉପରେ ବସି କାନ୍ଦିବା ହେଉ, ସାଙ୍ଗ ମାନଙ୍କ ସହିତ ବଣକୁ ବଣ ଭୋଜି କରିବାକୁ ଯାଇ ହରିଣ ଶିକାର କରିବା ଓ ସେହି ହରିଣ ଛୁଆର ସେବା ଶୁଶ୍ରୁଷା କରିବା ପୂର୍ବକ ପୁଣି ବଣରେ ଛାଡ଼ିଦେବା ପ୍ରସଙ୍ଗ ହେଉ ଅଥବା ବଣୁଆ ରାସ୍ତାରେ ସାଙ୍ଗ ମାନଙ୍କ ସହିତ ଫେରୁ ଫେରୁ ବାଘ ଝାମ୍ପିବା ଓ ବାଘ ସହିତ ଏକାକୀ ଲଢ଼େଇ କରି ବାଘକୁ ମାରି ଯତୀନ୍ଦ୍ର ନାଥରୁ "ବାଘାଯତୀନ" ନାମ ଧାରଣ କରିବା ପ୍ରଭୃତି ପ୍ରତିଟି ଘଟଣା ପଛରେ ମାଙ୍କର ସେହି ପ୍ରେରଣା ଯତୀନ୍ଦ୍ରଙ୍କୁ ବାସ୍ତବ ମଣିଷରେ ରୂପାନ୍ତରିତ କରି ଗଢ଼ି ତୋଳିଥିଲା ଏହା ନିଃସନ୍ଦେହ ।

ଇଂରେଜ ମାନଙ୍କର ଅନ୍ୟାୟ, ଅନୀତି, ଶୋଷଣ, ଦୁର୍ନିତୀ ଭାରତୀୟଙ୍କୁ ବ୍ୟତିବ୍ୟସ୍ତ କରିଦେଇଥାଏ । ସେଦିନ ମା' ମଧ ତାଙ୍କୁ ପ୍ରେରଣା ଦେଇ କହିଥିଲେ - "ଯତୀନ୍ଦ୍ର ! ଦେଶ ମାତୃକାର ରକ୍ଷା ନିମନ୍ତେ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢ଼େଇ କରିବୁ ।" ଏକଦା ସେ ରେଳଗାଡ଼ିରେ ଦୂର ସ୍ଥାନକୁ ଯାଉଥିବା ସମୟରେ ଟ୍ରେନ ପଶ୍ଚିମବଙ୍ଗର ସିଲଗୁଡ଼ି ରେଳ ଷ୍ଟେସନରେ ଅଟକିଲା । ସେ ଝରକା ଦେଇ ଦେଖିଲେ ଚାରିଜଣ ଗୋରା ସାହେବ ସେ ଅଂଚଳର ଝିଅ ବୋହୁଙ୍କୁ ଅତ୍ୟାଚାର ଓ ଅଶ୍ଳୀଳ ଇଂଗିତ କରୁଛନ୍ତି । ଯେତେବେଳେ ସେ ପାଣି ପିଇବା ପାଇଁ ଷ୍ଟେସନରେ ଓହ୍ଲାନ୍ତି, ସେତେବେଳେ ତାଙ୍କୁ ଦେଖି ଇଂରେଜ ସାହେବ ମାନେ ଘଟଣାକୁ ଚପାଇଦେବା ପାଇଁ ଯତୀନକୁ ଧକ୍କା ମାରିଲେ । ମାଙ୍କ ଉପଦେଶ କଥା ତାଙ୍କର ମନେ ପଡ଼ିଲା । ମାତୃ ଜାତିର ସମ୍ମାନ ରକ୍ଷା କରିବାକୁ ଯାଇ ସେ ଗୋରା ସାହେବଙ୍କ ସହିତ ଲଢ଼େଇକଲେ ଓ ସେମାନଙ୍କୁ ମୁଥ ମାରି ତଳେ ପକାଇଦେଇ ନିଜ ଗନ୍ତବ୍ୟ ପଥରେ ଚାଲିଗଲେ ।

ଯତୀନ୍ଦ୍ର ନଦିଆର କ୍ରୀଷ୍ଟାନଗର ଅନ୍ତର୍ଗତ ଆଂଗ୍ଲୋଭର୍ନାକୁଲାର ସ୍କୁଲରେ ୧୮୮୫ ମସିହାରେ ଶିକ୍ଷା ସମାପ୍ତ କରି ଖୁଦିରାମ ବୋଷ ସେଂଟ୍ରାଲ କଲେଜରେ ଫାଇନ ଆର୍ଟ ଶିକ୍ଷା ଆରମ୍ଭ କଲେ । ଏହା ସହିତ ସେ ଷ୍ଟେନୋଗ୍ରାଫି ତାଲିମ ମଧ ନେଲେ । ଏହି ଶିକ୍ଷା ସମାପ୍ତି ପରେ ସେ ବଙ୍ଗଳା ସରକାରଙ୍କ ଅଧିନରେ ଷ୍ଟେନୋଗ୍ରାଫର ଚାକିରୀ ଆରମ୍ଭ କଲେ । ଏହି ସମୟରେ ତାଙ୍କର ଇନ୍ଦୁବାଳା ବାନାର୍ଜୀ ନାମକ କନ୍ୟା ସହିତ ବିବାହ ହୋଇଥିଲା । ଠିକ୍ ଏହି ସମୟରେ ବଙ୍ଗଳାରେ ପ୍ଲେଗ ରୋଗ ଦେଖାଦେଲା । ଯେଉଁ ରୋଗରେ ଆକ୍ରାନ୍ତ ହୋଇ ବହୁ ଲୋକ ମୃତ୍ୟୁବରଣ କଲେ । ବହୁ ରୋଗୀଙ୍କର ସେ ସେବା କରିଥିଲେ । ଏହି



ସମୟରେ ଅରବିନ୍ଦ ଘୋଷ, ନିବେଦିତା ଓ ଅନ୍ୟ କେତେକ ଦେଶ ଭକ୍ତଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ସେମାନଙ୍କର ପ୍ରେରଣା ତାଙ୍କ ଜୀବନରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣି ଦେଇଥିଲା । ବାଘାଯତୀନ "ଯୁଗାନ୍ତର" ନାମକୁ ଏକ କ୍ରାନ୍ତୀକାରି ବାହିନୀ ଗଠନ କଲେ । ଦେଶ ସ୍ୱାଧିନ ନିମନ୍ତେ ସେ ମନବଳାଇଲେ । ଇଂରେଜ ମାନଙ୍କୁ ବିତାଡ଼ିତ କରିବାର ସଂଗ୍ରାମ ଜାରି ରଖିଲେ । ଫଳରେ ଅରବିନ୍ଦ ଘୋଷ ସମେତ ବହୁ ନେତାଙ୍କୁ ଇଂରେଜ ସରକାର ଗିରଫ କଲେ । ଆଲିକୋର୍ଟ କୋର୍ଟରେ ଏହାର ବିଚାର ଚାଲିଥିବା ସମୟରେ ଇଂରେଜ ସରକାରଙ୍କ ଡ଼େପୁଟି ସୁପରିଟେଣ୍ଡେଂଟ ଓ ସରକାରୀ ଓକିଲକୁ ହତ୍ୟା କରାଗଲା । ଏହି ଘଟଣାରେ ଇଂରେଜ ସରକାର ବାଘାଯତୀନକୁ ଗିରଫ କଲା । ଏହି ସମୟରେ ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥାଏ । କିଛିଦିନ ପରେ ବାଘାଯତୀନ ଜେଲରୁ ମୁକୁଳି ଦେଶବାସୀଙ୍କୁ ଏକଜୁଟ କରିବାରେ ଲାଗିଲେ । ହାୱଡ଼ା ଠାରେ ଥିବା ଇଂରେଜ ମାନଙ୍କର ଅସ୍ତ୍ରାଗାରକୁ ଭାଙ୍ଗି ସେଥିରୁ ଅସ୍ତ୍ରଶସ୍ତ୍ର ଓ ଗୁଳି ଗୋଳା ବାରୁଦ ଚୋରାଇନେଲେ । ବାଘାଯତୀନକୁ ଏହି ଘଟଣାରେ ମୁଖ୍ୟ ମନେକରି ଇଂରେଜ ସରକାର ଧରିବା ପାଇଁ ଚାରିଆଡ଼େ ଜାଲ ବିଛାଇଦେଲେ । ମାତ୍ର କୌଶଳକ୍ରମେ ବାଘାଯତୀନ ପଂଜାବ ପ୍ରଦେଶକୁ ଖସିପଳାଇଲେ । ସେଠାରୁ ସେ ବର୍ମା, ସିଙ୍ଗାପୁର, ଜାଭା, ଜାପାନ ପ୍ରଭୃତି ଦେଶକୁ ଗ୍ରସ୍ତ କରି ଭାରତର ସ୍ୱାଧିନତା ନିମନ୍ତେ ସେମାନଙ୍କୁ ଏକଜୁଟ କଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଲଢ଼ିବାକୁ ହେଲେ ଅସ୍ତ୍ରଶସ୍ତ୍ର ଓ ଗୁଳି ଗୋଳାବାରୁଦ ଆବଶ୍ୟକ । ବାଘାଯତୀନ ଜର୍ମାନ ଓ ଜାପାନ ସହିତ ସମ୍ପର୍କ ପ୍ରତିଷ୍ଠା କରି ଜର୍ମାନରୁ ଅସ୍ତ୍ର ଶସ୍ତ୍ର ଆଣିବା ପାଇଁ ନିଷ୍ପତି ନେଲେ । ଏହି ସମୟରେ ସେ ଭାରତରେ "ଶ୍ରମଜୀବୀ ସମବାୟ ସଂଗଠନ" ଓ ଆନ୍ତର୍ଜାତିକ ସ୍ତରରେ "ୟୁନିଭାରସାଲ ଏମ୍ପୋରିୟମ" ନାମରେ ଏକ ସଂଗଠନ ଗଠନ କଲେ ।

ଜର୍ମାନରୁ ୩ଟି ଅସ୍ତ୍ରଶସ୍ତ୍ର ବୋଝେଇ ଜାହାଜ ବାହାରି ବାଲେଶ୍ୱର ଠାରେ ଲାଗିବାର ବ୍ୟବସ୍ଥା ହେଲା । ବାଘାଯତୀନ ଏଥିରେ ନିଜେ ଦାୟିତ୍ୱ ନେଲେ । ମାତ୍ର ବିଡ଼ମ୍ବନା ଏହାଯେ ଫ୍ରାନ୍ସ ସରକାର ଏହି ଘଟଣାକୁ ଇଂରେଜ ସରକାରଙ୍କୁ ଜଣାଇଦେଲା । ଯାହାଦ୍ୱାରା ବାଘାଯତୀନଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହେଲା । ଇଂରେଜ ସରକାର ଏହି ତିନୋଟି ଜାହାଜ ଉପରେ ଚଢ଼ାଉ କରି ଆସିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସମୁଦ୍ରକୁ ନିକ୍ଷେପ କରିଦେଲେ । ଏହା ସହିତ ଯୋଜନାକାରୀଙ୍କୁ ଦମନ କରିବା ନିମନ୍ତେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ଏହି ସମ୍ବାଦ ପାଇ ବାଘାଯତୀନ କପ୍ତିପଦାରେ ରହୁଥିବା ଶ୍ରେଣୀବନ୍ଧୁଙ୍କ ସହିତ ଯୋଗାଯୋଗ କରିବା ପରେ ନିଜର ସାଥି ମନୋରଂଜନ ସେନ ଗୁପ୍ତା, ଯତୀନ୍ଦ୍ର ପାଲ, ନିରେନ ରାୟ ଓ ଚୌଧୁରୀଙ୍କ ସହିତ ସନ୍ୟାସୀ ବେଶ ଧାରଣ କରି ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ନିକଟବର୍ତ୍ତୀ ଜଙ୍ଗଲରେ ଆତ୍ମଗୋପନ କଲେ । ଇଂରେଜ ସରକାର ଏହା ଜାଣିବା ପରେ କାଳ ବିଳମ୍ବ ନକରି ଜଙ୍ଗଲ ଚାରିପଟେ ଘେରଉ କଲେ । ମାତ୍ର ଏ ଖବର କୌଶଳକ୍ରମେ ବାଘାଯତୀନ ଓ ବନ୍ଧୁମାନେ ପାଇ ଦୂରସ୍ଥାନକୁ ଚାଲିଯିବା ପାଇଁ ଉଦ୍ୟମ କଲେ । ଶେଷରେ ଦୁଇଦିନ ପରେ ବାଲେଶ୍ୱର ରେଳ ଷ୍ଟେସନରେ ପହଂଚିଲେ । ସେଠାରୁ ଟ୍ରେନ ଇଂରେଜ ମାନଙ୍କ ଦ୍ୱାରା ଚେକିଂ ହେଉଥିବା ଜାଣି ବାଘାଯତୀନ ଓ ସାଥୀ ମାନେ ଚଳନ୍ତା ଟ୍ରେନରୁ ଡ଼େଇଁ ପଡ଼ିଲେ । ସେଠାରୁ ବାଲେଶ୍ୱରର ଚଷାଖଣ୍ଡ ନାମକ ଗ୍ରାମରେ ପହଂଚିଲେ । ସେହି ଗ୍ରାମରେ ରହିଥିବା ଇଂରେଜ ମାନଙ୍କର ଦୁଇଜଣ ଗୁଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ବାଘାଯତୀନକୁ ଚିହ୍ନିପାରି ଇଂରେଜ ସରକାରଙ୍କୁ ଜଣାଇଦେଲେ । କାଳବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗ୍ରାମ ଓ ନିକଟବର୍ତ୍ତୀ ଜଙ୍ଗଲକୁ ଘେରାଉ କରିନେଲେ । ଉଭୟଙ୍କ ମଧ୍ୟରେ ଘମାଘଟ ଲଢ଼େଇ ଚାଲିଲା । ବାଘାଯତୀନ ଓ ସାଥୀ ଇଂରେଜ ସୈନ୍ୟ ମାନଙ୍କୁ "ଗୁଳିର ଜବାବ ଗୁଳିରେ" ଦେଇଥିଲେ । ଫଳରେ ଇଂରେଜ ସୈନ୍ୟ ବାହିନୀ ଛତ୍ରଭଙ୍ଗ ଦେଲେ । ଏହି ଯୁଦ୍ଧ "ବାଲେଶ୍ୱର ଯୁଦ୍ଧ" ନାମରେ ନାମିତ । ଏଥିରେ ମନୋରଂଜନ ସେନଗୁପ୍ତା ଓ ନିରେନ ରାୟ ପଳାୟନ କଲେ । ଯତୀନ ପାଲ ମର୍ମନ୍ତୁଦ କ୍ଷତାକ୍ତ ହେଲେ । ଘଟଣାସ୍ଥଳରେ ଚୌଧୁରୀଙ୍କର ମୃତ୍ୟୁ ହେଲା । ଆଖି ଆଗରେ ତାଙ୍କର ମୃତ୍ୟୁ ଦେଖି ବାଘାଯତୀନ ବେହୋସ ହୋଇ ପଡ଼ିଲେ । ଉଭୟଙ୍କୁ ଧରି ଇଂରେଜ ସୈନ୍ୟ ମାନେ ବାଲେଶ୍ୱର ଜିଲ୍ଲା ଡ଼ାକ୍ତରଖାନାରେ ପହଂଚିଲେ ବାଘାଯତୀନ ଦେହରୁ ପ୍ରବଳ ରକ୍ତ ସ୍ରାବ ହୋଇଥିବାରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗମ୍ଭୀରଥିଲା ସେତିକି ବେଳେ ବାଘାଯତୀନ ଟୋପାଏ ପାଣି ପାଇଁ ଚିତ୍କାର କଲେ । ଉପସ୍ଥିତ ଇଂରେଜ ସରକାରଙ୍କ ଟେଗାର୍ଟ ସାହେବ ପାଣି ଆଣି ବାଘାଯତୀନଙ୍କୁ ଦେଲେ ମାତ୍ର ସେ ପାଣି ନପିଇ ଫେରାଇଦେଲେ ।

ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବାଘାଯତୀନ ଦେଶ ଭକ୍ତିର ନମୁନା ଦେଖାଇଥିଲେ । ଓଲଟି ସେ ପାଣି ଦେଉଥିବା ଟେଗାର୍ଟ ସାହେବଙ୍କୁ ପ୍ରଶ୍ନ କରିଥିଲେ - "ହେ ଟେଗାର୍ଟ ସାହେବ ! ତୁମେ ପାଣି ବଦଳରେ ଏ ଦେଶକୁ ଛାଡ଼ି ଚାଲିଯାଇ ପାରିବ ? ଦେଶ ବାସୀଙ୍କୁ ତୁମେ ସ୍ୱାଧିନତା ଫେରାଇ ଦେଇପାରିବ ?" କଷ୍ଟ ଓ ଯନ୍ତ୍ରଣା ମଧ୍ୟରେ ବାଘାଯତୀନଙ୍କ ଦେଶଭକ୍ତି ଦେଖି ଟେଗାର୍ଟ ସାହେବ ନୀରବ ହୋଇଯାଇଥିଲେ । ସେହି ସାହସୀ ଦେଶଭକ୍ତ ବିପ୍ଳବୀ ବାଘାଯତୀନ ଭାରତ ମାତାଙ୍କୁ ପ୍ରଣାମ କରି ୧୯୧୫ ମସିହା ସେପ୍ଟେମ୍ବର ୧୦ ତାରିଖରେ ମାତ୍ର ୩୫ ବର୍ଷ ବୟସରେ ବାଲେଶ୍ୱର ଜିଲ୍ଲା ଡ଼ାକ୍ତରଖାନାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସମସ୍ତ ଆତ୍ମସ୍ୱାର୍ଥକୁ ଭୁଲି ଦେଶମାତୃକା ପାଇଁ ପ୍ରାଣବଳୀ ଦେଇଥିବା ବାଘାଯତୀନ ଆଜି "ଶହୀଦ ବାଘାଯତୀନ" ଭାବରେ ସବୁରି ମାନସ ପଟ୍ଟରେ ସ୍ମୃତି ହୋଇ ରହିଯାଇଛନ୍ତି । କପ୍ତିପଦାର ସେହି ପାହାଡ଼ ଯେଉଁଠାରେ ବାଘାଯତୀନ ଲୁଚିଥିଲେ ତାହା ଏବେ ସବୁରି ମୁଖରେ 'ବାଘାଯତୀନ ପାହାଡ଼' ଏହାର ସମ୍ମୁଖରେ ଥିବା ବିସ୍ତୀର୍ଣ୍ଣ ପ୍ରାନ୍ତର 'ବାଘାଯତୀନ ପଡ଼ିଆ' ନାମରେ ବୋଲାଇ ପଥଚାରୀଙ୍କୁ ଆକୃଷ୍ଟ କରୁଥିବା ସହିତ ଏ ଅଂଚଳବାସୀଙ୍କୁ ଗର୍ବାନ୍ୱିତ କରୁଛି ।

+ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ
ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

# ବିପ୍ଳବୀ ବାଘା ଯତୀନ୍

ଡଃ.ଅରୁନ୍ଧତୀ ଦେବୀ



ଭାରତୀୟ ମୁକ୍ତି ସଂଗ୍ରାମର ମହାଯୋଦ୍ଧା ଯତୀନ୍ଦ୍ରନାଥ ମୁଖୋପାଧ୍ୟାୟ ସମଗ୍ର ଭାରତୀୟଙ୍କ ପାଖରେ ବିପ୍ଳବୀ ମହାଯୋଦ୍ଧା ବୀର ବାଘା ଯତୀନ୍ ଭାବେ ପରିଚିତ । ୧୯୧୫ ମସିହା ସେପ୍ଟେମ୍ବର ୧୦ ତାରିଖରେ ଭାରତ ମାତାର ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଏହି ଯୋଦ୍ଧା ଶହୀଦ ହୋଇଥିଲେ । କୁହାଯାଏ ସେ ଥିଲେ ପରାଧୀନ ଭାରତବର୍ଷର ପ୍ରଥମ ସଶସ୍ତ୍ର ମୁକ୍ତି ସଂଗ୍ରାମୀ । ୧୯୧୫ ମସିହା ଫେବୃୟାରୀରେ ଦେଶ ମାତୃକାରକୁ ଗୋରା ଫୌଜଙ୍କ ଠାରୁ ମୁକ୍ତି କରିବା ପାଇଁ ଏହି ବିପ୍ଳବୀ ଯୋଦ୍ଧା ଅଖିଳ ଭାରତ ପ୍ରତ୍ୟକ୍ଷ ସଶସ୍ତ୍ର ସଂଗ୍ରାମ ପାଇଁ ଯୋଜନା କରି ପ୍ରବଳ ପରାକ୍ରମୀ ଗୋରାଫୌଜଙ୍କ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଥିଲେ । ବୀର ବାଘା ଯତୀନ୍ ନିଜ ବିପ୍ଳବୀ ସାଥୀମାନଙ୍କୁ ନେଇ ଓଡ଼ିଶା ପଟୁ କୋଲକାତା - ଚେନ୍ନାଇ ରେଳପଥକୁ ଉଡାଇ ଦେଇ ବାଲେଶ୍ୱରର ତତ୍‌କାଳୀନ ଚାନ୍ଦିପୁର



ବନ୍ଦରରେ ଥିବା ଜର୍ମାନ ଯୁଦ୍ଧ ପୋତରୁ ନିଜ ସଂଗ୍ରାମ ପାଇଁ ଲୋଡ଼ା ପଡୁଥିବା ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବାର ଯୋଜନା କିନ୍ତୁ ପୂର୍ବରୁ ଇଂରେଜଙ୍କ ଗୋଇନ୍ଦାମାନେ ଜାଣିପାରିଥିଲେ । ପରବର୍ତ୍ତୀ ସମୟରେ ଏହି ଯୋଦ୍ଧା ତାଙ୍କ ସଂଗ୍ରାମୀ ସତୀର୍ଥ ନିରେନ୍ଦ୍ର ଦାସଗୁପ୍ତ, ଯତୀଶ ପାଲ, ମନୋରଞ୍ଜନ ସେନଗୁପ୍ତ ଓ ଚିତ୍ତପ୍ରିୟ ରାୟଚୌଧୁରୀଙ୍କୁ ଧରି ବେଶ ଚତୁରତାର ସହିତ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ ଗୋପନରେ ଓଡ଼ିଶାରେ ପାଦ ଦେଇଥିଲେ । ଏ ତଥ୍ୟ ଇଂରେଜମାନେ ଜାଣିପାରି କପ୍ତିପଦାର ମହୁଲଡ଼ିଆରେ ଚଢ଼ାଉ କରିଥିଲେ । ସେ କିନ୍ତୁ ସେ ସ୍ଥାନରୁ ପଳାୟନ ନକରି ଜଣେ ଭାରତ ମାତାର ସନ୍ତାନ ଭାବେ ସୀମିତ ସାଥୀମାନଙ୍କୁ ଧରି ଇଂରେଜଙ୍କ ବିରୁଦ୍ଧରେ ଆକ୍ରମଣ ଆରମ୍ଭ କରିଥିଲେ । ମାତ୍ର ପାଞ୍ଚଜଣ ବିପ୍ଳବୀ ଯୋଦ୍ଧା ବ୍ରିଟିଶ ଫୌଜକୁ ବେଶ୍ ପାଣି ପିଆଇଥିଲେ । ଦେଶୁଆଁ ପୋଖରୀ କୂଳ ରଣକ୍ଷେତ୍ର ପାଲଟିଥିଲା । କୁହାଯାଏ ସକାଳ ନଅଟାରୁ ଅପରାହ୍ନ ଚାରିଟା ପାଖାପାଖି ସାତଘଣ୍ଟାର ଲମ୍ବା ଓ ଘମାଘୋଟ ଲଢ଼େଇରେ ପ୍ରଥମେ ଇଂରେଜମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ । ସେମାନଙ୍କ ଗୁଳିରେ ଗୁରୁତର ଆହାତ ହୋଇଥିଲେ ବାଘା ଯତୀନ୍ ନିଜେ ଓ ତାଙ୍କ ଚାରିଜଣ ସତୀର୍ଥ ସଂଗ୍ରାମୀ ବନ୍ଧୁ । ବାଲେଶ୍ୱର ଡାକ୍ତରଖାନାରେ ସେପ୍ଟେମ୍ବର ୧୦ ତାରିଖ ଦିନ ବନ୍ଦେ ମାତରମ୍ କହି ଶହୀଦ ହୋଇଯାଇଥିଲେ ସେ । ପରବର୍ତ୍ତୀ ସମୟରେ ତାଙ୍କ ବନ୍ଧୁ ମନୋରଞ୍ଜନ ଓ ନୀରେନ୍‌ଙ୍କୁ ଗୋରାଫୌଜ ବାଲେଶ୍ୱର ଜେଲର ଫାଶୀଖୁଣ୍ଟରେ ଝୁଲାଇଥିଲେ ଓ ଅନ୍ୟତମ ଯୋଦ୍ଧା ଯତୀଶକୁ କଳାପାଣି ଦେଶାନ୍ତର କରିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ଆତ୍ମହତ୍ୟା : ଦିନକୁ ଯାଉଛି ୧୨ ଜୀବନ
## ପାରିବାରିକ ସମସ୍ୟା କାରଣରେ ଓଡ଼ିଶା ନମ୍ବର-୨

ଡାକ୍ତର ସମ୍ରାଟ କର



ଆନ୍ତର୍ଜାତିକ ସ୍ତରରେ ଆତ୍ମହତ୍ୟା ନିରାକରଣ ଚେଷ୍ଟା କରୁଥିବା ଏକ ସଂସ୍ଥା ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଜଡ଼ିତ ହୋଇ ବିଶ୍ୱବାସୀଙ୍କ ନିମନ୍ତେ ଏକ ନୂତନ ପଦକ୍ଷେପ ନେବାକୁ ସ୍ଥିର କଲେ । ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଉଛି । ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି । ସେସବୁ ତଥ୍ୟକୁ ଲକ୍ଷ୍ୟ କରି ୨୦୧୧ରେ ବିଶ୍ୱର ୪୦ଟି ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ପ୍ରଥମଥର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ହୋଇଥିଲା । ବିଭିନ୍ନ ସ୍ଥାନରେ ନାଟକ ଦ୍ୱାରା ସଚେତନ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରାୟ ୧୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛି । ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ, ତେଣୁ ଏହାର ଯଥାର୍ଥତା ହୃଦୟଙ୍ଗମ କରିବା ଆବଶ୍ୟକ ହେଉଛି ଦିବସର ବାର୍ତ୍ତା । ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା' ('ଉଷବଭଶସଭଶ ଗ୍ସଷର ଘବକ୍ସକ୍ସବଗ୍ସସଙ୍ଗର ହ୍ଟଭ ଝଙ୍କସମସୟର') । ଆତ୍ମହତ୍ୟା କରିଦେଲେ ଯେ ସବୁକିଛିର ସହଜ ସମାଧାନ ହୋଇଯାଏ ତାହାନୁହେଁ ବରଂ ଏହାର କୁପ୍ରଭାବ ତମାମ ପରିବାର, ସମ୍ପ୍ରଦାୟ, ସମାଜ ଓ ସର୍ବୋପରି ସମଗ୍ର ଦେଶ ଉପରେ ପଡ଼ିଥାଏ । ସାରା ଜୀବନ ଆପଣାର ଲୋକମାନେ ଝୁରି ହୁଅନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ପାଖାପାଖି ୭୨,୬୦୦୦ ଜଣ ଜୀବନ ହାରୁଛନ୍ତି । କେବଳ ସେତିକି ନୁହେଁ ଏହାଠାରୁ ଅଧିକ ଜଣ ବରଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି ।

ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ସର୍ବଶେଷ ପରିସଂଖ୍ୟନ ତଥ୍ୟ ଅନୁଯାୟୀ ଗତବର୍ଷ ପୃଥିବୀରେ ଯେତେଜଣଙ୍କର ଜୀବନ ଦୀପ ନିର୍ବାପିତ ହୋଇଥିଲା ସେମାନଙ୍କ ଭିତରୁ ୧୫ରୁ ୨୯ ବର୍ଷ ବୟସ୍କଙ୍କ ମୃତ୍ୟୁର ତୃତୀୟ ପ୍ରମୁଖ କାରଣଟି ହେଉଛି ଆତ୍ମହତ୍ୟା । ତେବେ ସବୁଠାରୁ ଉଦବେଗଜନକ ତଥ୍ୟ ହେଉଛି ଆତ୍ମହତ୍ୟା କାରଣ ପାଇଁ ଦିନକୁ ବାରଜଣଙ୍କ ଜୀବନ ଯାଉଥିବାବେଳେ ପାରିବାରିକ ସମସ୍ୟା କାରଣରେ ଓଡ଼ିଶାର ସ୍ଥାନ ଦୁଇ ନମ୍ବରରେ ରହିଛି । ଏହା ସତ୍ୟ ଯେ ଗତ କିଛି ବର୍ଷ ଧରି ଲଗାତାର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି । ରାଷ୍ଟ୍ରୀୟ ଅପରାଧ ରେକର୍ଡ୍ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୨୪ରେ ମୋଟ ୧,୯୪,୮୧୩ ଲୋକ ଆତ୍ମହତ୍ୟା କରିଛନ୍ତି ।



ମନୁଷ୍ୟର ଚେତନା ଯଦି ବ୍ୟକ୍ତିକେନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ । ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ । ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ । ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍‌ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ । ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ । ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ-୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି । ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି । ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ । ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି । ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ । ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ । ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ ।

ଜୀବନର ହୁଏତ କିଛିକାଂଶର ରହସ୍ୟମୟ ଉପଲବ୍ଧିର ପ୍ରାପ୍ତିକୁ ହାତ ପାହାନ୍ତରୁ ବିଚ୍ୟୁତ ହୋଇଯାଇଥିବାରୁ କିମ୍ବା କିଛି ଜୀବନ ସମସ୍ୟା ଅସମାହିତ ରହିଗଲେ ବା ସେପରି କଷ୍ଟକର ପରିସ୍ଥିତିଟି ଅତ୍ୟନ୍ତ ଦୁଃଖଦ ଓ ଉତ୍କଟ ହୋଇଗଲେ ମନୁଷ୍ୟ ଆତ୍ମହତ୍ୟା କରିଥାଏ । ତେବେ ବାସ୍ତବ କଥା ହେଉଛି ଆତ୍ମହତ୍ୟାକୁ ରୋକିବା ପାଇଁ ସବୁକିଛି ନିନ୍ଦା, ଅପବାଦ, ସଂକୋଚ, ଲଜ୍ୟାକୁ ପଛରେ ରଖି ନିଃସଙ୍କୋଚରେ ଆଲୋଚନା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ । ଯାହାଦ୍ୱାରା ସମସ୍ୟାଟି ଯେଉଁ ପ୍ରକାର ବା ଯାହା ହେଉଥାଉନା କାହିଁକି ହୁଏତ ଏହା ଆଲୋଚନାର ପରିଧିକୁ ଆସିଲେ ଜଣେ ହୁଏତ ଜୀବନ ହାରିବା ପରି ନିଷ୍ଠୁର ନିଷ୍ପତ୍ତିରୁ ବିରତ ହୋଇପାରେ । କାରଣ ସମସ୍ୟାଟି ଯେତେ କଠିନ ବା ଗମ୍ଭୀର ହେଉନା କାହିଁକି ଏହା ତ ଚିରସ୍ଥାୟୀ ନୁହେଁ ନା !! ଯାହାକି ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିବା ଅନେକଙ୍କ କ୍ଷେତ୍ରରେ ଦେଖାଯାଇଛି କାରଣ ସେହିମାନେ ପରବର୍ତ୍ତୀ ସମୟରେ ହସଖୁସିର ସଂସାରକୁ ଆଗେଇ ନେଇ ସନ୍ତୋଷଜନକ ଜୀବନ ଅତିବାହିତ କରିଛନ୍ତି । ତେବେ ବିଷାଦ ଓ ନିଶାଦ୍ରବ୍ୟର ବ୍ୟବହାର ହିଁ ଆତ୍ମହତ୍ୟାଟିକୁ ମାନସିକ ବିକୃତି ସହିତ ଯୋଡ଼ି ଦେଇଥାଏ । ଏହାସହ ଅସୁସ୍ଥତା ହେଉ ବା ସମ୍ପର୍କ ବିଭ୍ରାଟ, ଆର୍ଥିକ ସମସ୍ୟା ହେଉ ବା କେଉଁ ପରିଜନର ଅକାଳ ପରଲୋକ ଏଭଳି ଆକସ୍ମିକ ସଙ୍କଟ କିଛିକାଂଶରେ ଆତ୍ମହତ୍ୟା କରିବା ପାଇଁ ପ୍ରେରିତ କରିଥାଏ । କିନ୍ତୁ ଜୀବନ ହିଁ ଜୀବନ ଏହାକୁ ବୁଝିବା କଥା ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼,
କଟକ, ମୋ : ୯୧୩୨୪୩୩୩୩୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୦ ସେପ୍ଟେମ୍ବର ୨୦୨୫, ବୁଧବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ ଅଟେ, ଯାହା ଖଗୋଳିୟ ପିଣ୍ଡର ଚଳଣୀ ଏବଂ ସାପେକ୍ଷ ସ୍ଥିତିର ଅଧ୍ୟୟନ କରି ମନୁଷ୍ୟ ସମ୍ବନ୍ଧୀୟ ବିଷୟ ଏବଂ ସାଂସାରିକ ଘଟଣା ସମ୍ବନ୍ଧରେ ଦିବ୍ୟ କଥାବସ୍ତୁର ଦାବି କରିଥାଏ । ଏହି ଶାସ୍ତ୍ରଦ୍ୱାରା ମନୁଷ୍ୟ ତଥା ପୃଥିବୀର ଗ୍ରହ ଏବଂ ତାରାମାନଙ୍କର ଶୁଭ ତଥା ଅଶୁଭ ପ୍ରଭାବର ଅଧ୍ୟୟନ କରାଯାଇ ପାରେ । ଜ୍ୟୋତିଷ ଶବ୍ଦର ଅର୍ଥ ଗ୍ରହ ତଥା ନକ୍ଷତ୍ରଦ୍ୱାରା ସମ୍ବନ୍ଧିତ ରଖୁଥିବା ବିଦ୍ୟା । ଯଦିଓ ଏହି ଶବ୍ଦରୁ ଗଣିତ ଜ୍ୟୋତିଷର ମଧ ବୋଧ ହୋଇଥାଏ, ତଥାପି ସାଧାରଣ ଲୋକ ଜ୍ୟୋତିଷ ବିଦ୍ୟାଦ୍ୱାରା ଫଳିତ ବିଦ୍ୟାର ଅର୍ଥ ବୋଲି ଭାବି ନିଅନ୍ତି । ଭାରତୀୟ ଜ୍ୟୋତିଷରେ ସୂର୍ଯ୍ୟ ସିଦ୍ଧାନ୍ତ ଆଦି ଗ୍ରନ୍ଥରୁ ଆସୁଥିବା ବିନ୍ଦୁ ହିଁ ମେଷ ଆଦିର ଗଣନା କରାଯାଏ । ଏହିପ୍ରକାରେ ପାଶ୍ଚାତ୍ୟ ଗଣନା ପ୍ରଣାଳୀ ତଥା ଭାରତୀୟ ଗଣନା ପ୍ରଣାଳୀରେ ପାଖାପାଖି ୨୩ ଅଂଶର ଅନ୍ତର ପଡିଥାଏ । ଭାରତରେ ୧୨ଟି ରାଶିକୁ ୨୭ଟି ବିଭାଗରେ ଭାଗ କରାଯାଇଛି, ଯାହାକୁ ନକ୍ଷତ୍ର କୁହାଯାଏ । ଫଳାଫଳର ବିଚାର ପାଇଁ ଚନ୍ଦ୍ରମା' ନକ୍ଷତ୍ରର ବିଶେଷ ଉପଯୋଗ କରାଯାଏ । ଜ୍ୟୋତିଷ ଶାସ୍ତ୍ର ପ୍ରାଚୀନ ଗ୍ରୀକ ଭାଷା ଶବ୍ଦ ଏଷ୍ଟ୍ରୋନ୍ (ତାରା ସମୂହ) ଏବଂ ଲୋଜି ଅଧ୍ୟୟନରୁ ନିଆ ଯାଇଥିବା ବିଷୟ । ଏହି ତନ୍ତ୍ର ପରମ୍ପରା ପ୍ରଥା ଏବଂ ବିଶ୍ୱାସର ସମୂହ ଅଟେ ଯାହା ଜରିଆରେ ଖଗୋଳିୟ ପିଣ୍ଡ ତଥା ଆକାଶୀୟ ପିଣ୍ଡର ତୁଳନାତ୍ମକ ସ୍ଥିତି ଏବଂ ଅନ୍ୟ ସମ୍ବନ୍ଧୀୟ ବିବରଣୀର ଆଧାରରେ ବ୍ୟକ୍ତିତ୍ୱ, ମନୁଷ୍ୟର ଜୀବନରେ ଜଡ଼ିତ ମାମଲା ଏବଂ ଅନ୍ୟ ସାଂସାରିକ ବିଷୟକୁ ବୁଝି ତାହାର ବ୍ୟାଖ୍ୟା କରାଯାଏ ଏବଂ ଏହି ସନ୍ଦର୍ଭରେ ସୂଚନା ଗୁଡିକୁ ସଂଗଠିତ କରାଯାଏ । ଜ୍ୟୋତିଷର ବିଶ୍ୱାସ ଥାଏ ଯେ, ଖଗୋଳିୟ ପିଣ୍ଡର ଚଳଣୀ ଓ ତାହାର ସ୍ଥିତି ହୁଏତ ପୃଥିବୀକୁ ସିଧା ଉପାୟରେ ପ୍ରସ୍ତାବିତ କରିଥାଏ କିମ୍ବା କୌଣସି ପ୍ରକାରେ ମାନବଦ୍ୱାରା ଅନୁଭବ କରାଯାଉଥିବା ଘଟଣାରେ ସମ୍ବନ୍ଧ ହୋଇଥାଏ । ଆଧୁନିକ ଜ୍ୟୋତିଷଦ୍ୱାରା ଜ୍ୟୋତିଷକୁ ଏକ ପ୍ରତୀକାତ୍ମକ ଭାଷା ଏକ କଳା ରୂପେ କିମ୍ବା ଭବିଷ୍ୟ କଥନ, ପୂର୍ବଭାଷା ରୂପେ ପରିଭାଷିତ କରାଯାଇଛି । ବହୁ ବୈଜ୍ଞାନିକମାନେ ଏହାକୁ ଏକ ଛଦ୍ମ ବିଜ୍ଞାନ (pseudoscience) କିମ୍ବା ଅନ୍ଧବିଶ୍ୱାସ (superstition)ର ନାମ ଦେଇଛନ୍ତି । ପରିଭାଷାରେ ଅନ୍ତର ହେବା ପରେ ମଧ, ଜ୍ୟୋତିଷ ବିଦ୍ୟାର ଏକ ସାମାନ୍ୟ ଧାରଣା ରହିଛି ଯେ, ଖଗୋଳିୟ ପିଣ୍ଡ ନିଜ କ୍ରମ ସ୍ଥାନରୁ ଭୂତ ଏବଂ ବର୍ତ୍ତମାନର ଘଟଣା ଓ ଭବିଷ୍ୟବାଣୀ (prediction)କୁ ବୁଝିବାରେ ସାହାଯ୍ୟ କରିପାରେ । ଏକ ମତଦାନରେ ୩୧% ଆମେରିକୀୟମାନେ ଜ୍ୟୋତିଷ ଉପରେ ନିଜର ବିଶ୍ୱାସ ପ୍ରକଟ କରିଥିଲେ ଏବଂ ଏକ ଅନ୍ୟ ଅଧ୍ୟୟନ ଅନୁସାରେ, ୩୯% ଲୋକ ଏହାକୁ ବିଜ୍ଞାନ ବୋଲି ମାନିଛନ୍ତି । ଜ୍ୟୋତିଷ ଶାସ୍ତ୍ର ରେ କୁଣ୍ଡଳୀ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ କ୍ଷ କୁଣ୍ଡଳୀ ଏପରି ଏକ ଚକ୍ର, ଯାହାଦ୍ୱାରା କୌଣସି ଇଷ୍ଟ କାଳରେ ରାଶି ଚକ୍ର 'କ୍ରାନ୍ତି ଚକ୍ର'ଦ୍ୱାରା ସମ୍ବନ୍ଧିତ ହୋଇଥାଏ, ଯାହାର ସ୍ଥିତି ଅକ୍ଷାଂଶର ଭିନ୍ନତା କାରଣରୁ ବିଭିନ୍ନ ଦେଶରେ ଏକାପରି ହୋଇ ନଥାଏ । ଅତଏବ ରାଶି ଚକ୍ରର ସ୍ଥିତି ଜାଣିବା ପାଇଁ ସ୍ଥାନୀୟ ସମୟ ତଥା ନିଜ ସ୍ଥାନରେ ରହିଥିବା ରାଶିମାନଙ୍କର ଉଦୟ ସ୍ଥିତି ଜ୍ଞାନ ଆବଶ୍ୟକ ଅଟେ । ରାଶି ମାନଙ୍କର ଅଙ୍କଦ୍ୱାରା ବ୍ୟକ୍ତ କରାଯାଏ । ଏହିପ୍ରକାର ରାଶିଚକ୍ରକୁ କୁଣ୍ଡଳୀ କୁହାଯାଏ । ଭାରତୀୟ ପଦ୍ଧତିରେ ୭ଟି ଗ୍ରହ ହେଲେ : ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୃହସ୍ପତି, ଶନି, ରାହୁ ଓ କେତୁ । ପାଶ୍ଚାତ୍ୟ ପ୍ରଣାଳୀରେ (୧) ମେଷ, (୨) ବୃଷ, (୩) ମିଥୁନ, (୪) କର୍କଟ, (୫) ସିଂହ, (୬) କନ୍ୟା, (୭) ତୁଳା, (୮) ବିଛା, (୯) ଧନୁ, (୧୦) ମକର, (୧୧) କୁମ୍ଭ, (୧୨) ମୀନ ରାଶି । (୧) ବୁଧ, (୨) ଶୁକ୍ର, (୩) ପୃଥିବୀ, (୪) ମଙ୍ଗଳ, (୫) ଗୁରୁ, (୬) ଶନି, (୭) ବାରୁଣୀ, (୮) ବରୁଣ, ତଥା (୯) ଯମ ଗ୍ରହ । ଆଧୁନିକ ବିଜ୍ଞାନ ଅନୁସାରେ ସୂର୍ଯ୍ୟ କିମ୍ବା କୌଣସି ଅନ୍ୟ ତାରାମାନଙ୍କ ଚାରିପଟେ ପରିକ୍ରମା କରୁଥିବା ଖଗୋଳ ପିଣ୍ଡକୁ ଗ୍ରହ କୁହାଯାଏ । ଅନ୍ତରାଷ୍ଟ୍ରୀୟ ଖଗୋଳୀୟ ସଂଘ ଅନୁସାରେ ଆମ ସୌର ମଣ୍ଡଳରେ ଆଠୋଟି ଗ୍ରହ ରହିଛି : ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ, ନେପଚୁନ । ଏହାର ଅତିରିକ୍ତ ତିନୋଟି ବାମନ ଗ୍ରହ ରହିଛି : ସୀରୀସ, ପ୍ଲୁଟୋ, ଏରୀସ । ପ୍ରାଚୀନ ଖଗୋଳୀୟ ଶାସ୍ତ୍ରୀମାନେ ତାରା ଏବଂ ଗ୍ରହ ମାନଙ୍କ ମଧ୍ୟରେ ଅନ୍ତର ଏହି ପ୍ରକାର କରିଥିଲେ : ରାତିରେ ଆକାଶରେ ଚମକୁଥିବା ଅଧିକତର ପିଣ୍ଡ ସର୍ବଦା ପୂର୍ବ ପାର୍ଶ୍ୱରୁ ଉଦୟ ହୋଇ ପଶ୍ଚିମ ପଟେ ଅସ୍ତ ହୋଇଥାନ୍ତି । ଏହି ପିଣ୍ଡମାନଙ୍କ ନିଜ ନିଜ ମଧ୍ୟରେ କୌଣସି ପରିବର୍ତ୍ତନ ହୁଏନାହିଁ । ଏହି ପିଣ୍ଡମାନଙ୍କୁ ତାରା କୁହାଯାଏ । କିନ୍ତୁ ଏପରି କିଛି ପିଣ୍ଡ ଅଛନ୍ତି ଯାହା ଅନ୍ୟ ପିଣ୍ଡ ମାନଙ୍କ ସାପେକ୍ଷରେ କେବେକେବେ ଆଗକୁ ଯାଆନ୍ତି ଏବଂ କେବେ କେବେ ପଛକୁ ଯାଆନ୍ତି - ଏହାର ଅର୍ଥ ଏମାନେ କେବଳ ଘୁରିଥାନ୍ତି । ଚକ୍ଷବଭରମ୍ପ ଏକ ଲାଟିନ୍ ଶବ୍ଦ ଅଟେ, ଯାହାର ଅର୍ଥ ଏପଟ ସେପଟ ହୋଇ ବୁଲିବା । ଏଥିପାଇଁ ଏହି ପିଣ୍ଡର ନାମ Planet (ଗ୍ରହ) ଅଟେ । ଶନି ଗ୍ରହର ପରବର୍ତ୍ତୀ ଗ୍ରହକୁ ବିନା ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖାଯାଇ ପାରିବ ନାହିଁ । ଏଥିପାଇଁ ପ୍ରାଚୀନ ବୈଜ୍ଞାନିକ ମାନଙ୍କୁ କେବଳ ୫ଟି ଗ୍ରହ ବାବଦରେ ଜ୍ଞାତ ଥିଲା ଏବଂ ପୃଥିବୀକୁ ସେ ସମୟରେ ଗ୍ରହ ବୋଲି ମାନି ନ'ଥାନ୍ତି । 'ଜ୍ୟୋତିଷ' ଶାସ୍ତ୍ର ଅନୁସାରେ ଗ୍ରହର ପରିଭାଷା ଅଲଗା ଅଟେ । ଭାରତୀୟ ଜ୍ୟୋତିଷ ଏବଂ ପୌରାଣିକ କଥାରେ ୯ଟି ଗ୍ରହକୁ ଗଣାଯାଏ : ସୂର୍ଯ୍ୟ, ଚନ୍ଦ୍ର, ବୁଧ, ଶୁକ୍ର, ମଙ୍ଗଳ, ଗୁରୁ, ଶନି, ରାହୁ ଏବଂ କେତୁ । ଗ୍ରହ ଦୁଇ ପ୍ରକାରର ହୋଇଥାଏ ଯଥା: ଆନ୍ତରିକ ଗ୍ରହ ଓ ବାହ୍ୟ ଗ୍ରହ । ଆନ୍ତରିକ ଗ୍ରହରେ - ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ ଏବଂ ବାହ୍ୟ ଗ୍ରହରେ - ବୃହସ୍ପତି, ଶନି, ଅରୁଣ, ବରୁଣ ଅଟେ । ୮ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ସୂର୍ଯ୍ୟକୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି । ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ଦୂରବର୍ତ୍ତୀ ୪ଟି ଗ୍ରହ ଯଥା ବୃହସ୍ପତି, ଶନି, ପ୍ଲୁଟୋ ଗାସୀୟ ପିଣ୍ଡ ଏବଂ ୟୁରେନସ୍ ଓ ନେପଚୁନ୍ ବରଫ ଗ୍ରହ ଭାବରେ ପରିଚିତ ।

ସୌର ମଣ୍ଡଳ ଗ୍ରହରେ ପୃଥିବୀକୁ ଛାଡି ଗ୍ରୀକ ଓ ରୋମାନ ପରି ଦେବତା ମାନଙ୍କ ନାମ ରହିଛି, କାରଣ ଲୋକମାନେ ଅଜଣା ଥିଲେ ଯେ, ପୁରାତନ କାଳରେ ପୃଥିବୀ ଏକ ଗ୍ରହ ଅଟେ । ହୁଏତ, ପୃଥିବୀକୁ କେବେ କେବେ ରୋମାନ ଦେବତା 'ଟେରା' ନାମରେ ଜଣାଯାଏ । ଉଦାହରଣ ପାଇଁ, ଚୀନ ମଧ ବିଭିନ୍ନ ନାମର ଉପେଯୋଗ କରିଥାଏ । ଚନ୍ଦ୍ରମାରେ ଦେବତା ଓ ଶାସ୍ତ୍ରୀୟ ପୌରାଣିକ କଥାର ଲୋକ କିମ୍ବା ଶେକ୍ସପିୟରଙ୍କଦ୍ୱାରା ଲିଖିତ ନାଟକର ନାମ ମଧ ରାହିଛି । ତାରାମାନଙ୍କର ସୃଷ୍ଟି ପାରି ଗ୍ରହ ମଣ୍ଡଳର ଉତ୍ପତ୍ତି ହୋଇଛି । ଆଧୁନିକ ଖଗୋଳ ଶାସ୍ତ୍ରରେ ଯଣାଯାଇଛି ଜେ, ଯେତେବେଳେ ଅନ୍ତରିକ୍ଷରେ କୌଣସି ଆଣବିକ ବାଦଲ ଗୁରୁତ୍ୱାକର୍ଷଣ ଫଳରେ ହଠାତ ପଉନ ହେବାରେ ଲାଗିଥାଏ ତ'ସେଠାରେ କୌଣସି ତାରା ଏକ ଆଦିଗ୍ରହ ଚକ୍ର (ପ୍ରୋଟୋପ୍ଲେଣ୍ଟରୀ ଡିସ୍କ) ଭାବେ ତିଆରି କାରିଥାଏ । ପ୍ରଥମେ ଅଣୁ ଜମା ହୋଇ ଧୂଳୀର କଣିକା ବନେଇ ଦେଇଥାଏ, ପରେ କଣିକା ମିଶି ଧାତୁଖଣ୍ଡ ତିଆରି ହୋଇଥାଏ । ଗୁରୁତ୍ୱାକର୍ଷଣର ଲଗାତାର ପ୍ରଭାବ ହେତୁ ଏହି ଧାତୁଖଣ୍ଡ ମଧ୍ୟରେ ଧକ୍କା ଏବଂ ସମବେତ ହୋଇଥାଏ ଏବଂ ଧିରେ ଧିରେ ଏହା ବଡ଼ ତୁକୁଡା ଖଣ୍ଡ ଭାବେ ତିଆରି ହୋଇଯାଏ ଯାହା ସମୟ ସହିତ ଗ୍ରହ, ଉପଗ୍ରହ ଓ ଅଲଗା ବସ୍ତୁର ରପ ଧାରଣ କରିଥାଏ । ଯେଉଁ ବସ୍ତୁ ବଡ଼ ହୋଇଥାଏ ସେମାନଙ୍କ ଗୁରୁତ୍ୱାକର୍ଷଣ ଶକ୍ତିଶାଳୀ ହୋଇଥାଏ ଏବଂ ସେ ନିଜକୁ ସଙ୍କୁଚିତ କରି ଏକ ଗୋଲ ଆକାର ଧାରଣ କରିଦିଅନ୍ତି । କୌଣସି ଗ୍ରହ ମଣ୍ଡଳର ସୃଜନ ପୂର୍ବରୁ ଚରଣରେ ଏହି ଗ୍ରହ ଏବଂ ଉପଗ୍ରହ କେବେ କେବେ ନିଜ ମଧ୍ୟରେ ବାଡେଇ ହୋଇଯାନ୍ତି, ଯାହାଦ୍ୱାରା ଏହା ଖଣ୍ଡ ହୋଇଯାଏ କିମ୍ବା ବେଳେବେଳେ ଜୋଡିହୋଇ ଆହୁରି ବଡ଼ ହୋଇଯାଏ । ଆମ ପୃଥିବୀ ସହିତ ଏକ ମଙ୍ଗଳ ଗ୍ରହ ପରି ବଡ଼ ବସ୍ତୁର ଭୟଙ୍କର ଧକ୍କା ହୋଇଥିଲା, ଯାହାଦ୍ୱାରା ପୃଥିବୀର ଏକ ବଡ଼ ଅଂଶ ଛାଡି ପରିକ୍ରମା ଗ୍ରହପଥକୁ ଚାଲିଯାଇଥିଲା ଏବଂ ଧିରେ ଧିରେ ଯୋଡିହୋଇ ଚନ୍ଦ୍ରମା ହୋଇଗଲା ।

ତେବେ ଜ୍ୟୋତିଷ ଶାସ୍ତ୍ର ଏକ ମୂଲ୍ୟବାନ ଶାସ୍ତ୍ର ଯାହା ମନୁଷ୍ୟ ଏବେ ନିଜର ପାରିପାର୍ଶ୍ୱିକ ସ୍ଥିତି, କର୍ମକ୍ଷେତ୍ର, ସାମାଜିକ ଅବସ୍ଥା , ପାରିପାର୍ଶ୍ୱିକ ଅବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସବୁକୁ ନିୟନ୍ତ୍ରଣ କରିପାରିବାର କ୍ଷମତା ରଖୁଛି । ନିଜ ବୁଦ୍ଧି ବଳରେ ମଣିଷ ଏବେ ସେହି ଗ୍ରହ ନକ୍ଷତ୍ରମାନଙ୍କ ପାଖରେ ପହଞ୍ଚି ବିଭିନ୍ନ ମହାଜାଗତିକ ପିଣ୍ଡ ଗୁଡ଼ିକ ବିଷୟରେ ଗବେଷଣା କରୁଛି ସତ ତଥାପି ମନୁଷ୍ୟ ନିଜ ବିଶ୍ୱାସରୁ ବାହାରି ଯାଇ ପାରି ନାହିଁ ଯେ, ଗ୍ରହ ନକ୍ଷତ୍ର ମାନଙ୍କ ଯୋଗୁଁ ତାର ଜୀବନରେ ପରିବର୍ତ୍ତନ ମଧ ଆସୁଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ହେଉଛି ଏକ ଉପାଦେୟ ଗ୍ରନ୍ଥ ଯାହା ବେଦର ମଧ ପ୍ରଧାନ ଅଙ୍ଗ । ତେଣୁ ଜ୍ୟୋତିଷଶାସ୍ତ୍ର କେଉଁ ପୁରାତନ ଓ କେଉଁ ଅନନ୍ତ କାଳରୁ ପ୍ରଚଳିତ ଅଛି । ଆର୍ଯ୍ୟବ୍ରତର ପୂର୍ବ ଋଷିମୁନି, ଯେଉଁ ମାନେ କି ମହାଜ୍ଞାନୀ, ଜ୍ୟୋତିର୍ବିଜ୍ଞାନି ମାନେ ସେମାନେ ବିଦ୍ୟାକୁ ଆବିଷ୍କାର କରିଛନ୍ତି । ଏ ବିଦ୍ୟାର ଆବଶ୍ୟକତା ମାନବ ସମାଜ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ମଧ ରହିଛି । ତେଣୁ ଜ୍ୟୋତିଷଶାସ୍ତ୍ର ସଦାସର୍ବଦା ଥିଲା, ରହିଛି ଆଉ ଯୁଗ ଯୁଗ ଧରି ରହିଥିବ ମଧ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦

# "ଜେନ୍ ଜି" ଆନ୍ଦୋଳନ: ନେପାଳର ଭବିଷ୍ୟତ କୁଆଡ଼େ ?

ନେପାଳର ରାଜରାସ୍ତାରେ ପ୍ରତିଧ୍ୱନିତ ହେଉଥିବା ଯୁବ ଆକ୍ରୋଶ କେବଳ ଏକ ସାମାଜିକ ଗଣମାଧ୍ୟମ ପ୍ରତିବନ୍ଧକ ବିରୋଧରେ ସ୍ୱର ନୁହେଁ, ବରଂ ଦଶନ୍ଧି ଧରି ଜମାଟ ବାନ୍ଧିଥିବା ଅସନ୍ତୋଷ, ପ୍ରଣାଳୀଗତ ଦୁର୍ନୀତି ଏବଂ ରାଜନୈତିକ ନେତୃତ୍ୱର ବିଫଳତାର ଏକ ସାମୂହିକ ବିସ୍ଫୋରଣ । ଏହି 'ଜେନ୍ ଜି' ଆନ୍ଦୋଳନ ନେପାଳକୁ ଏକ ଏପରି ଛକି ଉପରେ ଆଣି ଛିଡ଼ା କରାଇଛି, ଯେଉଁଠାରେ ଦେଶର ଭବିଷ୍ୟତ କେବଳ ଆଭ୍ୟନ୍ତରୀଣ ଶକ୍ତି ଦ୍ୱାରା ନୁହେଁ, ବରଂ ବାହ୍ୟ ପ୍ରଭାବ ଏବଂ ଅତୀତର ଛାୟା ଦ୍ୱାରା ମଧ ନିର୍ଦ୍ଧାରିତ ହେବାର ସମ୍ଭାବନା ରହିଛି । ଏହି ପରିସ୍ଥିତିକୁ ସମ୍ପୂର୍ଣ୍ଣ ଭାବେ ବୁଝିବାକୁ ହେଲେ, ଏହାର ବହୁମୁଖୀ ଦିଗଗୁଡ଼ିକୁ ବିଶ୍ଳେଷଣ କରିବା ଅପରିହାର୍ଯ୍ୟ ।

ବର୍ତ୍ତମାନର ସଙ୍କଟର ତତ୍କାଳ କାରଣ ସରକାରଙ୍କ ଦ୍ୱାରା ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକ ଉପରେ ଲଗାଯାଇଥିବା ପ୍ରତିବନ୍ଧକ ହୋଇପାରେ, କିନ୍ତୁ ଏହାର ମୂଳ ବହୁତ ଗଭୀର । ୧୯୯୦ରେ ବହୁଦଳୀୟ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ପରଠାରୁ, ନେପାଳ କ୍ରମାଗତ ରାଜନୈତିକ ଅସ୍ଥିରତାର ଶିକାର ହୋଇଛି । କୌଣସି ସରକାର ନିଜର କାର୍ଯ୍ୟକାଳ ପୂରଣ କରିପାରି ନାହାନ୍ତି । ମାଓବାଦୀ ବିଦ୍ରୋହ, ରାଜତନ୍ତ୍ରର ଉଚ୍ଛେଦ ଏବଂ ଏକ ସଂଘୀୟ ଗଣରାଜ୍ୟର ସ୍ଥାପନା ପରେ ମଧ ସାଧାରଣ ନାଗରିକଙ୍କ ଜୀବନରେ ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ । ଦେଶର ରାଜନୀତି କିଛି ବୟସ୍କ ନେତାଙ୍କ ହାତରେ ବନ୍ଧା ପଡ଼ିଛି, ଯେଉଁମାନେ ବାରମ୍ବାର କ୍ଷମତାକୁ ଆସିଛନ୍ତି କିନ୍ତୁ ପ୍ରଶାସନିକ ସ୍ୱଚ୍ଛତା ଏବଂ ଆର୍ଥିକ ବିକାଶ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏହି ପୃଷ୍ଠଭୂମିରେ, ଯୁବପିଢ଼ିର କ୍ରୋଧ ସ୍ୱାଭାବିକ । ସେମାନେ ଏକ ଏପରି ବ୍ୟବସ୍ଥା ଦେଖୁଛନ୍ତି ଯାହା ସେମାନଙ୍କୁ ସୁଯୋଗ ଦେବା ପରିବର୍ତ୍ତେ ସେମାନଙ୍କର ଅଭିବ୍ୟକ୍ତିର ସ୍ୱାଧୀନତାକୁ ମଧ ଛଡ଼ାଇ ନେଉଛି ।

ତେବେ, ନେପାଳର ରାଜନୀତି କେବେବି କେବଳ ଆଭ୍ୟନ୍ତରୀଣ ଘଟଣାକ୍ରମ ଦ୍ୱାରା ପରିଚାଳିତ ହୋଇନାହିଁ । ଭାରତ ଏବଂ ଚୀନ ଭଳି ଦୁଇ ଶକ୍ତିଶାଳୀ ପଡ଼ୋଶୀଙ୍କ ମଧ୍ୟରେ ଅବସ୍ଥିତ ହୋଇଥିବାରୁ, ନେପାଳ ସର୍ବଦା ଏକ ଭୂ-ରାଜନୈତିକ ଚେସବୋର୍ଡ ପାଲଟିଛି । ଦେଶର ପ୍ରତ୍ୟେକ ରାଜନୈତିକ ଅସ୍ଥିରତା ନୂଆଦିଲ୍ଲୀ ଏବଂ ବେଜିଂ ପାଇଁ ସୁଯୋଗ ଏବଂ ଚିନ୍ତା ଉଭୟ ସୃଷ୍ଟି କରେ । ଭାରତ, ନେପାଳ ସହିତ ଥିବା ନିଜର ପାରମ୍ପରିକ ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କକୁ ବଜାୟ ରଖିବାକୁ ଚାହେଁ ଏବଂ ସୀମାରେ କୌଣସି ଅସ୍ଥିରତାକୁ ଏଡ଼ାଇବାକୁ ଚେଷ୍ଟା କରେ । ଅନ୍ୟପଟେ, ଚୀନ ନିଜର 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍' (BRI) ମାଧ୍ୟମରେ ନେପାଳରେ ନିଜର ପ୍ରଭାବ ବଢ଼ାଇବାକୁ ଚାହୁଁଛି ଏବଂ ଭାରତର ପ୍ରଭାବକୁ ସନ୍ତୁଳିତ କରିବାକୁ ଲକ୍ଷ୍ୟ ରଖିଛି । ନେପାଳର ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଥିବା ଭାରତ-ପନ୍ଥୀ ଏବଂ ଚୀନ-ପନ୍ଥୀ ବିଭାଜନ ଏହି ସଙ୍କଟକୁ ଆହୁରି ଜଟିଳ କରିପାରେ ।

ଏହା ସହିତ, ନେପାଳର ଆଭ୍ୟନ୍ତରୀଣ ରାଜନୀତିରେ ଆଉ ଏକ ଶକ୍ତି ମଧ ସକ୍ରିୟ ହେବାର ସୁଯୋଗ ଖୋଜୁଛି - ତାହା ହେଉଛି ରାଜତନ୍ତ୍ରବାଦୀ ଶକ୍ତି । ଗଣତନ୍ତ୍ରର ବିଫଳତା ଏବଂ ରାଜନେତାମାନଙ୍କ ଉପରେ ବଢୁଥିବା ଅବିଶ୍ୱାସ, କିଛି ଲୋକଙ୍କ ମନରେ ରାଜତନ୍ତ୍ର ପ୍ରତି ଏକ ନୋଷ୍ଟାଲଜିଆ ସୃଷ୍ଟି କରିଛି । ସେମାନେ ରାଜତନ୍ତ୍ରକୁ ଜାତୀୟ ଏକତା ଏବଂ ସ୍ଥିରତାର ପ୍ରତୀକ ଭାବରେ ଦେଖନ୍ତି । ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି (RPP) ଭଳି ଦଳ ଖୋଲାଖୋଲି ଭାବରେ ରାଜତନ୍ତ୍ରର ପୁନଃପ୍ରତିଷ୍ଠା ଏବଂ ଏକ ହିନ୍ଦୁ ରାଷ୍ଟ୍ରର ଦାବି କରୁଛନ୍ତି । ବର୍ତ୍ତମାନର ଯୁବ ଆନ୍ଦୋଳନ ଦ୍ୱାରା ସୃଷ୍ଟି ହୋଇଥିବା ଶାସନ ବିରୋଧୀ ବାତାବରଣର ଫାଇଦା ଉଠାଇବାକୁ ଏହି ଶକ୍ତିମାନେ ଚେଷ୍ଟା କରିପାରନ୍ତି । ସେମାନେ ଯୁବପିଢ଼ିର କ୍ରୋଧକୁ ସମଗ୍ର ଗଣତାନ୍ତ୍ରିକ ବ୍ୟବସ୍ଥା ବିରୁଦ୍ଧରେ ମୋଡ଼ି ଦେଇ, ରାଜତନ୍ତ୍ରକୁ ଏକମାତ୍ର ବିକଳ୍ପ ଭାବରେ ଉପସ୍ଥାପନ କରିପାରନ୍ତି । ଯଦିଓ ବର୍ତ୍ତମାନର ଆନ୍ଦୋଳନରେ ସେମାନଙ୍କର ପ୍ରତ୍ୟକ୍ଷ ଭୂମିକା ସ୍ପଷ୍ଟ ନୁହେଁ, ତଥାପି ରାଜନୈତିକ ଶୂନ୍ୟତାର ସ୍ଥିତିରେ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି ।

ଏହିପରି ଏକ ଜଟିଳ ପରିସ୍ଥିତିରେ ନେପାଳର ଭବିଷ୍ୟତ ଅନେକ ଆହ୍ୱାନର ସମ୍ମୁଖୀନ । ପ୍ରଥମତଃ, ଏହି ନେତୃତ୍ୱହୀନ ଯୁବ ଆନ୍ଦୋଳନ ନିଜକୁ ଏକ ସଂଗଠିତ ଶକ୍ତିରେ ପରିଣତ କରି ପ୍ରକୃତ ପ୍ରଣାଳୀଗତ ପରିବର୍ତ୍ତନ ଆଣିପାରିବ କି ? ନା ଏହା କେବଳ ଏକ ସରକାର ପରିବର୍ତ୍ତନରେ ସୀମିତ ରହିଯିବ ? ଦ୍ୱିତୀୟତଃ, ଦେଶର ରାଜନୈତିକ ଦଳଗୁଡ଼ିକ ଏହି ସଙ୍କେତକୁ ବୁଝି ନିଜ ମଧ୍ୟରେ ସୁଧାର ଆଣିବେ, ନା ପୁଣି ଥରେ କ୍ଷମତା ପାଇଁ ପରସ୍ପର ମଧ୍ୟରେ ଲଢ଼େଇ କରିବେ ? ତୃତୀୟତଃ, ନୂତନ ସରକାର କିପରି ଭାରତ ଏବଂ ଚୀନ ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ରକ୍ଷା କରି ଦେଶର ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିପାରିବ ? ଏବଂ ଚତୁର୍ଥତଃ, ରାଜତନ୍ତ୍ରବାଦୀ ଶକ୍ତିମାନଙ୍କର ବଢୁଥିବା ପ୍ରଭାବକୁ କିପରି ମୁକାବିଲା କରାଯିବ ?

ପରିଶେଷରେ, ନେପାଳର ବର୍ତ୍ତମାନ ସଙ୍କଟ କେବଳ ଏକ ସରକାରର ପତନ ନୁହେଁ, ବରଂ ଏହା ଦେଶର ଗଣତାନ୍ତ୍ରିକ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା । ଏହି ଆନ୍ଦୋଳନ ଯଦି କୌଣସି ବାହ୍ୟ ଶକ୍ତି କିମ୍ବା ପ୍ରତିକ୍ରିୟାଶୀଳ ଆଭ୍ୟନ୍ତରୀଣ ଶକ୍ତି ଦ୍ୱାରା ଅପହରଣ ହୋଇଯାଏ, ତେବେ ଦେଶ ଆହୁରି ଗଭୀର ସଙ୍କଟରେ ପଡ଼ିଯିବ । କିନ୍ତୁ ଯଦି ଏହି ଯୁବଶକ୍ତି ଏକ ନୂତନ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ରାଜନୀତିର ମୂଳଦୁଆ ପକାଇବାରେ ସଫଳ ହୁଏ, ତେବେ ଏହା କେବଳ ନେପାଳ ପାଇଁ ନୁହେଁ, ବରଂ ସମଗ୍ର ଦକ୍ଷିଣ ଏସିଆର ଗଣତନ୍ତ୍ର ପାଇଁ ଏକ ନୂତନ ଆଶାର ସଞ୍ଚାର କରିବ । ନେପାଳର ଭାଗ୍ୟ ଏବେ ତା'ର ଯୁବପିଢ଼ିର ବିବେକ, ରାଜନେତାଙ୍କ ଦୂରଦୃଷ୍ଟି ଏବଂ ଭୂ-ରାଜନୀତିର ଜଟିଳ ଗତିପଥ ଉପରେ ନିର୍ଭର କରୁଛି ।

# ପର୍ବ ପର୍ବାଣୀ



ଇଂ ସଚ୍ଚିଦାନନ୍ଦ ନନ୍ଦ

ବର୍ଷ ଭିତରେ ଅନେକ ପବିତ୍ର ଦିବସ ପଡ଼େ ଏବଂ ଜନସାଧାରଣ ତାହାକୁ ଅତି ଆଗ୍ରହ ଓ ଆନନ୍ଦ ମନରେ ପାଳନ କରିଥାନ୍ତି । କେତେକ ପର୍ବ କେତେକ କିମ୍ବଦନ୍ତୀ ଉପରେ ଆଧାରିତ । ଆଉ କେତେକ ଭଗବାନଙ୍କ ନିର୍ଦ୍ଦେଶାନୁସାରେ ପାଳିତ ହୁଏ । କେତେକ ଦିନିକିଆ ହୋଇଥିବାବେଳେ କେତେକ ବହୁ ଦିବସ ବ୍ୟାପି ପାଳନ କରାଯାଏ । ଆମେ କଳିଯୁଗର ଲୋକେ, ପୂର୍ବ ତିନି ଯୁଗର ଘଟଣା ଉପରେ ଆଧାରିତ ପର୍ବ ପାଳନ କରିଥାଉ । ପ୍ରତ୍ୟେକ ପର୍ବରେ କେତେକ ମହାପୁରୁଷ, ଭକ୍ତ ବା ଆଶ୍ରିତଙ୍କ ସହ ଭଗବାନଙ୍କର ଏକ ଏକ ନାମ, ରୂପର ସମ୍ପୃକ୍ତି ଥିବା ଦେଖାଯାଏ । ଏଗୁଡ଼ିକ ସେ ସମୟର ଏତେ ପ୍ରଭାବଶାଳୀ ଘଟଣା ଯେ ତାହାକୁ ପାଳନ କଲେ ଏ ସମୟର ଲୋକେ ମଧ ଏକ ପ୍ରକାର ମାନସିକ, ନୈତିକ ଓ ଆଧ୍ୟାତ୍ମିକ ସବଳତା ଅନୁଭବ କରନ୍ତି ଏବଂ ଭଗବାନଙ୍କ କୃପା ଲାଭର ଅନୁଭୂତି ଲାଭ କରିଥାନ୍ତି । ପର୍ବ ପାଳନ ସହ ସମ୍ପୃକ୍ତ ଅବତାରଙ୍କ ମହିମା ଗାନ, ତାଙ୍କ ପାଖେ ମଥା ନତ କରିବା, ତାଙ୍କ ଚମତ୍କାରୀ ଗୁଣ ସହ ଲୀଳା କୀର୍ତ୍ତନ ମଧ କରାଯାଇଥାଏ । ସବୁଠାରୁ ବଡ଼ ଉପକାର ହେଉଛି, ଈଶ୍ୱରଙ୍କ ଶକ୍ତିର ପ୍ରମାଣ । ଈଶ୍ୱରଙ୍କ ମାନବ ପ୍ରୀତିର ଦୃଷ୍ଟାନ୍ତ, ଈଶ୍ୱରଙ୍କ ସର୍ବଜ୍ଞତ୍ୱର ପରିଚୟ ମିଳିଥାଏ । ପର୍ବ ପାଳନ ଯେଉଁ ବିଷୟ ଓ ଘଟଣା ଉପରେ ଆଧାରିତ ସେ ଯେତେ ଯୁଗର ପୁରୁଣା ହେଲେ ମଧ ଆଜି ବି ଜନମାନସରେ ଅନୁସୃତ । ସେଥିରୁ ଭଗବାନଙ୍କର ସର୍ବମୟତା, ସର୍ବ ସ୍ୱୀକୃତତା ଓ ସର୍ବକାଳରେ ତାଙ୍କ ବିଦ୍ୟମାନତା ପ୍ରଭୃତି ସ୍ପଷ୍ଟ ହୋଇଯାଏ । ଏବେ ଦେଖାଯାଉଛି କେତେକ ଠାକୁର ଠାକୁରାଣୀ ନୂଆ କରି ପୂଜା ହେଉଛନ୍ତି, ନୂଆ ପ୍ରକାର ପୂଜା ପଦ୍ଧତି ଅନୁସୃତ ହେଉଛି । ତା' ଭିତରେ ଦୃଷ୍ଟିପାତ କଲେ ଦେଖାଯାଉଛି ଯେଉଁ ନାମ ଓ ରୂପ ମଣିଷକୁ ଭଲ ଲାଗିଲା ସେ ତା' ଦ୍ୱାରା ଉପକୃତ ହେଲା ଓ ତାହାକୁ ପୂଜା କରି କ୍ରମେ କ୍ରମେ ମନ୍ଦିର ତୋଳାଗଲା ଓ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସେହି ଠାକୁରଙ୍କୁ କେନ୍ଦ୍ର କରି ଉତ୍ସବ ପାଳିତ ହେଉଛି । ମୌଳିକ ବିଷୟ ହେଉଛି, ମଣିଷ ଜୀବନ ଦୁର୍ଦ୍ଦିନରେ ଆର୍ତ୍ତ ଅବସ୍ଥାରେ ଯେଉଁ ନାମ, ରୂପର ଆଶ୍ରୟ ନେଲା ଏବଂ ଆଶା କରୁଥିବା ଫଳ ପାଇଲା ସେହି ନାମ, ରୂପକୁ ବିଖ୍ୟାତ କରିଦେଲା, ଫଳରେ ଅଧିକ ସଂଖ୍ୟକ ଲୋକ ମଧ ବିପଦରୁ ଉଦ୍ଧାର ପାଇବାକୁ ଇଚ୍ଛା କରି ଫଳ ପାଇଲେ ଏବଂ ସେହି ନାମ ରୂପର ପ୍ରସିଦ୍ଧି ବଢ଼ିବାରେ ଲାଗିଲଶ । ତାଙ୍କ ଆଶ୍ରିତ ମାନଙ୍କ ସଂଖ୍ୟା ବଢ଼ିଲା ଓ ତାହାଙ୍କୁ କେନ୍ଦ୍ର କରି ପର୍ବ ପର୍ବାଣୀ ମାନ ଆରମ୍ଭ ହେଲା । ଏହାର ମୂଳ ସତ୍ୟ ହେଲା ନାମ ଓ ରୂପ ଯାହ ହେଉ ପଛେ ପ୍ରତ୍ୟେକ ଦେବ ଦେବୀଙ୍କର ଅଲୌକିକ ଶକ୍ତି ଅଛି - ତାହା ଉପରେ ବିଶ୍ୱାସ ।

ଆମ ଦେଶରେ ପୁରାଣ କାଳରୁ ବିଶ୍ୱାସ ରହିଆସିଛି ଯେ ଗାଁ ମୁଣ୍ଡ ଗଛ ମୂଳେ ସିନ୍ଦୁର ବୋଳା ଯାଇଥିବା ପଥରଟିରେ ମଧ ଦୈବୀ ଶକ୍ତି ଅଛି, ସେ ମଧ ପ୍ରାର୍ଥନା ଶୁଣିପାରେ ଏବଂ ବାଞ୍ଛିତ ଫଳ ଦେଇପାରେ । ଯେଉଁଥିପାଇଁ ଷାଠିଏ ବର୍ଷ ତଳେ ଗଛ ମୂଳେ ଖରା ବର୍ଷା ଖାଉଥିବା ପଥର ଖଣ୍ଡେ ବର୍ତ୍ତମାନ ମାର୍ବଲ ମନ୍ଦିରରେ ପୂଜା ପାଉଛି ଓ ତାଙ୍କୁ ନେଇ ଉତ୍ସବ ପାଳନ ହେଉଛି । ଏ କଥା କେବଳ ଓଡ଼ିଶାରେ ନୁହେଁ, ଭାରତର ଅନ୍ୟତ୍ର ଦେଖାଯାଉଛି । କେବଳ ହିନ୍ଦୁ ଧର୍ମରେ ନୁହେଁ ବିଭିନ୍ନ ଧର୍ମରେ, ବିଭିନ୍ନ ଦେଶରେ ଏହା ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ କେତେକ ଆଧ୍ୟାତ୍ମବାଦୀ ସାଧୁ ବ୍ୟକ୍ତି ତାଙ୍କ ସମାଜସେବା ମାଧ୍ୟମରେ ଲୋକମାନଙ୍କ ଅନ୍ତରରେ ସ୍ଥାନ ଗ୍ରହଣ କରିଥାନ୍ତି ସେମାନଙ୍କ ମୃତ୍ୟୁପରେ ତାଙ୍କ ସମାଧି ବା ଗାଦିକୁ କେନ୍ଦ୍ର କରି କେତେକ ଉତ୍ସବ ଅନୁଷ୍ଠାନ ଗଢ଼ି ଉଠିଲାରି, ତାଙ୍କ ଜନ୍ମଦିନ ଓ ତିରୋଧାନ ଦିବସର ସ୍ମୃତିରେ ପର୍ବ ପର୍ବାଣୀ ପାଳନ କରାଗଲାଣି । ଏହା ଅନ୍ୟ ଧର୍ମ ଭିତରେ ବି ଦେଖାଦେଲାଣି । ବେଳେବେଳେ ଗୃହ ନିର୍ମାଣ, ପୋଖରୀ ଖୋଳା ବା କୃଷି କର୍ମ ବେଳେ ମାଟି ତଳୁ କିଛି ପଦାର୍ଥ ମିଳିଯାଉଛି ଓ ଧର୍ମ ଭାବାପନ୍ନ ଲୋକମାନେ ସେଗୁଡ଼ିକୁ ଏକ ଆସ୍ଥାନରେ ରଖି ପୂଜାର୍ଚ୍ଚନା କରିବା ଆରମ୍ଭ କରି ଦେଉଛନ୍ତି ଓ ସେଗୁଡ଼ିକର ଆବିର୍ଭାବ ଦିବସର ସ୍ମୃତିରେ ପର୍ବପର୍ବାଣୀ ଆରମ୍ଭ ହୋଇଯାଉଛି । ଏସବୁ ପ୍ରକାର ସ୍ମୃତିରେ ପାଳିତ ହେଉଥିବା ଉତ୍ସବରୁ ଜଣାଯାଉଛି ଯେ ମଣିଷର ଅନ୍ତରରେ ଯେଉଁ ଦିବ୍ୟ ଭାବ ଓ ଚେତନା ଅଛି ତାହା କେଉଁ ନା କେଉଁ ପ୍ରକାରରେ ପ୍ରକଟିତ ହେଉଛି ଏହି ପର୍ବ ପାଳନ ମାଧ୍ୟମରେ । ଖୁବ୍ ଭଲ ଲକ୍ଷଣ । ମଣିଷ, ବୃକ୍ଷ, ପ୍ରସ୍ତର ବା ଧାତୁ ନିର୍ମିତ ମୂର୍ତ୍ତି ଭିତରେ ଦୈବତ୍ୱ ଆରୋପ କରିପାରୁଛି । ଭଗବାନ ବାବା ଆମକୁ ଆଉ ଟିକିଏ ଉର୍ଦ୍ଧ୍ୱକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତି । 'ତୁମେ କାଠ, ପଥର ଭିତରେ ଦୈବତ୍ୱ ଥିବା ଉପଲବ୍ଧି କରିପାରୁଛ କିନ୍ତୁ ଜୀବନ ମଣିଷ ଭିତରେ ତାହା ଉପଲବ୍ଧି କରିପାରୁ ନାହିଁ । ତାହା ମଣିଷ ଠାରେ ସବୁଠାରୁ ବେଶୀ ମାତ୍ରାରେ ବିଦ୍ୟମାନ ।' ତାହା ସନ୍ଦର୍ଶନ କରିବା ମଣିଷର ସବୁଠାରୁ ବଡ଼ ସାଧନା ଏବଂ ଏଥିରେ ସଫଳ ହେବା ବ୍ୟକ୍ତି ମଧ ପୂଜାର ପାତ୍ର ହୋଇଯାଆନ୍ତି, ତାଙ୍କୁ କେନ୍ଦ୍ର କରି ପୁନଶ୍ଚ ପର୍ବ ପର୍ବାଣୀ ଆରମ୍ଭ ହୋଇଯାଏ । ମୁଖ୍ୟତଃ ପର୍ବ ପର୍ବାଣୀ ପାଳନ କରିବାର ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି, ଆମେ -

ଭଗବାନଙ୍କୁ କେବେହେଲେ ଭୁଲି ନ ଯାଉଁ, ଭଗବାନଙ୍କ ଲୀଳା ମହିମାକୁ ସମ୍ମାନ ଜଣାଉଥାଉଁ, ସବୁକିଛି ଭିତରେ ଦୈବତ୍ୱକୁ ଚିହ୍ନିବାରେ ଚେଷ୍ଟା କରୁଥାଉଁ, ଭଗବାନଙ୍କ ଶକ୍ତି ସମସ୍ତଙ୍କ ପାଇଁ, ଏହା ବୁଝୁଥାଉଁ, ଦୁଷ୍ଟ ଶକ୍ତି ଯେତେ ପ୍ରବଳ ହେଲେ ବି ଦୈବୀଶକ୍ତି ପାଖରେ କାଳେ କାଳେ ତାହା ପରାସ୍ତ ହୁଏ, ଏହା ବିସ୍ମୃତ ନ ହେଉଁ, ଦୈବୀଶକ୍ତି ଯେ ଆମର ବଳ, ସାହସ ଓ ବଞ୍ଚିବାର ଏକମାତ୍ର ପାଥେୟ, ତାହା ଉପଲବ୍ଧି କରୁଁ । ଆମ ସମାଜରେ ଅନ୍ୟ ଏକ ପ୍ରକାର ଉତ୍ସବ ପାଳନ ହୋଇ ଆସୁଛି । ସେଥିରେ ପୂଜା ଏତେ ବଡ଼ ସ୍ଥାନ ପାଉ ନଥିଲେ ମଧ ଉପବାସ, ବ୍ରତ, ପିଠା, ପଣା ଇତ୍ୟାଦି ଘରେ ଘରେ କରାଯାଉଛି । ପିଲାମାନେ ନୂଆ ପୋଷାକ ପିନ୍ଧନ୍ତି, ଗୋଟିଏ ଗୋଟିଏ ପର୍ବକୁ କେନ୍ଦ୍ର କରି କେତେ ପ୍ରକାର ଖେଳକୁଦ, ଚିତା, ମୁରୁଜ ଓ ପାରମ୍ପରିକ ଗୀତ, ପାଲା, ଦାସକାଠିଆ ପ୍ରଭୃତି ମାଧ୍ୟମରେ ଆନନ୍ଦ ଅନୁଭବ କରିବା ଲକ୍ଷ କରାଯାଏ । ଏହା ମାଧ୍ୟମରେ ମାନବ ମାନବ ଭିତରେ ସଂପ୍ରୀତି ଓ ବଢୁଥିବା ଜଣାଯାଏ । ଏହା ସମାଜରେ କିଛି ପୌରାଣିକ ଶିକ୍ଷା ବିସ୍ତାର କରେ ମଧ । ଭଗବାନଙ୍କ ଇଚ୍ଛା ପ୍ରତ୍ୟେକ ପର୍ବ ପର୍ବାଣୀ ଅନ୍ତରାଳରେ ଥିବା ତାତ୍ପର୍ଯ୍ୟ ଓ ଅନ୍ତରାର୍ଥ ବୁଝି ପାଳନ କଲେ, ବର୍ତ୍ତମାନ ସେଗୁଡ଼ିକ ଯେଉଁଭଳି ପାଳିତ ହେଉଛି ତାହାର ମହତ୍ୱ ଆହୁରି ବଢ଼ିଯାଆନ୍ତା । ସମାଜ ଉପରେ ଏକ ଦୈବୀ ପ୍ରଭାବ ପଡ଼ନ୍ତା ଯାହା ପ୍ରକାରାନ୍ତରେ ଜନ ମାନସକୁ ଏକ ସୁସ୍ଥ, ସଭ୍ୟ ଓ ଧାର୍ମିକ ମାର୍ଗରେ ଆଗେଇ ନେଇ ଯାଆନ୍ତା ।

ଅଲିଶା ବଜାର, କଟକ,
ମୋ: ୯୩୩୭୨୪୨୯୫୫




## ଜୀବନ ସଙ୍ଗୀତ

### ଉର୍ମିଳା ଗିରି ବିଶ୍ୱାଳ

କଳ୍ପନା ରେ ହାତରେ ଉଠାଇ,
ଶୂନ୍ୟଥାଳିରୁ ଖାଦ୍ୟ ଖାଇ ହୁଏ ନାହିଁ ।
ନୀଳ ଆକାଶ ରେ ସପନରେ, ତାରା
ସବୁଙ୍କୁ ନେଇଝୋଟି ପକାଇ ।
କଣ ନିଜ ଘର ସଜାଇ ହୁଏ
ସେଥିପାଇଁ ଦୁଇ ହାତ ଗୋଡ଼ ଦୁଇ,
ହଲେଇବାକୁ ହୁଏ ।
ଧୁ ଧୁ ଖରାରେ ଢୁ ଢୁ ବର୍ଷାରେ,
ମାଟି କାଦୁଅ ଚନ୍ଦନ କରି ବୋଳି
ହୋଇ,
ହହ ବାପୁଡା ଚାଲରେ ସ୍ୱର ଲହରାଇ ।
ପଶୁମାନଙ୍କ ପ୍ରାଣତନ୍ତ୍ରୀରେ,
ପଣି ହାରମୋନିୟମ ବଜାଇବାକୁ ହୁଏ
ତାପରେ ଯାଇ ସୁନାର ଫସଲରେ,
ଭର୍ତ୍ତି ହୁଏ ନିଜ ଅମାର ।
ଆଉ ସେଇଥିରୁ ମିଳେ
ଜଗତକୁ ଆହାର ।
ଆଉ ସେଇଥିପାଇଁ କୃଷକ ଭାଇ,
ଦୁନିଆ ପାଇଁ ଉଠାଏ ଦୁଃଖର ଭାର ।
ନହେଲେ ତୁମ ଅର୍ଜିତ କାଗଜ ନୋଟ,
ରହିଯାଏ ପକେଟ ଭିତରେ ।
କେବଳ ପେପର ହୋଇ ।
ଜୀବନ ସଙ୍ଗୀତ ହୁଏ ବେସୁରା,
ହୋଇ ଜୀବନ୍ତ ଶବ,
ଧୁ ଧୁ ନିରାଶାର ଖରା ଛାଇ ଖେଳ
ଭିତରେ ।

ମୋ: ୯୪୩୭୭୭୧୯୬୮

## ମିଛ ମରୀଚିକା

### ଗୀତାଞ୍ଜଳି ଅଗସ୍ତି

ମିଛ ମରୀଚିକା ପଛରେ ଗୋଡାଇ
ସମୟକୁ ସାରି ଦେଲି
ସମସ୍ତଙ୍କୁ ଏତେ ନିଜର ଭାବିକି
ମରୀଚିକାରେ ପଡ଼ିଲି ।

ବାପା ମାଆ ଭାଇ ଭଉଣୀ ମାନଙ୍କୁ
ନିଜର ମୁଁ ଭାବୁ ଥିଲି
ସମୟ ଚକ୍ରରେ ଗଲେରେ ଦୁରେଇ
ମରୀଚିକାରେ ଧାଉଁ ଥିଲି ।

ବନ୍ଧୁ ପରିଜନେ ଆପଣାର ବୋଲି
ଦୁଃଖ ମୋର କହୁ ଥିଲି
ସ୍ୱାର୍ଥ ଥିବା ଯାଏଁ ନିଜର ଭାବିଲେ
ମରୀଚିକା ପଛେ ଥିଲି ।

ସାହି ପଡିଶାଙ୍କୁ ନିଜର ଭାବିଲି
ସୁଖ ଦୁଃଖ ସାଥି ହେବେ
ମୋର ସୁଖ ଦେଖି କଙ୍କଡା ପରିକା
ପଛରୁ ଝିଙ୍କି ଦେବେ ।

ସମାଜକୁ ଏତେ ନିଜର ଭାବିଲି
ସାମାଜିକ ହେବା ପାଇଁ
ପରସ୍ପର ମଧ୍ୟେ ବିଦ୍ୱେଷ ରହିଛି
ଆଗକୁ ଛାଡିବେ ନାହିଁ ।

ଚଉବାହା ବୋଲି ଦୁଇ ହାତ ମୋର
ବଢେଇ ଦେଇଛି ତାକୁ
ମିଛ ମରୀଚିକା ମାୟା ବନ୍ଧନରୁ
ମୁଁ ଉଦ୍ଧାର ପାଇବାକୁ ।

ମିଛ ମାୟା ମୋହ ଅଜ୍ଞାନ ସଂସାର
କେମିତି ତୁ ଚଳାଉଛୁ
ଯେସାକୁ ତେସା ହୋଇ ସାରାଜଗତ
ମାୟାରେ ବାନ୍ଧି ରଖିଛୁ ।

ଏରଡା, ଭଦ୍ରକ

## ପୋଲ

### ଗଜାନନ ମିଶ୍ର

ଭୁଷୁଡିଗଲା ଏକାଥରକେ
ଏଠାକାର ଏ ପୋଲ ।
ଆଉ ଯିବାକୁ ଆଗକୁ
କରିଦେଲା ମନା ପବନ ।
ଜଳିଲା ନିଆଁ ହୁତ୍ ହୁତ୍
ଭିତରେ ଭିତରେ ହୃଦୟରେ ।
ବିଶ୍ୱସ୍ତ ହେବାର ଫଳ
ମିଳିଲା ଆଉ ହେଲି ଛାନିଆଁ ।
ଆସିବାର ଥିଲା ଏମିତି
ଆଜିର ଏ ଦିନ ଆଲୁଅ ଧାରେ ।
କହିଲେ ନି କୌଣସି ବନ୍ଧୁ
ଯାହାହେଲେ ବି
ରହିବେ ଶେଷଯାକେ ।
ହେଲା ନି ବୁଝି ଭଙ୍ଗା ପୋଲ ତଳେ
କିଏ କାହାର ଏତେବେଳେ !

ତପୋବନ,
ଟିଟିଲାଗଡ, ବଲାଙ୍ଗିର
ମୋ:୯୪୩୭୩୬୬୬୪୪

# ଥାଇରଏଡ୍ ସମସ୍ୟା ଅଛି କି ? ଜାଣନ୍ତୁ ଆପଣଙ୍କ ପାଇଁ କେଉଁ ଖାଦ୍ୟ ଭଲ ଏବଂ କେଉଁଟା ଖରାପ

**ବେକରେ ଥିବା ଏକ ଛୋଟ ଗ୍ରନ୍ଥି ହେଉଛି ଥାଇରଏଡ୍, କିନ୍ତୁ ଏହାର କାମ ବହୁତ ବଡ଼ । ଏହା ଆମ ଶରୀରର ମେଟାବୋଲିଜିମ୍ (ଚୟାପଚୟ), ଶକ୍ତି ସ୍ତର, ହୃଦସ୍ପନ୍ଦନ ଏବଂ ମୁଡ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । ଯେତେବେଳେ ଏହି ଗ୍ରନ୍ଥି ଠିକ୍ ଭାବରେ କାମ କରେ ନାହିଁ, ସେତେବେଳେ କ୍ଲାନ୍ତ ଅନୁଭବ ହେବା, ଓଜନ ବଢ଼ିବା ଏବଂ କେଶ ଝଡ଼ିବା ଭଳି ସମସ୍ୟା ଦେଖାଦେଇଥାଏ । ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ଅନୁଯାୟୀ, ଥାଇରଏଡ୍ ସମସ୍ୟା ପାଇଁ ଔଷଧ ଜରୁରୀ, କିନ୍ତୁ ସଠିକ୍ ଖାଦ୍ୟପେୟ ମଧ୍ୟ ଏଥିରେ ବହୁତ ସାହାଯ୍ୟ କରିଥାଏ । ଏଣୁ କେଉଁ ଖାଦ୍ୟଗୁଡ଼ିକ ଆପଣଙ୍କ ଥାଇରଏଡ୍ ପାଇଁ ସବୁଠାରୁ ଭଲ ଏବଂ କେଉଁଥିରୁ ଆପଣ ଦୂରେଇ ରହିବା ଉଚିତ୍ ତାହା ଜାଣିବା ଜରୁରୀ ।**



**ଥାଇରଏଡ୍ ପାଇଁ ଶ୍ରେଷ୍ଠ ଖାଦ୍ୟ:**

ସାମୁଦ୍ରିକ ଶୈବାଳ ଖାଦ୍ୟ : ନୋରି, କେଲ୍ପ ଏବଂ ୱାକାମେ ଭଳି ସାମୁଦ୍ରିକ ଶୈବାଳରେ ପ୍ରଚୁର ପରିମାଣରେ ଆୟୋଡିନ୍ ଥାଏ । ଥାଇରଏଡ୍ ହରମୋନ୍ ତିଆରି ପାଇଁ ଆୟୋଡିନ୍ ଅତ୍ୟନ୍ତ ଜରୁରୀ । ଯଦି ଆପଣଙ୍କର ପୂର୍ବରୁ ଥାଇରଏଡ୍ ରୋଗ ଅଛି, ତେବେ ଏହାକୁ ଅଧିକ ଖାଇବାରୁ ଦୂରେଇ ରୁହନ୍ତୁ ।

ବ୍ରାଜିଲ୍ ନଟ୍ସ : ଏଗୁଡ଼ିକ ସେଲେନିୟମର ଏକ ଉତ୍କୃଷ୍ଟ ଉତ୍ସ । ସେଲେନିୟମ୍ ଥାଇରଏଡ୍ ହରମୋନକୁ ସକ୍ରିୟ କରିବାରେ ସାହାଯ୍ୟ କରେ ଏବଂ ଗ୍ରନ୍ଥିକୁ କ୍ଷତିଗ୍ରସ୍ତ ହେବାରୁ ରକ୍ଷା କରେ । ପ୍ରତିଦିନ ମାତ୍ର ଗୋଟିଏ କିମ୍ବା ଦୁଇଟି ବ୍ରାଜିଲ୍ ନଟ୍ସ ଖାଇବା ଦ୍ୱାରା ଶରୀରର ସେଲେନିୟମ୍ ଆବଶ୍ୟକତା ପୂରଣ ହୋଇପାରିବ ।

ଅଣ୍ଡା : ଅଣ୍ଡାରେ ଆୟୋଡିନ୍ ଏବଂ ସେଲେନିୟମ୍ ସହିତ ଉଚ୍ଚମାନର ପ୍ରୋଟିନ୍ ମଧ୍ୟ ମିଳିଥାଏ । ଥାଇରଏଡ୍ ପାଇଁ ସମ୍ପୂର୍ଣ୍ଣ ଅଣ୍ଡା (କେବଳ ଅଣ୍ଡାର ଧଳା ଅଂଶ ନୁହେଁ) ଖାଇବା ଅଧିକ ଲାଭଦାୟକ ।

ଦହି ଏବଂ ଦୁଗ୍ଧଜାତ ଦ୍ରବ୍ୟ : ଏଥିରେ ଆୟୋଡିନ୍ ଏବଂ ଭିଟାମିନ୍ ଡି ଉଭୟ ରହିଥାଏ । ଭିଟାମିନ୍ ଡି'ର ଅଭାବରୁ ଅଟୋଇମ୍ୟୁନ୍ ଥାଇରଏଡ୍ ରୋଗ ହୋଇପାରେ । ତେଣୁ, ଏହାକୁ ନିଜ ଖାଦ୍ୟରେ ନିଶ୍ଚିତ ଭାବରେ ସାମିଲ କରନ୍ତୁ ।

କେଉଁ ଖାଦ୍ୟରୁ ଦୂରେଇ ରହିବେ: କ୍ରୁସିଫେରସ୍ ପନିପରିବା : ବ୍ରୋକୋଲି, ବନ୍ଧାକୋବି ଭଳି ପନିପରିବାରେ ଗୋଇଟ୍ରୋଜେନ୍ ନାମକ ଏକ ପଦାର୍ଥ ଥାଏ । ଏହା ଥାଇରଏଡର ଆୟୋଡିନ୍ ଶୋଷିବା କ୍ଷମତାକୁ କମ୍ କରିପାରେ । ଯଦି ଆପଣଙ୍କର ଆୟୋଡିନ୍ ଅଭାବ ଅଛି, ତେବେ ଏହି ପନିପରିବାକୁ କମ୍ ମାତ୍ରାରେ ଖାଆନ୍ତୁ ।

ସୋୟା ଉତ୍ପାଦ : ଟୋଫୁ ଏବଂ ସୋୟା କ୍ଷୀର ଭଳି ସୋୟା ଉତ୍ପାଦଗୁଡ଼ିକ ଆପଣଙ୍କ ଥାଇରଏଡ୍ ଶୋଷଣରେ ବାଧା ସୃଷ୍ଟି କରିପାରେ । ଯଦି ଆପଣ ଥାଇରଏଡ୍ ଔଷଧ ଖାଉଛନ୍ତି, ତେବେ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ସୋୟା ଖାଆନ୍ତୁ ନାହିଁ ।

ଗ୍ଲୁଟେନ୍ : ହାଶିମୋଟୋ ଥାଇରଏଡାଇଟିସ୍ ଭଳି ରୋଗ ଥିବା ଲୋକଙ୍କ ପାଇଁ ଗ୍ଲୁଟେନ୍ ସମସ୍ୟା ସୃଷ୍ଟି କରିପାରେ । ଯଦି ଆପଣଙ୍କୁ ଗ୍ଲୁଟେନ ସମ୍ବେଦନଶୀଳତା ଅଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରି ଗ୍ଲୁଟେନ୍-ମୁକ୍ତ ଖାଦ୍ୟ ଗ୍ରହଣ କରିବା ଭଲ ହୋଇପାରେ ।

ବିଶେଷ ସୂଚନା : ଖାଦ୍ୟପେୟରେ କୌଣସି ବଡ଼ ପରିବର୍ତ୍ତନ କରିବା ପୂର୍ବରୁ, ବିଶେଷକରି ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଅଛି, ତେବେ ନିଜ ଡାକ୍ତର କିମ୍ବା ବିଶେଷଜ୍ଞଙ୍କ ସହ ନିଶ୍ଚୟ ପରାମର୍ଶ କରନ୍ତୁ ।




# ସକାଳୁ ଖାଲି ପେଟରେ ଲେମ୍ବୁ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ଭଲ ନା' ଖରାପ ?

ଅଧିକାଂଶ ଲୋକ ସକାଳୁ ଉଠିବା ମାତ୍ରେ ଏକ ସୁସ୍ଥ ରୁଟିନ୍ ଆରମ୍ଭ କରିବା ପାଇଁ ଏକ ଗ୍ଲାସ୍ ଉଷୁମ ପାଣିରେ ଲେମ୍ବୁ ମିଶାଇ ପିଇଥା'ନ୍ତି । ପ୍ରକୃତରେ, ଏହାର କାରଣ ହେଉଛି ଏହି ପାଣି ଆମ ଶରୀରକୁ ଡିଟକ୍ସ କରିଥାଏ କିନ୍ତୁ ଲେମ୍ବୁ ପାଣି ଡିଟକ୍ସି ଡ୍ରିଙ୍କ୍ ନୁହେଁ । ଗ୍ୟାଷ୍ଟ୍ରୋ ଏବଂ ଲିଭର ବିଶେଷଜ୍ଞ ଡାକ୍ତର ସୌରଭ ସେଠୀ କହିଛନ୍ତି ଯେ ଏହି ପାଣିକୁ ଡିଟକ୍ସିଫାୟର ଭାବନ୍ତୁ ନାହିଁ କାରଣ ଏଥିରେ ଏପରି କୌଣସି ଉପାଦାନ ନାହିଁ । ଏହା ଓଜନ କମାଇବାରେ ସାହାଯ୍ୟ କରେ ଏବଂ ପେଟ ମଧ୍ୟ ସଫା ରଖେ କିନ୍ତୁ ଏହାକୁ ଖାଲି ପେଟରେ ପିଇବା ଠିକ୍ ନୁହେଁ ।

ଏକ୍ସପର୍ଟମାନେ କ'ଣ କୁହନ୍ତି ?

ଡାକ୍ତର ସୌରଭଙ୍କ ମତରେ ଲେମ୍ବୁ ପାଣି ପିଇବା ଭଲ । କିନ୍ତୁ କିଛି ଲୋକ ଯେଉଁମାନେ ଏହାକୁ ସକାଳ ସମୟରେ ଉଷୁମ କିମ୍ବା ଗରମ ପାଣି ସହିତ ପିଅନ୍ତି ସେମାନେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ମଧ୍ୟ ଜାଣିବା ଉଚିତ୍ । ଲେମ୍ବୁ ପାଣି ଭିଟାମିନ-ସି, ଆଣ୍ଟିଅକ୍ସିଡେଣ୍ଟ ଏବଂ ଅନେକ ଗୁଣରେ ଭରପୂର ହୋଇଥାଏ । କିନ୍ତୁ ଏହାକୁ ସକାଳ ବଦଳରେ ଦିନରେ ପିଇବା ଉଚିତ୍ । ବିଶେଷ କରି ସେହି ଲୋକମାନଙ୍କୁ ଯେଉଁମାନେ ପୂର୍ବରୁ ହିଁ ବ୍ଲୋଟିଙ୍ଗ୍ କିମ୍ବା ଗ୍ୟାସ ସମସ୍ୟାରେ ପୀଡ଼ିତ ଅଛନ୍ତି ।

ଲେମ୍ବୁପାଣି ପିଇବାର ଫାଇଦା କ'ଣ ?

ଏକ୍ସପର୍ଟମାନେ କୁହନ୍ତି ଯେ ଲେମ୍ବୁ ଆମ ଶରୀରରେ ହାଇଡ୍ରେସନ୍ ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରେ । ଏହା ୱାଟର ଏବଜର୍ପସନକୁ ବଢ଼ାଏ ଏବଂ ଏନର୍ଜି ଲେବଲକୁ ମଧ୍ୟ ବଢ଼ାଏ । ଯଦି ଆମେ ପ୍ରତିଦିନ ୧ଟି ଲେମ୍ବୁ ଖାଉ ତେବେ ସେଥିରୁ ଆମକୁ ପର୍ଯ୍ୟାପ୍ତ ଭିଟାମିନ-ସି ମିଳିଥାଏ । ଏହି ଭିଟାମିନ ସ୍କିନ୍ କୋଲାଜେନକୁ ବଢ଼ାଏ । ଲେମ୍ବୁ ଖାଇବା ଦ୍ୱାରା ଇମ୍ୟୁନିଟି ମଧ୍ୟ ମଜବୁତ ହୁଏ ଏବଂ ଏହାଦ୍ୱାରା ଆଇରନର ସ୍ତର ମଧ୍ୟ ବଢ଼େ । ଲେମ୍ବୁ ପାଣି ଆମ ପେଟ ପାଇଁ ଭଲ ହୋଇଥାଏ । ଏହାକୁ ପ୍ରତିଦିନ ପିଇବା ଦ୍ୱାରା ହାଇଡ୍ରେସନ ସହିତ ଡାଇଜେସନ ମଧ୍ୟ ଉନ୍ନତ ହୋଇଥାଏ । ଲେମ୍ବୁ ପାଣି ପିଇବା ଦ୍ୱାରା ଭଲ ବ୍ୟାକ୍ଟେରିଆ ବଢ଼ନ୍ତି । ଏହା ଦ୍ୱାରା ଓଜନ କମ ହୁଏ ନାହିଁ କିନ୍ତୁ ଓଜନ ବଢ଼େ ମଧ୍ୟ ନାହିଁ । ଏହା ଓଜନକୁ ନିୟନ୍ତ୍ରିତ ରଖେ ।

ଲେମ୍ବୁ ପାଣିର ପାର୍ଶ୍ୱ ପ୍ରତିକ୍ରିୟା

ଲୋକମାନେ ସକାଳ ସମୟରେ ଖାଲି ପେଟରେ ଉଷୁମ ପାଣିରେ ଏହାକୁ ପିଇଥା'ନ୍ତି । ଏହା ଏସିଡିଟି, ବ୍ଲୋଟିଙ୍ଗ୍ ଏବଂ ଗ୍ୟାସର ସମସ୍ୟାକୁ ବଢ଼ାଇପାରେ । ଆପଣ ଖାଇସାରିବା ପରେ ଏହାକୁ ପିଇପାରନ୍ତି କାରଣ ଏହାଦ୍ୱାରା ପାଚନ ସଠିକ୍ ଭାବରେ ହୋଇଥାଏ । ଗରମ ପାଣିରେ ଲେମ୍ବୁ ଚିପୁଡ଼ି ପିଇବା ଆଦୌ ଠିକ୍ ନୁହେଁ କାରଣ ଅଧିକ ଗରମ ହେବା ଦ୍ୱାରା ଭିଟାମିନ-ସି ବ୍ରେକଆଉଟ୍ ହୋଇଯାଏ । ଏହି କାରଣରୁ ତାହାର ପୋଷକ ତତ୍ତ୍ୱ ଆମକୁ ମିଳିପାରେ ନାହିଁ । ଯଦି ଆପଣ ଗରମ ପାଣିରେ ଏହାକୁ ପିଉଛନ୍ତି ତେବେ ଧ୍ୟାନ ରଖନ୍ତୁ ପାଣିକୁ ପ୍ରଥମେ ଉଷୁମ ସ୍ତରକୁ ଆଣନ୍ତୁ ତା'ପରେ ଲେମ୍ବୁ ମିଶାଇ ପିଅନ୍ତୁ ।

ଲେମନ ୱାଟରର ସ୍ତର ଏସିଡିକ ହୋଇଥାଏ, ଏହା ଆମ ଦାନ୍ତ ଉପରେ ପ୍ରଭାବ ପକାଇପାରେ । ଯେଉଁ କାରଣରୁ ଦାନ୍ତରେ ଖଟା ଏବଂ ସେନସିଟିଭିଟି ହୋଇପାରେ । ଲେମ୍ବୁ ପାଣି ପିଇବା ପାଇଁ ଆପଣଙ୍କୁ ଷ୍ଟ୍ର'ର ବ୍ୟବହାର କରିବା ଉଚିତ କିମ୍ବା ଏକ ସମୟରେ ହିଁ ଏହାକୁ ପିଇନେବା ଉଚିତ । ଏହାକୁ ପିଇସାରିବା ପରେ କୁଳୁକୁଞ୍ଚା ନିଶ୍ଚୟ କରନ୍ତୁ । ଲେମ୍ବୁ ପାଣି ଆମ ଶରୀରକୁ ଡିଟକ୍ସ କରେ ନାହିଁ । ଲେମ୍ବୁ ପାଣି ପିଇବା ଦ୍ୱାରା ହାଇଡ୍ରେସନ ଏବଂ ଇନଡାଇଜେସନର ସମସ୍ୟା ଦୂର ହୋଇଥାଏ ।





# ମହାସଂଗ୍ରାମର ମହାନାୟକ, ବିପ୍ଳବୀ ବାଘାଯତୀନ

ଅରୁଣ ଜେନା



ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନର ଇତିହାସ ସମଗ୍ର ବିଶ୍ୱରେ ବିରଳ ଓ ବିସ୍ମୟକର ଗାଥା । ବ୍ରିଟିଶ୍ ସାମ୍ରାଜ୍ୟବାଦରେ କବଳିତ ପରାଧୀନ ଭାରତର ମୁକ୍ତି ସଂଗ୍ରାମର ଧାରା ବିଭିନ୍ନ ପର୍ଯ୍ୟାୟ ବିପ୍ଳବ, ଖଣ୍ଡବିପ୍ଳବ, ବିକ୍ଷିପ୍ତ ବିଦ୍ରୋହ ଅବା ଅନେକ କ୍ରାନ୍ତିକାରୀ ସଶସ୍ତ୍ର ସଂଗ୍ରାମର ଆଗ୍ନେୟ ଅଧ୍ୟାୟ ଦେଇ ତ୍ୱରାନ୍ୱିତ ହୋଇଥିଲା । ଏକଥା ଭୁଲିଯିବା ଉଚିତ ନୁହେଁ ଯେ ପ୍ରାୟ ଦୁଇଶହବର୍ଷର ପରାଧୀନତା କାଳରେ ଆମ ସ୍ୱାଧୀନତା ଆନ୍ଦୋଳନର ସିଂହଭାଗ ସମୟ ଥିଲା - ଚରମପନ୍ଥୀ ଆନ୍ଦୋଳନର ବହୁ ଦୁଃସାହସିକ ଘଟଣା ପ୍ରବାହର ବୀରତ୍ୱଭରା କାହାଣୀ; ଯାହା ଅସୀମ ଆତ୍ମତ୍ୟାଗ, ଅମାପ ବଳିଦାନ ଓ ଅତୁଳନୀୟ ଦେଶପ୍ରେମର ଜ୍ୱଳନ୍ତ ନିଦର୍ଶନ । ଦେଶମାତୃକାର ମୁକ୍ତିଯଜ୍ଞରେ କେତେ ଶତଶତ ବୀର, ବିପ୍ଳବୀ ଯୁବଛାତ୍ର ଓ କ୍ରାନ୍ତିଦ୍ରଷ୍ଟା ଯୁବପ୍ରାଣ ମଣିଷ (ନର-ନାରୀ) ଆପଣାର ଜୀବନ ଯୌବନ, ସ୍ୱାର୍ଥ, ସମ୍ଭୋଗ ଓ ସୁଖ ସଂସାରକୁ ଭୁଲି ନିଜକୁ ଇଂରେଜ ଫୌଜ, ପୋଲିସ୍ ଓ ସେନାର ଗୁଳିଗୁଳା, ଜେଲର କାଳକୋଠରୀ, କଳାପାଣି, ମୃତ୍ୟୁର ପରୱାନା, ଗୋରା ପୋଲିସର ନିର୍ମମ ଅମାନୁଷିକ ଅତ୍ୟାଚାର, ପାଶବିକ ନିର୍ଯ୍ୟାତନା ଓ ଫାଶୀଖୁଣ୍ଟକୁ ହସିହସି ଚୁମ୍ବନ ଦେଇ ନିଜକୁ ସ୍ୱାଧୀନତାର ପଥରେ ନିଃଶେଷ କରିଦେଇଥିଲେ, ଆଜିର ଜନଗଣ ସେ କଥା କେତେଦୂର ନିଜ ଭିତରେ ଅନୁଭବ କରିପାରିବେ - କିମ୍ବା ଆମର ଇତିହାସ ତା'ର ସଠିକ୍ ହିସାବ ଦେଇପାରିବ - ତାହା ଗଭୀର ବିତର୍କର ବିଷୟ । ଭାରତର ସଶସ୍ତ୍ର ମୁକ୍ତିଯୁଦ୍ଧ ଯେତେବେଳେ ସ୍ୱାମୀ ବିବେକାନନ୍ଦ, ତିଳକ ଓ ଅରବିନ୍ଦଙ୍କ ରାଜନୈତିକ ଦର୍ଶନ ଦ୍ୱାରା ଅଗ୍ରଗତି ପଥରେ ଧାବିତ ହେଉଥିଲା, ଠିକ୍ ସେତିକିବେଳେ ଅଦୂରଦର୍ଶୀ ଭାଇସରାୟ ଲର୍ଡ଼ କର୍ଜନ୍ (୧୯୦୫) 'ବଙ୍ଗଭଙ୍ଗ' ପ୍ରସ୍ତାବ ଦେଇ ଆମ ମୁକ୍ତିସଂଗ୍ରାମ ଇତିହାସରେ ଏକ ନୂତନ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଯୋଗ କରିଦେଲେ ।

ଶତ୍ରୁ ଯେତେବେଳେ ଦୁର୍ବଳ, ବ୍ୟସ୍ତ, ବିବ୍ରତ, ଭୀତତ୍ରସ୍ତ ସେତେବେଳେ ଶତ୍ରୁର ମେରୁଦଣ୍ଡ ଉପରେ ଶକ୍ତ ପ୍ରହାର ଦେଇ ଆପଣାର ଜନ୍ମଗତ ଅଧିକାର ସ୍ୱରାଜ ବା ସ୍ୱାଧୀନତା ହାସଲ କରିବା ଅସଲ ମାର୍ଗ ବୋଲି ସେଦିନ ଆମ ଦେଶର ବିପ୍ଳବୀ ଯୁବଗୋଷ୍ଠୀ ବେଶ୍ ଭଲଭାବେ ଉପଲବ୍ଧି କରିପାରିଥିଲେ । କ୍ରାନ୍ତିକାରୀ ଯୁବ-ଛାତ୍ର ଗୋଷ୍ଠୀଙ୍କ କୌଶଳପୂର୍ଣ୍ଣ ସାହସୀ ଗରିଲା ଯୁଦ୍ଧ ସାଂଗକୁ ସେନାବାହିନୀର ବିଦ୍ରୋହୀ ଶକ୍ତିଙ୍କୁ ଏକତ୍ର କରି ସମ୍ମୁଖ ସଶସ୍ତ୍ର ସଂଗ୍ରାମଦ୍ୱାରା ବହୁଆକାଂକ୍ଷିତ ସ୍ୱାଧୀନତା ହାସଲ କରାଯାଇପାରେ, ଏ କଥା ଆମ ଦେଶର ଅଗ୍ନିଯୁଗର ବିପ୍ଳବୀମାନଙ୍କ ସିଦ୍ଧାନ୍ତ (ଭାବନା) ଥିଲା । ସିପାହୀ ବିଦ୍ରୋହଠାରୁ ଆରମ୍ଭ କରି 'ଆଜାଦ୍ ହିନ୍ଦ୍ ଯୁଗ' ପର୍ଯ୍ୟନ୍ତ ସବୁବେଳେ ବିପ୍ଳବୀମାନେ ସେନାବାହିନୀଙ୍କୁ ସଂଗରେ ନେବାପାଇଁ ଚେଷ୍ଟା କରିଥିଲେ । ସେମାନଙ୍କର ବିଶ୍ୱାସ ଥିଲା - ସେନାବାହିନୀର ଅସନ୍ତୋଷକୁ ସାଧାରଣ ଜନତାର ଅସନ୍ତୋଷ ସହ ମିଶାଇ ଦିଆଯାଇପାରିଲେ ସଶସ୍ତ୍ର ବିପ୍ଳବ ନିଶ୍ଚୟ ସଫଳ ହେବ । ଅଠରଶହ ସତାବନରେ ଯାହା ନାନାସାହେବ, ତାନ୍ତିଆତୋପେ ଓ ମଙ୍ଗଲ ପାଣ୍ଡେ ବା ୧୯୪୩ରେ ଯାହା ନେତାଜୀ ସୁଭାଷ ଚନ୍ଦ୍ର ବୋଷ କରିଥିଲେ ୧୯୧୫ରେ ବିପ୍ଳବୀ ବାଘାଯତୀନ୍ ଓ ରାସବିହାରୀ ବୋଷ ସେୟା କରିବାକୁ ପ୍ରବଳ ଉଦ୍ୟମ କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ସେଇ ଘଡ଼ିସନ୍ଧି ମୁହୂର୍ତ୍ତ - ବିପ୍ଳବର ବନ୍ଧୁର ପଥରେ ଦେଶମାତୃକାକୁ ମୁକ୍ତ କରିବାଲାଗି - ଦୂରଦର୍ଶୀ - ଦୁଃସାହସୀ ନେତୃତ୍ୱ - ରାସବିହାରୀ ବୋଷ ଓ ଯତୀନ୍ଦ୍ରନାଥ ମୁଖାର୍ଜୀ, ଅରବିନ୍ଦ ଘୋଷ, ମାନବେନ୍ଦ୍ର ନାଥ ରାୟ, ବିପିନ୍ ଗାଙ୍ଗୁଲି, ମହେନ୍ଦ୍ର ସିଂ, କର୍ତ୍ତାର ସିଂ, ଭଗବାନ ସିଂ, ଜଗତ ସି. ଭୂପେନ୍ ଦତ୍ତ (ବିବେକାନନ୍ଦଙ୍କ ଭ୍ରାତା), ବାରିନ୍ ଘୋଷ୍ (ଶ୍ରୀ ଅରବିନ୍ଦଙ୍କ ଭାଇ), ମହମ୍ମଦ ବରକତୱାଲା, ତାରକ ଦାସ, ଚନ୍ଦ୍ରକାନ୍ତି ଚକ୍ରବର୍ତ୍ତୀ, ଯୋଧ ସିଂହ, ଜୀତେନ୍ଦ୍ର ଲାହିରୀ, ସତ୍ୟେନ୍ ସେନ୍, ବୀରେନ୍ଦ୍ର ଚଟ୍ଟୋପାଧ୍ୟାୟ, ହରିକୁମାର ଚକ୍ରବର୍ତ୍ତୀ, ସଦାଶିବ ରାଓ, ହରଦୟାଲ୍, ବିଷ୍ଣୁ ଗଣେଶ ପିଙ୍ଗଲେ, ସତ୍ୟେନ୍ ବୋଷ୍, ଅତୁଲ ଘୋଷ, ସଚ୍ଚିନ୍ ସାନ୍ୟାଲ୍, ଅରୁର ସିଂ ଓ ମୌଲବୀ ଅବଦୁଲ୍ଲା ପ୍ରମୁଖ ବୀର ଯୋଦ୍ଧାଗଣ ଦେଶ ଭିତରେ ଦେଶ ବାହାରେ ଏବଂ ସର୍ବୋପରି ସେନା ବିଦ୍ରୋହର ଏକ ସଶକ୍ତ ସୁଦୃଢ଼, ସୁପରିକଳ୍ପିତ, ସର୍ବବ୍ୟାପୀ ଅତର୍କିତ ଆକ୍ରମଣ ଯୋଜନା ପ୍ରସ୍ତୁତ କରିଥିଲେ । ଏଥିପାଇଁ ଦେଶ ବାହାରେ ଜର୍ମାନୀ, ଜାପାନ, ଥାଇଲାଣ୍ଡ, ବର୍ମା, କାବୁଲ୍ ଓ ସିଂଗାପୁର ଆଦି ଦେଶରେ



ଏମ୍.ଏନ୍. ରାୟଙ୍କ ଦ୍ୱାରା 'ଇଣ୍ଡିଆନ୍ ଇଣ୍ଡିପେଣ୍ଡେଣ୍ଟ୍ ଲିଗ୍' ଓ 'ଫେଡେରେସନ୍ ଅଫ୍ ପେଟ୍ରିଅଟ୍ସ୍' ଆଦି ଗୁପ୍ତ ବୈପ୍ଳବିକ ସଂଗଠନମାନ ଗଢ଼ାଯାଇଥିଲା । ବାଘାଯତୀନ୍, ରାସବିହାରୀ ଓ ମାନବେନ୍ଦ୍ରନାଥ ରାୟ ଜର୍ମାନ୍‌ର କନସଲ୍ ଥିଓଡର ହେଲଫେରିକ୍, ଜର୍ଜ ଥାଇବଲ ଓ ଜର୍ମାନ୍‌ର ଯୁବରାଜ ଉଇହେଲମ୍-୨ଙ୍କ ସହ ପର୍ଯ୍ୟାୟକ୍ରମେ ପ୍ରତ୍ୟକ୍ଷ ଓ ପରୋକ୍ଷ ଆଲୋଚନା କରି ବିପୁଳ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ପାଇବାର ନିର୍ଭର ପ୍ରତିଶ୍ରୁତି ହାସଲ କରିଥିଲେ । ଏଥିଲାଗି ଜର୍ମାନ୍‌ର ଏକମାତ୍ର ସ୍ୱାର୍ଥ ଥିଲା - ଭାରତୀୟ ବିପ୍ଳବୀଙ୍କୁ ସାହାଯ୍ୟ ଦେଇ ଭାରତରେ ଇଂରେଜମାନଙ୍କୁ ଦୁର୍ବଳ କରାଇ ୟୁରୋପରେ ସେମାନଙ୍କ ଉପରେ ବ୍ୟାପକ ଆକ୍ରମଣ କରିବା । ୧୯୧୫- ଫେବୃଆରୀ ୧୫ରେ ଜର୍ମାନ୍‌ରୁ ପ୍ରେରିତ - 'ମାଭାରିକ୍' ଜାହାଜରେ ୩୦ ହଜାର ରାଇଫଲ୍ ଏବଂ ପ୍ରତି ରାଇଫଲ୍ ପାଇଁ ୪୦୦ ରାଉଣ୍ଡ୍ ଲେଖାଏଁ ଗୁଳି ଏବଂ ୩ ଲକ୍ଷ ଟଙ୍କା ଆସିବାର ବ୍ୟବସ୍ଥା ହୋଇଥିଲା । ଏହି ଜାହାଜ ପୂର୍ବବଙ୍ଗରେ ଲଙ୍ଗର କରିବ - ସେଠାରୁ ଅସ୍ତ୍ରଶସ୍ତ୍ର ଖଲାସ ହୋଇ କଲିକତା, ବାଲେଶ୍ୱର ଓ ଉତ୍ତର ଭାରତରେ ତାହା ବଣ୍ଟାଯିବ । ଉତ୍ତର ଭାରତ ଏବଂ ପଞ୍ଜାବରେ ଯୁଦ୍ଧ ଆୟୋଜନ ଓ ସୈନ୍ୟଙ୍କୁ ମତାଇବା ତଥା ସାଂଗଠନିକ ଦାୟିତ୍ୱ ନ୍ୟସ୍ତ ଥିଲା ରାସବିହାରୀଙ୍କ ଉପରେ; ଆଉ ବାଘାଯତୀନ୍ ଓ କର୍ତ୍ତାର ସିଂଙ୍କ ଉପରେ ଦାୟିତ୍ୱ ଥିଲା - ପୂର୍ବ ଭାରତର ବିସ୍ତୀର୍ଣ୍ଣ ଇଲାକା - ବଙ୍ଗ, ବିହାର, ଓଡ଼ିଶା ଓ ମାଡ୍ରାସ୍ ପ୍ରେସିଡେନ୍ସି । ବିଦ୍ରୋହ କାଳରେ ବାଘାଯତୀନ୍ ଓଡ଼ିଶା ପଟୁ ସଡ଼କପଥ ଓ ରେଳପଥକୁ ବୋମା ଦ୍ୱାରା ଉଡ଼ାଇଦେଇ ମାଡ୍ରାସ୍‌ରୁ କଲିକତା ଏବଂ କର୍ତ୍ତାର ସିଂହ ବିହାର ପଟୁ ଚକ୍ରଧରପୁରଠାରେ ସଡ଼କପଥ ଓ ରେଳପଥକୁ ସେହିପରି ବିଚ୍ଛିନ୍ନ କରାଇ ଉତ୍ତର-ପୂର୍ବପଟୁ ଏହି ଦୁଇ ବିପ୍ଳବୀଙ୍କ ଦ୍ୱାରା ଦୁର୍ବାର ଦୁଃସାହସିକ ଅଭିଯାନ ବାହାରିବ 'ଫୋର୍ଟ ୱିଲିୟମ୍' ଦୁର୍ଗ ଅଭିମୁଖେ । ଏଇଭଳି ଭାବେ ସିଂଗାପୁରଠାରୁ ପଞ୍ଜାବ ପର୍ଯ୍ୟନ୍ତ 'ସଂପୂର୍ଣ୍ଣ ବିଦ୍ରୋହ' ର ନୀଳନକ୍ସା ଚୂଡ଼ାନ୍ତ ହୋଇଥିଲା । ସେଦିନ ଛାତ୍ରାବସ୍ଥାରେ ୧୮୯୮ରୁ୧୯୦୨ ଯାଏଁ କଲିକତାସ୍ଥିତ ଗଂଗାନଦୀ ତଟ ବେଲୁର ମଠ ଶ୍ରୀରାମକୃଷ୍ଣ ମିଶନର ଗୁରୁଗମ୍ଭୀର ପୂତପବିତ୍ର ପରିବେଶ ଏବଂ କଲିକତା ସହରର କର୍ଜନ ରୋଡ଼ସ୍ଥିତ ଅମ୍ବାଗୁହ୍ୟଙ୍କ ବ୍ୟାୟାମଶାଳାରେ ସ୍ୱାମୀ ବିବେକାନନ୍ଦଙ୍କ ସହ ପ୍ରତ୍ୟକ୍ଷ ସଂପର୍କ ଓ ନିବିଡ଼ି ସାନିଧ୍ୟ ପ୍ରାପ୍ତ ହୋଇ ଯତୀନ୍ଦ୍ରନାଥ ତାଙ୍କଠୁଁ ଯେଉଁସବୁ ମୂଲ୍ୟବାନ ଉପଦେଶ, ଶିକ୍ଷା, ଦୀକ୍ଷା, ଅସୀମ ଆତ୍ମବଳ, ଉଚ୍ଚ ଆଦର୍ଶ, ଗଭୀର ଆଧ୍ୟାତ୍ମଜ୍ଞାନ ଓ ପ୍ରଚଣ୍ଡ ଦେଶପ୍ରାଣତାର ଚେତନାଦୀପ୍ତ ଆଲୋକରେ ନିଜକୁ ପ୍ରଜ୍ୱଳିତ କରିଥିଲେ ତାହା ଥିଲା - ଅତ୍ୟନ୍ତ ବିରଳ, ବୈପ୍ଳବିକ, ଅବ୍ୟକ୍ତ ଓ ଅବର୍ଣ୍ଣନୀୟ । ସେଇ ମାତୃଭୂମି ସେବିତ, ଦେଶଭକ୍ତ, କ୍ରାନ୍ତିଦ୍ରଷ୍ଟା ସନ୍ନ୍ୟାସୀଙ୍କ ଅମ୍ଳାନ ବ୍ୟକ୍ତିତ୍ୱ, ନେତୃତ୍ୱ, ଚିନ୍ତା, ଦର୍ଶନ ଓ ଦେବୋପମ ଗୁଣସବୁ ତାଙ୍କୁ ଏତେମାତ୍ରାରେ ଅନୁପ୍ରାଣିତ କରିଥିଲା ଯେ - ପରବର୍ତ୍ତୀ କାଳରେ ବାଘାଯତୀନ୍‌ଙ୍କୁ 'ବ୍ୟାୟାମଶାଳାରୁ ବିପ୍ଳବର ବହ୍ନିଶିଖା' ଭାବେ ଦେଶମାତୃକାର ମୁକ୍ତିପଥେ ସଶସ୍ତ୍ର ସଂଗ୍ରାମର ଇତିହାସରେ ସେନାପତି ରୂପେ ବୀର ବାଘାଯତୀନ୍ ନିଜକୁ ପ୍ରତିପାଦିତ, ପ୍ରତିଷ୍ଠିତ ଓ ସମର୍ପିତ କରିଥିଲେ କହିଲେ ଭୁଲ୍ ହେବନାହିଁ ।

ସେଥିପାଇଁ ବିପ୍ଳବୀମାନଙ୍କ ମଧ୍ୟରେ ଗଭୀର ଚିନ୍ତା ଓ ଆଲୋଚନା କରାଯାଇ - ୧୯୧୩ ମସିହା ଅକ୍ଟୋବର ମାସ ଏକ ବିରଳ-ନୀରୋଳା ମୂହୂର୍ତ୍ତରେ ବଙ୍ଗର ଦକ୍ଷିଣେଶ୍ୱର କାଳୀମାତା ମନ୍ଦିର ପବିତ୍ର ପୀଠରେ ଗୋପନରେ ଯତୀନ୍ଦ୍ରନାଥ, ରାସବିହାରୀ, ବିପିନ୍ ଗାଙ୍ଗୁଲି, କର୍ତ୍ତାର ସିଂ, ଅମରେନ୍ଦ୍ର ଚାଟାର୍ଜୀ, ମୋତିଲାଲ୍ ରାୟଙ୍କ ସମେତ 'ଯୁଗାନ୍ତର ଦଳ', 'ଅନୁଶୀଳନ ସମିତି', 'ଆତ୍ମସମ୍ଭୋଗ ବାହିନୀ' ଓ 'ବେଙ୍ଗଲ୍ ଭଲ୍ୟୁଣ୍ଟିଆର୍ ଫୋର୍ସ' ଆଦି ବୈପ୍ଳବିକ ସଙ୍ଗଠନର ଶୀର୍ଷ ନେତୃତ୍ୱଗଣ ଏକାଠି ହୋଇ - ଆସନ୍ତା ୧୯୧୫ ଫେବୃଆରୀ ୨୧ ମଧ୍ୟରାତ୍ରରେ କଲିକତାର 'ଫୋର୍ଟ୍ ୱିଲିୟମ୍ ଦୁର୍ଗ' ଉପରେ ଅତର୍କିତ ଆକ୍ରମଣ ପୂର୍ବକ ଭାରତର ସ୍ୱାଧୀନତାର ପତାକାକୁ ସଗର୍ବେ ଉତ୍ତୋଳନ କରାଇ ଦେଶକୁ ସ୍ୱାଧୀନତା ଘୋଷଣା କରାଯିବ । ଏହି କଥା ଏକ ସମୟରେ ଦିଲ୍ଲୀ, କାନପୁର, ପଞ୍ଜାବ, ସିଙ୍ଗାପୁର, ଲାହୋର, କରାଚୀ, ବମ୍ବେ, ମିରଟ୍, ହାଇଦ୍ରାବାଦ, ମାଡ୍ରାସ୍ ଓ କଲିକତାରେ ସଂଘଠିତ କରାଯାଇ ବ୍ରିଟିଶ୍ ଶାସନକଳକୁ କବଜା କରାଯିବ - ତତ୍ସହିତ ସେନାବାହିନୀରେ ମଧ୍ୟ ବିଦ୍ରୋହ ସୃଷ୍ଟି କରାଯାଇ ସଂପୂର୍ଣ୍ଣ ଭାବେ ବ୍ରିଟିଶ୍ ଶାସନତନ୍ତ୍ରକୁ ଅଚଳ କରାଇଦିଆଯିବ । ବିଦ୍ରୋହୀମାନଙ୍କ ଦଖଲକୁ ଆସିଯିବ ଦେଶର ଶାସନଭାର । ଆଉ ଅତ୍ୟାଚାରୀ ଇଂରେଜ ଶାସନର ଅବସାନ ଘଟିବ । ଫେବୃଆରୀ ୨୨ ତାରିଖରେ ଭାରତ ଦେଖିବ ନୂଆ ସକାଳ ସ୍ୱାଧୀନତାର ସୂର୍ଯ୍ୟୋଦୟ । ବିପ୍ଳବୀମାନେ ନିଜ ସାଧନାର ପୀଠ - ଯେଉଁଠି ଗୁରୁ ଶ୍ରୀରାମକୃଷ୍ଣ ଓ ବିବେକାନନ୍ଦଙ୍କ ଠାରୁ ସେମାନେ ଦେଶପ୍ରେମର ଦୀକ୍ଷା ଗ୍ରହଣ କରିଥିଲେ - ସେଇଠାରେ ହିଁ ଯୋଜନା କରି ଦେଶମାତୃକାର ମୁକ୍ତିଲାଗି ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଆଉ ଏହି ଯୋଜନାର ଚୂଡ଼ାନ୍ତ ଅନୁମୋଦନ ଲାଗି - ପଣ୍ଡିଚେରୀ ଯାଇ ଶ୍ରୀଅରବିନ୍ଦଙ୍କଠାରୁ ଅନୁମତିପ୍ରାପ୍ତ ହୋଇ ୧୯୧୩ ନଭେମ୍ବରରେ କଲିକତା ଫେରିଆସିଥିଲେ ମୋତିଲାଲ୍ ରାୟ ।

ସବୁ ପ୍ରସ୍ତୁତି ଶେଷ ପ୍ରାୟ - ଜର୍ମାନ୍‌ରୁ ଟେଲିଗ୍ରାମ୍ ମିଳିବା ସଂଗେସଂଗେ - ସିଂଗାପୁର ଓ ରାୟମଙ୍ଗଳ ଘାଟକୁ ଲୋକ ପଠାଇ ଦିଆଗଲା । ଖବର ଆସିଲା - 'ମାଭାରିକ୍' ଜାହାଜ ଜାପାନ୍ ଉପକୂଳରେ ପହଞ୍ଚିଯାଇଛି ଏବଂ ଦିନେ ଦୁଇଦିନ ଭିତରେ ସିଂଗାପୁରରେ ପହଞ୍ଚିଯିବ । ଅନ୍ୟାନ୍ୟ କେତେକ ପଣ୍ୟସାମଗ୍ରୀ ସେଠାରେ ଖଲାସ କରି 'ମାଭାରିକ୍' ଜାହାଜ ଯଥା ସମୟରେ ପୂର୍ବବଙ୍ଗ ଉପକୂଳ ସୁନ୍ଦରବନରେ ଲାଗିବ । ଖବର ଆସିଲା ମାଭାରିକ୍ ଜାହାଜ ପହଞ୍ଚିଯାଇଛି । ସେନାପତି ବାଘାଯତୀନ୍ ଓ ରାସବିହାରୀ ହିସାବ କଲେ ଅନ୍ତତଃ ଏକ ସପ୍ତାହ ଭିତରେ ସମଗ୍ର ଦେଶରେ ଅସ୍ତ୍ରଶସ୍ତ୍ର ବଣ୍ଟନ ଶେଷ କରି ଅଭିଯାନ ଆରମ୍ଭ କରିଦେଲେ ଦୀର୍ଘଦିନର ଯୋଜନା ସଫଳ ହେବ । ଦେଶ ନିଶ୍ଚୟ ବହୁ ପ୍ରତୀକ୍ଷିତ ସ୍ୱାଧୀନତାର ସ୍ୱାଦ ଚାଖିବ । କାରଣ ମାତ୍ର ୫୦ଖଣ୍ଡ ରାଡ଼ଡ଼ା କଂପାନୀର ପିସ୍ତଲ୍ ମାଡ଼ରେ - ୧୯୧୪ ଜୁନ୍ ବଙ୍ଗଭୂଇଁରେ ବିପ୍ଳବୀମାନଙ୍କ ଆକ୍ରମଣରେ ଯେଉଁ ସରକାର ଆତଙ୍କିତ, ବିବ୍ରତ ଓ ବିଚଳିତ ହୋଇପଡ଼ିଥିଲା - ଜର୍ମାନର ୩୦ ହଜାର ରାଇଫଲ୍ ମାଡ଼ରେ ତା'ର ଯେ ଆଉ ସତ୍ତା ରହିବ ନାହିଁ - ଏକଥା ଇଂରେଜ ଶାସନକଳ ସଠିକ୍ ଭାବେ ବୁଝିସାରିଥିଲା ।

କିନ୍ତୁ ହାୟରେ ଦୁର୍ଭାଗ୍ୟ - ଚରମ ବିଡ଼ମ୍ବନା - ଦୁଃଖିନୀ ଭାରତମାତା ପ୍ରତି ଭାଗ୍ୟଦେବୀ ସତେଯେମିତି ଅପ୍ରସନ୍ନା । ଅଗ୍ନିଯୁଗର ସେଇ ଅଗ୍ନିଭରା - ରକ୍ତଝରା ବିପ୍ଳବୀ ବୀରପୁତ୍ରମାନଙ୍କୁ ଦୈବ ଉପହାସ କରି କହିଦେଲା - "ଏଇତ ଆରମ୍ଭ ମାତ୍ର, ଏତ ଗଣବିପ୍ଳବ, ଗଣବିଦ୍ରୋହର ଶୁଭାରମ୍ଭ କେବଳ । ଆହୁରି ଅନେକ ରକ୍ତ, ଅନେକ ଜୀବନ, ଅନେକ ଦୁଃଖଦପୂର୍ଣ୍ଣ ରାତ୍ରି, ଯନ୍ତ୍ରଣା ଓ ଦୁର୍ଯୋଗପୂର୍ଣ୍ଣ କଣ୍ଟକିତ ଲହୁଲୁହର ରାସ୍ତା ଅତିକ୍ରମ କଲେ ଯାଇ ମା' ତୋରି ମୁକ୍ତି ପାଇବ ।"... ବହୁତ ଦୂରରେ ଅଛି ବଂଧୁ - ବୀରଭୋଗ୍ୟା ମାତୃଭୂମି ଭାରତର ସ୍ୱାଧୀନତା - ଏତିକିରେ ଶେଷ ହୋଇଯିବ ନାହିଁ - ସଶସ୍ତ୍ର ବିପ୍ଳବର ବିଜୟଧାରା । ସଫଳତା ଓ ସ୍ୱାଧୀନତାର ବିଜୟ ଭେରୀ ବାଜିବାକୁ ଆହୁରି ଡେରି ଅଛି । ବିଧିର ବିଧାନ ବୋଧହୁଏ ଅଲଗା କିଛି ଥିଲା । ସେଦିନ ୧୯୧୫ ଫେବୃଆରୀ ୨୧/୨୨ର ଦୁର୍ବାର ସଶସ୍ତ୍ର ଅଭିଯାନ ଯଦି ସଫଳ ହୋଇଥାନ୍ତା - ବିଶ୍ୱାସଘାତକତାର କଳାବାଦଲ ଯଦି ମୁକ୍ତିସଂଗ୍ରାମର ଆକାଶରେ ଦେଖାଯାଇନଥାନ୍ତା - ତେବେ ଭାରତବର୍ଷ ସ୍ୱାଧୀନତା ସଂଗ୍ରାମ ଇତିହାସର ସେଇଠି ଅନ୍ତ ଘଟନ୍ତା । (କ୍ରମଶଃ)

# ଜିଲ୍ଲାପାଳଙ୍କ ଅଭିନବ ପ୍ରୟାସ, ତ୍ୱରିତ ସେବା ପାଇଁ ଏଣିକି ପ୍ରତ୍ୟେକ ସୋମବାର ପଲ୍ଲୀରେ ପ୍ରଶାସନ

ଖୋର୍ଦ୍ଧା, ୯/୦୯ (ନି.ପ୍ର): ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଜନ ସାଧାରଣ ମାନଙ୍କର ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକୁ ବିଚାର କରି ତ୍ୱରିତ ନ୍ୟାୟ ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ନୂତନ ଭାବେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଆଜିଠାରୁ ସମଗ୍ର ଜିଲ୍ଲାରେ ଆରମ୍ଭ କରିଛନ୍ତି । ପ୍ରଶାସନିକ ବ୍ୟବସ୍ଥାକୁ ଅଧିକରୁ ଅଧିକ ସରଳୀକରଣ କରି ପ୍ରତ୍ୟେକ ଯୋଜନାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଉପଲବ୍ଧ କରାଇବା ସହ ସେମାନଙ୍କର ଜୀବନ ଜୀବିକା ଶୈଳୀରେ ଉନ୍ନତି ଆଣିବା ଓ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତ ଗତିରେ କରାଇବା ଲକ୍ଷନେଇ ଏହି କାର୍ଯ୍ୟକ୍ରମ ଆଜିଠାରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ପଲ୍ଲୀ (ପଂଚାୟତରେ) ଶୁଭାରମ୍ଭ ହୋଇଛି । ଖୋର୍ଦ୍ଧା ବ୍ଲକର ବାଜପୁର,ବାଣପୁର ବ୍ଲକର ଭେଟେଶ୍ୱର୍, ବେଗୁନିଆ ବ୍ଲକର କନ୍ତାବାଡ, ବୋଲଗଡ଼ ବ୍ଲକର ବୋଲଗଡ଼, ଟାଙ୍ଗିବ୍ଲକ୍ ର ବଡପାରି ସମେତ ଚିଲିକା ବ୍ଲକ୍ ଅଧୀନ ହରିପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନର ପଲ୍ଲୀରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହରିପୁର ଗ୍ରାମ ପଂଚାୟତ ରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି କାର୍ଯ୍ୟକ୍ରମରେ ପୂର୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ୍ ହରିଚନ୍ଦନ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଚିଲିକା ପଂଚାୟତ ସମିତି ଅଧକ୍ଷା ଜ୍ୟୋତ୍ସ୍ନା ରାଣୀ ବେହେରା, ଉପାଧକ୍ଷ ଅରୁଣ ପଟ୍ଟନାୟକ, ସରପଂଚ ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ଥିଲେ । ଅଭିଯୋଗ ପ୍ରକୋଷ୍ଟକୁ ମୋଟ ୧୪୭ ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୪୧ ଗୋଟି ବ୍ୟକ୍ତି ଗତ ଅଭିଯୋଗ,୦୬ଗୋଟି ଗ୍ରାମୀଣ ସମସ୍ୟା ଅଭିଯୋଗ ଥିଲା । ୩ଜଣ ଅଭିଯୋଗକାରୀ, ହରିପୁର ଗ୍ରାମ ପଂଚାୟତର ଆଶାମଣି ବେହେରାଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୫ହଜାର, ସୁନିତା ପାତ୍ରଙ୍କୁ ୧୦ହଜାର ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ତୃପ୍ତି ମୟୀ ରାଉତ, ନୂଆଗାଁ, ୱାର୍ଡ ନମ୍ବର୍ ୯ଙ୍କୁ ୧୦ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିଲେ । ଅଭିଯୋଗ ସ୍ଥଳରେ ୦୭ ଗୋଟି ଅଭିଯୋଗର ତତକାଳ ସମାଧାନ କରିଥିଲେ । ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଦ୍ୱାରା ହାତ ପାଆନ୍ତାରେ ଜିଲ୍ଲା ପ୍ରଶାସନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ପ୍ରକୃତ ହିତାଧିକାରୀ ଙ୍କ ନିକଟରେ ପହଂଚାଇବା ପାଇଁ ହିତାଧିକାରୀ ଚୟନର ଏକ ସୁଗମ ବାଟ ଫିଟିବ ବୋଲି ମନ୍ତ୍ରୀ ପୃଥ୍ୱିରାଜ୍ ହରିଚନ୍ଦନ ପ୍ରକାଶ କରିବାସହ ଖୋର୍ଦ୍ଧା ଜିଲ୍ଲାବାସୀ ବହୁଳ ଭାବରେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଛନ୍ତି । ମାନ୍ୟବର ମନ୍ତ୍ରୀ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂସମସ୍ତ ଅତିଥି ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ନିଜ ନିଜ ମା ଙ୍କ ନାମରେ ବୃକ୍ଷ ରୋପଣ କରିଥିଲେ । ମନ୍ତ୍ରୀ ହରିଚନ୍ଦନ ହରିପୁର ଗ୍ରାମପଂଚାୟତ ପ୍ରଥମ ମହଲାରେ ନୂତନ ଭାବେ ନିର୍ମିତ ସଭାଗୃହ କୁ ଉଦ୍ଘାଟନ କରି ଲୋକାର୍ପଣ କରିଥିଲେ । ପରେ ମନ୍ତ୍ରୀ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧି ବୃନ୍ଦ ସ୍ୱାସ୍ଥ୍ୟ ଶିବିର,ଆଧାର ସେବା, ରାଜସ୍ୱ ଲକ୍ଷ୍ୟ, ବ୍ୟାଙ୍କ ସହାୟତା, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତି କରଣ, ଉଦ୍ୟାନ କୃଷି, ଆସ ସ୍କୁଲ ଯିବା, ଆୟୁଷ୍ମାନ ଆରୋଗ୍ୟ ଶିବିର, ପ୍ରାଣୀ ସମ୍ପଦ ସେବା ଆଦି ପଲ୍ଲୀରେ ପ୍ରଶାସନ ସେବା ଷ୍ଟଲ ଗୁଡ଼ିକୁ ବୁଲି ଦେଖି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ଯୋଜନାର ହିତାଧିକାରୀ ମାନଙ୍କୁ ଭତା କାର୍ଡ ଓ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ ।

# ଧାମରା ସଡକ ଦୁର୍ଘଟଣା: ଜଣେ ମୃତ ଜଣେ ଆହତ

ଭଦ୍ରକ, ୯/୦୯ (ନି.ପ୍ର): ଭଦ୍ରକ ଜିଲା ଧାମରା ନିକଟସ୍ଥ କଇଥଖୋଲା ଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି । ପ୍ରାପ୍ତ ଖବର ଅନୁଯାଇ ଆଜି ଦୋସିଙ୍ଗା ଅଂଚଳର ୨ଯୁବକ ଦୋସିଙ୍ଗା କୁ ଫେରୁଥିବା ସମୟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା ଘଟଣା ସ୍ଥଳରେ ଦୋସିଙ୍ଗା ସମିପାଟିଆ ଗ୍ରାମର ରାଜୁ ଖାଟୁଆଙ୍କ ର ମୃତ୍ୟୁ ହୋଇଥିବା ବେଳେ ବାଇକ ଫଛରେ ବସିଥିବା ମୁନ୍ନା ଜେନା ଗୁରୁତ୍ୱର ଆହତ ହୋଇଥିଲେ । ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ରାଜୁ ଖାଟୁଆଙ୍କର ମୃତ୍ୟୁ ଘୋଷଣା କରିଥିବା ବେଳେ ମୁନ୍ନା ଜେନାଙ୍କୁ କଟକ ବଡ ମେଡିକାଲ କୁ ସ୍ଥାନାନ୍ତରିତ କରିଥିଲେ ।

# କୋରାପୁଟ ଜିଲ୍ଲା ଗସ୍ତରେ ରାଜ୍ୟପାଳ: କୋରାପୁଟ କଫି ପିଇ ସନ୍ତୋଷ ବ୍ୟକ୍ତ କଲେ

ଜୟପୁର, ୯/୦୯ (ନି.ପ୍ର): ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି କୋରାପୁଟ ଜିଲ୍ଲା ଗସ୍ତରେ ଆଜି ଆସି ପହଂଚିଛନ୍ତି । ଜୟପୁର ବିମାନ ବନ୍ଦରରେ ପହଂଚିବା ପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜୟପୁର ବିମାନ ବନ୍ଦରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଏସପି ରୋହିତ ବର୍ମା, ଉପ ଜିଲ୍ଲାପାଳ ଜୟପୁର ଆକ୍କାଭରମ ଶଶ୍ୟା ରେଡ଼ି ଉପସ୍ଥିତ ରହିଥିଲେ । ପରେ କୋରାପୁଟ କଫି ବୋର୍ଡ଼ରେ ପହଂଚି କଫି ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ ରାଜ୍ୟପାଳ । ବିଶ୍ୱ ଦରବାରରେ କୋରାପୁଟ କଫି ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଥିବା ବେଳେ କୋରାପୁଟ ଜିଲ୍ଲାରେ ୯୦ ପ୍ରତିଶତ ଅଂଚଳରେ କଫି ଚାଷ ହେଉଛି । କୋରାପୁଟ ଜିଲ୍ଲାରେ କଫି ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ଆଦିବାସୀ ଚାଷୀ । ଆଗକୁ କୋରାପୁଟ କଫି ବଜାରକୁ କିଭଳି ବ୍ୟାପକ କରାଯିବ ସେନେଇ ଅଧିକାରୀ ମାନଙ୍କ ଆଲୋଚନା କରିଥିଲେ । କୋରାପୁଟ କଫି ବୋର୍ଡ଼ରେ ବୁଲି କଫି ଗଛ ଦେଖିବା ସହ କୋରାପୁଟ କଫି ସ୍ୱାଦର ମଜା ନେଇଥିଲେ ରାଜ୍ୟପାଳ । ପରେ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଦାମନଯୋଡି ନାଲକୋ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ନାଲକୋ ନବରତ୍ନ ଠାରୁ ମହାରତ୍ନରେ ରୁପାନ୍ତରିତ ହେବାକୁ ପ୍ରସ୍ତୁତି ହେଉଥିବା ବେଳେ ଏହାର ସ୍ଥିତି ପଚାରି ବୁଝିବା ସହ ପାରିପାର୍ଶ୍ୱିକ ଅଂଚଳର ଉନ୍ନତିକରଣ ପଚାରି ବୁଝିଥିଲେ । ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷେଜ ମହାବିଦ୍ୟାଳୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟ ସେବା ଓ ଭିତିଭୂମି ବାବଦରେ ପଚାରି ବୁଝିଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲା ସହିଦ୍ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଉପରେ ନିର୍ଭରଶୀଳ ଥିବାବେଳେ ଏହାର ଭିତିଭୂମି ସୁଦୃଢ଼ ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଏକମାତ୍ର ଲକ୍ଷ୍ୟ ରଖିବାର ଆବଶ୍ୟକତା ଥିବା କହିଛନ୍ତି ମହାମହିମ ରାଜ୍ୟପାଳ । ପରେ କୋଟସ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ସିଡ ରାଣୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ଓ ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକାଙ୍କ ସହ ଆଲୋଚନା କରିଥିଲେ ଏଥି ସହ ମୁଦ୍ରା ହିତାଧୀକାରୀ ଏବଂ ଭାରତୀୟ ରେଡକ୍ରସ ସୋସାଇଟିର ଅଧିକାରୀ ମାନଙ୍କ ସହ ଆଲୋଚନା କରଥିଲେ । ସଂନ୍ଧ୍ୟାରେ ମହାମହିମ ରାଜ୍ୟପାଳ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ପୁଜାର୍ଚ୍ଚନା କରିବା ପରେ ବେଢ଼ା ପରିଦର୍ଶନ କରିଥିଲେ ।

# ପାର୍ବଣ ପୂର୍ବରୁ ଜିଲ୍ଲାବ୍ୟାପି କଡ଼ାକଡ଼ି ନାକା ଯାଂଚ

ବାରିପଦା, ୯/୦୯ (ନି.ପ୍ର): ପାର୍ବଣ ପୂର୍ବରୁ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ମୟୁରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲାବ୍ୟାପି ନାକା ଯାଂଚ କଡାକଡି କରାଯାଇଛି । ବାରିପଦା ସମେତ ଜିଲ୍ଲାର ବିଭିନ୍ନ ଥାନାର ସୀମାନ୍ତବର୍ତି ଓ ପ୍ରବେଶ/ପ୍ରସ୍ଥାନ ଅଂଚଳରେ ଯାଂଚ କରାଯାଉଛି । ରାତି କାଳୀନ ଗୋ ଚାଲାଣ, ମଦ ଚୋରା ଚାଲାଣ, ଲଘୁ ଖଣିଜ ଚାଲାଣ ଯାଂଚ ଆଦି ରୋକିବାକୁ ଯାଂଚ କରାଯାଇଛି । ଗତ ରବିବାର ଗୋଟିଏ ଦିନରେ ୩୪୩ଟି ଗାଡି ମୋଟର ଯାଂଚ କରାଯାଇ ୪,୫୬,୦୦୦ଟଙ୍କା ଫାଇନ ଆଦାୟ କରାଯାଇଛି । ଏନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲି ସୂଚନା ପ୍ରଦାନ କରିଛନ୍ତି । ଟ୍ରାଫିକ ନିୟମ ଅବମାନନା, ୧୦ଟି ଡ୍ରିଙ୍କ ଏଣ୍ଡ ଡ୍ରାଇଭ, ୧୧ଟି ଅବକାରୀ ମାମଲା ସମେତ ୧୮୫ଲିଟର ଦେଶୀ ମଦ ଜବତ କରାଯାଇଛି । ଏହାସହିତ ରାସଗୋବିନ୍ଦପୁର ଥାନା ଅଂଚଳରେ ଲଘୁ ଖଣିଜ ଚୋରା ଚାଲାଣ ଓ ମୋରଡା ଥାନା ଅଂଚଳରେ ବେଆଇନ କାଠ ଚୋରା ଚାଲାଣ ବେଳେ ଜବତ କରାଯାଇ ମାମଲା ରୁଜୁ ହୋଇଛି ।

# ଇନୋଭେଶନ ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା

ଜୟପୁର, ୯/୦୯ (ନି.ପ୍ର): କୋରାପୁଟ ଡି ଏ ଭି ଶିକ୍ଷକ ଶିକ୍ଷା ମହାବିଦ୍ୟଳୟ ରେ ଅନୁଷ୍ଠାନ ସ୍ତରୀୟ ଇନୋଭେଶନ ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନବୋନ୍ମେଷ ଓ ଉଦ୍ୟମିତା ଭାବନାକୁ ପ୍ରୋତ୍ସାହନ ଦେବା ପାଇଁ ବହୁ-ସ୍ତରୀୟ ଇନୋଭେଶନ ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା ଆୟୋଜନ କରିବା କୁ ଅଭିନବ ପଦକ୍ଷେପ ନେଇଛନ୍ତି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସମସ୍ୟାର ସମାଧାନ, ଦୈନିକ ଜୀବନ ଓ ବ୍ୟବସାୟ ପ୍ରକ୍ରିୟାକୁ ସହଜ କରିବା, ତଥା ଉଦ୍ୟମୀ କୌଶଳ ବିକାଶ ସହିତ ଆର୍ଥିକ ସହାୟତା ଯୋଗାଇ ଅଂଚଳୀୟ ଓ କ୍ଷେତ୍ରୀୟ ଉନ୍ନତି ସାଧନ କରିବା । ଓଡ଼ିଶା ସରକାରଙ୍କ ଏହି ଅଭିନବ ପ୍ରୟାସ । କଲେଜ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଷ୍ଟାର୍ଟ-ଅପ୍ ଏବଂ ବ୍ୟବସାୟ ପ୍ରତି ଧାରଣା ଜନ୍ମାଇବା ସହିତ – ସେମାନଙ୍କ ମଧ୍ୟରେ ବାଣିଜ୍ୟିକ ସମ୍ଭାବନା ଥିବା ପ୍ରସ୍ତାବ ଗୁଡିକ ଲୋକ ଲୋଚନକୁ ଆଣି ପାରିବେ ଏବଂ ସେମାନଙ୍କ ମଧ୍ୟରେ ଏକ ସଫଳ ଉଦ୍ୟମୀ ହୋଇ ପାରିବେ । ଡି ଏ ଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୧୨ ଟି ଦଳ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିପରିଭାବରେ ବହୁଭାଷୀ ଶିକ୍ଷା ପ୍ରଦାନକାରୀ ମୋବାଇଲ ଆପ୍ଲିକେସନ ତିଆରି କରିହେବ । ସେ ଷ୍ଟାର୍ଟ-ଅପ୍ ସବୁଠୁ ଶ୍ରେଷ୍ଠ ବିବେଚିତ ହୋଇଥିଲା । ସ୍ଥାନୀୟ ପିଲା ମାନଂକୁ କିପରି ଭାବରେ ସର୍ବନିମ୍ନ ମୂଲ୍ୟ ରେ କୋଚିଂ ଯୋଗାଇଦେଇ ହେବ ସେ ଷ୍ଟାର୍ଟ-ଅଫ ଦିତୀୟ ସ୍ଥାନ ଅଧିକାର କରିଥିବା ବେଳେ କଳା ଜିରା ଧାନ ରୁ ବିଭିନ୍ନ ପ୍ରକାର ଉତ୍ପାଦ ବାହର କରିହେବ ତୃତୀୟ ସ୍ଥାନ ଅଧିକାର କରିଥିଲା । ଏହି କାର୍ଯ୍ୟ କ୍ରମରେ ଶ୍ରୀ ରୋସନ କୁମାର କାର୍ତିକ, ମୁଖ୍ୟ ନିର୍ବାହୀ ଅଧିକାରୀ, ଓଆରଏମଏଏସ ନବରଙ୍ଗପୁର ବିଶେଷଜ୍ଞ ଏବଂ ମୁଖ୍ୟ ଅତିଥି ଭାବେ ଆସି ସମସ୍ତ ପ୍ରତିଯୋଗୀଙ୍କୁ ମୂଲ୍ୟାୟନ କରିଥିଲେ ଓ ଅଭିବକ୍ତ କୋରାପୁଟର ଥିବା ବିଭିନ୍ନ ପ୍ରାକୃତିକ ସମ୍ପଦ କୁ ନେଇ କିପରି ଭାବରେ ସର୍ବତମ ଉତ୍ପାଦ ବାହାର କରିହେବ ସେ ବିଷୟରେ ଦିଗଦର୍ଶନ ଦେଇଥିଲେ । ସର୍ବମୋଟ ୧୨ ଟି ଗ୍ରୁପ ରୁ ୩ ଟି ଗ୍ରୁପ କୁ ଶ୍ରେଷ୍ଠ ଗ୍ରୁପ ଭାବେ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗୀତା ପାଇଁ ଚୟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କଲେଜ ଅଧକ୍ଷ ପ୍ରୋଫେସର ଡ. ଦେବେନ୍ଦ୍ର କୁମାର ସେଠୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀମତୀ ଝରଣା ସାହୁ ଏବଂ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତନ୍ତୀ ସହକାରୀ ପ୍ରଧାପକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କଲେଜ ର ସମସ୍ତ ଅଧାପକ ଏବଂ ଅଧାପିକା ଛାତ୍ର ଛାତ୍ରୀ ଷ୍ଟାର୍ଟପ ଗ୍ରୁପ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ ।

# କୁଆରମୁଣ୍ଡା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାଉରକେଲା, ୯/୦୯ (ନି.ପ୍ର): କୁଆରମୁଣ୍ଡା ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ ଏସପି ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୧୩୫ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୫୧ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୮୪ ଟି ସାମୁହିକ ଅଭିଯୋଗ ରହିଥିଲା । ସେଥି ମଧ୍ୟରୁ ୫ ଗୋଟି ସମସ୍ୟାର ତ୍ୱରିତ ସମାଧାନ କରାଯାଇଥିଲା । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ସୁରଂଜନ ସାହୁ, ଡିଏଫଓ ଶ୍ରୀ ଯଶୋବନ୍ତ ସେଠୀ, ଆଇଏଏସ ଶିକ୍ଷା ନବୀଶ ଫାବୀ ରସୀଦ, ପାନପୋଷ ଉପଜିଲ୍ଲାପାଳ ଶ୍ରୀ ବିଜୟ ନାୟକ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ହାଜି ରହିମଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆର୍ନ୍ତଜାତୀୟ ସ୍ୱାକ୍ଷରତା ଦିବସ ପାଳିତ

ଧର୍ମଶାଳା, ୯/୦୯ (ନି.ପ୍ର): ବ୍ଲକ ସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ରସୁଲପୁର ବ୍ଲକରେ ଆରମ୍ଭ ହୋଇଛି । ଯାଜପୁର ଜିଲା ରସୁଲପୁର ବ୍ଲକ ମଣ୍ଡଳ ନୋଡାଲ ଅଫିସର ଡ. ପ୍ରଭଞ୍ଜନ ପତିଙ୍କ ତତ୍ୱବଧାନରେ ଏହି କାର୍ଯକ୍ରମ ଆରମ୍ଭ ହୋଇଛି । ଆଜି ବ୍ରହ୍ମବରଦା ପଂଚାୟତସ୍ଥ ହାଜି ରହିମିଆଁ ସରକାରୀ ଉଚ୍ଚ ବିଧ୍ୟାଳୟ ପରିସରରେ ପ୍ରଭାତ ଫେରି ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବିଭିନ୍ନ ଅଂଚଳ ପରିକ୍ରମା କରି ଏହି ଉଲ୍ଲାସ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରାଇଥିଲେ । ୧୫ ବର୍ଷରୁ ଉର୍ଦ୍ଧ ବୟସର ଅଣସ୍ୱାକ୍ଷରଙ୍କୁ ସ୍ୱାକ୍ଷର କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ନୋଡାଲ ଅଫିସର ଡ. ପ୍ରଭଞ୍ଜନ ପତି ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ । ୨୦୧୧ ମସିହାରେ ଭାରତ ସରକାରଙ୍କ ସର୍ଭେ ମୁତାବକ ଜିଲାରେ ୨ଲକ୍ଷ ୯୬ ହଜାର ୫୦୮ଜଣ ଅଣ ସ୍ୱାକ୍ଷର ଥିବା ଜଣାପଡିବାପରେ ସରକାର ଏହି ଉଲ୍ଲାସ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ପାଠ ପଢ଼ିବା ପାଇଁ ଘରେ,ସ୍ଥାନୀୟ ଅଙ୍ଗନବାଡି ଓ ବିଭିନ୍ନ କ୍ଲବରେ ବ୍ୟବସ୍ଥା କରିଛନ୍ତି । ଏବଂ ସେମାନଙ୍କୁ ପାଠ ପଢ଼ିବା ପାଇଁ ରସୁଲପୁର ବ୍ଲକରେ ୩୦୮ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି । ପରେ ସେମାନେ ଅନ ଲାଇନ ମାଧ୍ୟମରେ ପରୀକ୍ଷା ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଥିବା ବେଳେ ପର୍ଯ୍ୟାୟ କ୍ରମରେ ଏହି ଉଲ୍ଲାସ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ରସୁଲପୁର ବ୍ଲକ ନୋଡାଲ ଅଫିସର ଶ୍ରୀ ପତି ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ବିଶ୍ୱାଳ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନୱର ଖାଁନ,କମିଟି ସଦସ୍ୟ ପ୍ରଦୀପ ଦାସ,ଅମୂଲ୍ୟ ରାଉତଙ୍କ ସମେତ ସମସ୍ତ ଶିକ୍ଷାକର୍ମଚାରୀ ଓ ସ୍ଥାନୀୟ ମୁରବୀ ଉପସ୍ଥିତ ଥିଲେ ।

# ଚାନ୍ଦବାଲିରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଭଦ୍ରକ, ୯/୦୯ (ନି.ପ୍ର): ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଭଦ୍ରକ ଓ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଭଦ୍ରକଙ୍କ ପ୍ରତ୍ୟକ୍ଷ ଯୁଗ୍ମ ଜନ ଶୁଣାଣି ଶିବିର ପଂଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହ ପରିସର ରେ ଅନୁଷ୍ଠିତ ହୋଇଯାଇଛି ।ଏହି ଜନ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ,ଉପ ଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୨୧୦ ଅଭିଯୋଗର ଶୁଣାଣି କରିଥିଲେ । ଚାନ୍ଦବାଲି ବ୍ଲକ ଗୋପୀନାଥପୁର ପଂଚାୟତ ହଳଦିଆ ଗ୍ରାମରେ ରାସନ କାର୍ଡ ହିତାଧିକାରୀମାନେ ରାସନ ସାମଗ୍ରୀ ପାଇଁ ୮କିମି ଦୂରରେ ଥିବା ଅନ୍ୟ ଏକ ପଂଚାୟତର ଡିଲର କେନ୍ଦ୍ରକୁ ଯାଉଥିବା ପ୍ରତିବାଦରେ ଶତାଧିକ ମହିଳା ଆସି ହୋହାଲ୍ଲା କରିଥିଲେ । ୨୦କିଲୋ ଚାଉଳ ପାଇଁ ଅଟୋ ଖର୍ଚ୍ଚ ୨୦୦ ଟଙ୍କା ଯାଉଛି ବୋଲି ଅଭିଯୋଗ କରିଥିଲେ ଶତାଧିକ ମହିଳା । ଜିଲ୍ଲାପାଳ ସିଏସଓ ଙ୍କୁ ତଦନ୍ତ କରି ହିତାଧିକାରୀ କେମିତି ସୁବିଧାରେ ଖାଉଟି ସାମଗ୍ରୀ ପାଇବେ ସେ ନେଇ ଆଦେଶ ଦେଇଥିଲେ । ସେହିପରି ଏନଏସି ସ୍ଥିତ ନୂଆ ବସଷ୍ଟାଣ୍ଡ ଉଦ୍ଘାଟନକୁ ଦୁଇ ବର୍ଷ ହେବାକୁ ବସିଥିଲେ ସୁଦ୍ଧା ଖୋଲା ଗଲା ନାହିଁ ଏହା ଫଳରେ ରାସ୍ତା ପାଖରେ ବସ ଛିଡା ହୋଇ ରହୁଛି ବିଭିନ୍ନ ସମୟରେ ସାଧାରଣ ଲୋକ ଦୁର୍ଘଟଣା ରେ ଶିକାର ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ ସମାଜସେବୀ ବିଶ୍ୱନାଥ ସୂତାର । ଏଥସହ ଚାନ୍ଦବାଲି ମେଗା ପାନୀୟ ଜଳ ପକ୍ଷରୁ ଅବଧି ଶେଷ ପରେ ଏବେ ସୁଦ୍ଧା ଅଧିକାଂଶ ପଂଚାୟତ ପାନୀୟ ଜଳ ଲୋକେ ପାଇ ପାରିଲେ ନାହିଁ ଓ ମେଗା କମ୍ପାନୀ ମାତ୍ରାଧିକ କାର୍ଯ୍ୟରେ କେଉଁଠି ପାଇପି ଫାଟି ପାଣି ବାହାରୁଛି ତ କେଉଁଠି ରାସ୍ତା ତାଡ଼ି ଦିଆ ଯାଉଛି ହେଲେ ଅଭିଯୋଗ କଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉଛି । ଜିଲ୍ଲାପାଳ ଏନଏସି ଏଅଧକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ ଙ୍କୁ ଡାକି ଏହି ସପ୍ତାହ ଭିତରେ ବସଷ୍ଟାଣ୍ଡ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଶିବିରରେ ଭୀମ ଭୋଇ ସାମର୍ଥ ଅଭିଯାନ ଯୋଜନାରେ ତିନି ଚକିଆ ସାଇକେଲ ପାଂଚଟି ପ୍ରଦାନ କରାଯାଇଥିଲା ।

# ବକେୟା ଅର୍ଥ ନେଇ କମ୍ପାନୀର ଲକ୍ଷାଧିକ ଟଙ୍କା ହଡପ, ୨ ମାମଲା ରୁଜ୍ଜୁ, ମାଲ ଜବତ ସହ ୨ ଗିରଫ

କୋରେଇ, ୯/୦୯ (ନି.ପ୍ର): ପାଣିକୋଲି ପୁଲିସ ଏକ ଠକେଇ ମାମଲାର ପର୍ଦାଫାସ କରିବା ସହ ନେଇଯାଇଥିବା ସମସ୍ତ ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଛି । ପ୍ରକାଶଯେ ପାଣିକୋଇଲିରେ ପୁରୁଣା ଟୋଲ ଗେଟ ଠାରେ ରିଲିଆନ୍ସ କମ୍ପାନୀ ନାମରେ ଏକ ସୋରୁ ମ ଖୋଲାଯାଇଥିଲା । ଉକ୍ତ କମ୍ପାନୀରେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ନୂନପଦି ଗ୍ରାମର ବିନୋଦ ବେହେରାଙ୍କ ପୁଅ ରାଜ କିଶୋର ବେହେରା ଏକ ପିକଅପ ଭଡା ସୂତ୍ରରେ ଲାଗାଇଥିଲେ । ସେଠାରେ ପାଣିକୋଇଲି ଥାନା ଅନ୍ତର୍ଗତ ଖଜିରପୁର ଗ୍ରାମର ସମ୍ବର ମଲିକଙ୍କ ପୁଅ ସୁରେଶ ମଲିକ ମ୍ୟାନେଜର ଭାବେ କାମ କରୁଥିଲେ । ଭଡା ବାବଦକୁ କମ୍ପାନୀ ଉପରେ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ବାକି ରହିଥିଲା । ହେଲେ କମ୍ପାନୀ ଏଠାରୁ ଉଠିଯିବାକୁ ଜାଣିବା ପରେ ମ୍ୟାନେଜର ସହିତ କଥା ହୋଇ ରାଜକିଶୋର କମ୍ପନୀର ଲକ୍ଷାଧିକ ଟଙ୍କା ମାଲ ଗାଡିରେ ଲୋଡ ହୋଇ ବିଭିନ୍ନ ସ୍ଥାନକୁ ଯିବାକୁ ଥିବା ବେଳେ ତାହାକୁ ସେମାନଙ୍କ ପାଖରେ ନପହଂଚାଇ ହଡପ କରିଥିଲେ । କମ୍ପାନୀ ଏଠାରୁ ଚାଲିଯିବା ପରେ ସୁରେଶକୁ ମଧ୍ୟ କମ୍ପାନୀ ବାହାର କରିଦେଇଥିଲା । କମ୍ପାନୀ ଉପରେ ଗାଡି ଭଡା ବାକିଥିଲା । ଏ ନେଇ ହଡପ ଜିନିଷ ପାଇଁ ଯାଜପୁରରେଡ ଥାନା ଅନ୍ତର୍ଗତ ରାଛିପୁର ଗ୍ରାମର ମାନସୀପ୍ରଭା ରାଉତ ଗତ ଅଗଷ୍ଟ ୨ ତାରିଖ ଥାନାରେ ଅଭିଯୋଗ କରିଥିଲେ । ଏନେଇ ଏକ ମାମଲା ୨୪୪/୨୫ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା । ଅପରପକ୍ଷେ ସୁରେଶ ଅଗଷ୍ଟ ୧ ତାରିଖ ରାଜକିଶୋର ମାଲ ହଡପ କରିଥିବାର ଅଭିଯୋଗ କରିଥିଲେ । ଏନେଇ ଏକ ମାମଲା ୨୪୧/୨୫ ରୁଜୁ ହୋଇଥିଲା । ଉଭୟ ମାମଲାର ପୁଲିସ ତଦନ୍ତ ଜାରି ରଖିଥିଲା । ରାଜକିଶୋରରୁ ବାରମ୍ବାର କହିବା ସତ୍ୱେ ରାଜକିଶୋର ଥାନାକୁ ଆସିନଥିଲା କି ଜିନିଷ ଫେରାଇନଥିଲା । ଫଳରେ ପୁଲିସ କଟକରେ ଚଢାଉ କରି ୩୨ ଇଂଜିଆ ଏଇଡି ଟିଭି ଗୋଟିଏ , ଭୋଲଟାଭ ଏସି ୮ଟା, ହାଇଅର ଟୁସି ୧ଟା, ନେଚର ୧୬ ପ୍ଲେସ ୧ଟା, ୱାନ ପ୍ଲସ ବ୍ଲୁଟୁଥ ୧ଟା, ଡାଇକିନ ଏସି ୨ଟା, ହୋମ ଥିଏଟର ଗୋଟିଏ, ପୋକୋ ସ୍ମାର୍ଟ ଫୋନ ଗୋଟିଏ ଜବତ କରି ଥାନାକୁ ଆଣିଥିଲା । ଏନେଇ ଦୁଇ ମାମଲାରେ ସୁରେଶ ଓ ରାଜକିଶୋର ପୁଲିସ ଗିରଫ କରିଥିଲା । ଆଜି ଉଭୟଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି ।

# ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ଭଦ୍ରକ, ୯/୦୯ (ନି.ପ୍ର): ଭଦ୍ରକ ଜିଲା ଧାମନଗର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ସମସ୍ତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ମାନଙ୍କୁ ନେଇ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି ।ଏହି କାର୍ଯ୍ୟକ୍ରମ ବନ୍ତ ବ୍ଲକର କାଦବାରଙ୍ଗ ଠାରେ ଦୁଇ ଦିନ ପାଇଁ ୮ ଓ ୯ ତାରିଖରେ କରାଯିବ । ଏହି ପ୍ରଶିକ୍ଷଣରେ ସହାୟକ କଲେକ୍ଟର ଭୀମକାନ୍ତ ମାଝି, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅମ୍ଳାନ ଅନୁପମ ସେନାପତି ସହିତ ତ୍ରିବେଣୀ ଏନ୍‌ଜିଓର ରଞ୍ଜୁଲତା ଗାହାଣ ଓ ଆକାଂକ୍ଷା ଏନ୍‌ଜିଓର ମାନସୀ ମାଢ଼ମ ପ୍ରଶିକ୍ଷକ ଭାବେ ଉପସ୍ଥିତ ଥିଲେ । ସେମାନେ ପି.ଇ.ଓ.ମାନଙ୍କୁ ବିଭିନ୍ନ ପ୍ରକାର ବିପଦ ସମୟରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସତର୍କତା, ପ୍ରାୟୋଗିକ ପଦକ୍ଷେପ ଓ ସରକାରୀ ସମନ୍ୱୟ ପ୍ରକ୍ରିୟା ବିଷୟରେ ପରାମର୍ଶ ଦେଇଥିଲେ ।

# ଓଡିଶା ରାଷ୍ଟ୍ରଭାଷା ପ୍ରଚାର ସମିତି ପକ୍ଷରୁ ହିନ୍ଦୀ ଦିବସ ସମାରୋହ ଉଦ୍‌ଘାଟିତ




ବାରିପଦା, ୯/୦୯ (ନି.ପ୍ର): ହିନ୍ଦୀ ଦିବସ ପକ୍ଷ ପାଳନ ଅବସରରେ ଓଡିଶା ରାଷ୍ଟ୍ରଭାଷା ପ୍ରଚାର ସମିତି, ମୟୂରଭଞ୍ଜ, ବାରିପଦା ପକ୍ଷରୁ ହିନ୍ଦୀ ଦିବସ ସମାରୋହ ଉଦ୍ଘାଟ୍ତ ହୋଇ ଯାଇଛି । ଏହି ଅବସରରେ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଟିକରପଡା ସ୍ଥିତ ଏକଲବ୍ୟ ମଡେଲ ସ୍କୁଲ ପରିସରରେ ଫଳ ବୃକ୍ଷ ରୋପଣ ସହିତ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରାଯାଇଛି । ଓଡିଶା ରାଷ୍ଟ୍ରଭାଷା ପ୍ରଚାର ସମିତିର ସଂପାଦିକା ପ୍ରଭାତ ମଞ୍ଜରୀ ଦାସ ଶର୍ମାଙ୍କ ନେତୃତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବକୁ ଏକଲବ୍ୟ ମଡେଲ ସ୍କୁଲର ଅଧ୍ୟକ୍ଷ ଅମିତ କୁମାର ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ଶ୍ୟାମ ସୁନ୍ଦର ଦାସ, ସାମ୍ବିଦିକ ସଞ୍ଜୟ କୁମାର ଚୌଧୁରୀ, ଶିକ୍ଷାବିତ୍ ଲକ୍ଷ୍ମୀଧର ଜେନା, ମଞ୍ଜଲୀ ଦେ, ପ୍ରେମଲତା ବାରିକ୍, ସମାଜସେବୀ ତାରାମଣି ମହାପାତ୍ର ଓ ମୋତିଲାଲ ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଅଞ୍ଜୁ ଶର୍ମା, ସାଇ ପ୍ରକାଶ ରାଉତ, ସୌରଭ, ପ୍ରେମ ପ୍ରକାଶ ପାଠକ, ଶୁଭଜିତ୍ ଶାହା, ସୌରେନ୍ ରକ୍ଷିତ୍, ସୁନନ୍ଦା ମୋଦି, ମୋନାଲିସା ଭୁଜବଳ, ପାୟଲ ପାତ୍ର, ହେମାରାଣୀ ମହାନ୍ତ, ସୁକାନ୍ତ ଟିପିରିଆ, ବନ୍ଦନା ମଣି ମହାନ୍ତ, ଭୀମା ମଙ୍ଗଲ, ଲଳିତା ମୁର୍ମୁ ଓ ଅନ୍ୟକର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହେଯାଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଅତିଥିମାନେ ଅବଗତ କରାଇଥିବା ବେଳେ ଶିମିଳିପାଳର ଜୈବବିଧତା ଓ ପ୍ରାକୃତିକ ସଂଭାର କିଭଳି ଆମଜନଜୀବନକୁ ପରିପୁଷ୍ଟ କରିଛି ସେ ସଂପର୍କରେ ଅବଗତ କରାଇ ଛାତ୍ରଛାତ୍ରୀଙ୍କୁ ପରିବେଶର ଯତ୍ନ ସଂପର୍କରେ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନେ ପ୍ରଶ୍ନତ୍ତୋରୀ କାର୍ଯ୍ୟକ୍ରମରେ ଭାଗ ନେବା ସହିତ ହିନ୍ଦୀ ଭକ୍ତିଗୀତ ଓ ଦେଶାତ୍ମବୋଧକ ସଂଗୀତ ଗାନ କରି ସେମାନଙ୍କର ଅର୍ନ୍ତନିହିତ ପ୍ରତିଭାର ପରିଚୟ ଦେଇଥିଲେ । ସେହିପରି ହିନ୍ଦୀ ଦିବସ ପକ୍ଷ ପାଳନ ସମାରୋହ ଅବସରରେ ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଓଡିଶା ରାଷ୍ଟ୍ରଭାଷା ପ୍ରଚାର ସମିତି ଆନୁକୂଲ୍ୟରେ 'ଶିମିଳିପାଳ ହାମାରୀ ଜୀବନ ରେଖା' ଶୀର୍ଷକରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ସମିତିର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ କମଳ ଲୋଚନ ମହାକୁଡ, ଶମ୍ଭୁନାଥ ପାଣି, ଯୋଗେନ୍ଦ୍ର ନାଥ ଶତପଥୀ, ଜ୍ୟୋତ୍ସ୍ନା ଜେନା, ପୂର୍ଣ୍ଣିମା ପଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ, ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀ, ସୂର୍ଯ୍ୟେନ୍ଦୁ ଦାଶ, ସଞ୍ଜୀବ କୁମାର ପାତ୍ର, ଦିଲ୍ଲୀପ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ସମିତି ପକ୍ଷରୁ ବର୍ତ୍ତମାନ ପ୍ରତିଦିନ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡିକରେ ଏହି ପକ୍ଷ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଏହାର ଉଦ୍‌ଯାପନୀ ସମାରୋହ ଆସନ୍ତା ୧୬ତାରିଖରେ ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜଳୁଛି ନେପାଳ: ବିକ୍ଷୋଭକାରୀଙ୍କ...

ସେ ଗୁରୁତର ଭାବରେ ପୋଡ଼ିଯାଇ ମୃତ୍ୟୁବରଣ କରିଥିଲେ।ଘଟଣାଟି ଡାଲ୍ଲୁସ୍ଥିତ ତାଙ୍କ ବାସଭବନରେ ଘଟିଥିଲା, ଯେଉଁଠାରେ ପ୍ରତିବାଦକାରୀମାନେ ତାଙ୍କୁ ଘର ଭିତରେ ଘେରି ନିଆଁ ଲଗାଇ ଦେଇଥିଲେ। ପରିବାର ସୂତ୍ରରୁ ଜଣାପଡିଛି ଯେ, ତାଙ୍କୁ ଗୁରୁତର ଅବସ୍ଥାରେ କୀର୍ତ୍ତିପୁର ବର୍ନ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କର ଚିକିତ୍ସା ସମୟରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ଯୋଗୁଁ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଜେନ-ଜି ପ୍ରଦର୍ଶନ ଏବେ ଅଧିକ ହିଂସାତ୍ମକ ହୋଇଯାଇଛି। ଏହି ଆକ୍ରମଣ ବିଷୟରେ ଏପର୍ଯ୍ୟନ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ।

### ବିଜେଡିର ପଲିଟିକାଲ ...

ସେ ଦାବି କରିଛନ୍ତି ଯେ ଓଡ଼ିଶାବାସୀ ସୁଯୋଗ ପାଇଲେ ଆଞ୍ଚଳିକ ଦଳକୁ ସମର୍ଥନ କରିଛନ୍ତି, କିନ୍ତୁ କଂଗ୍ରେସକୁ ରାଜ୍ୟରେ ଲୋକେ ଚାହୁଁ ନାହାନ୍ତି। ତଥାଗତ ସ୍ପଷ୍ଟ କରିଛନ୍ତି ଯେ ସେ ବିଜେଡିର ଆଭ୍ୟନ୍ତରୀଣ ବିଷୟ ଉପରେ ମନ୍ତବ୍ୟ କରିବା ଠିକ୍ ମନେ କରନ୍ତି ନାହିଁ। ସେ ଆହୁରି କହିଛନ୍ତି ଯେ ବିଜେଡିର ରାଜନୈତିକ ନିଷ୍ପତ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ, ସେ ନିଜେ ଭୋଟ ରାଜନୀତିରେ ଯୋଗ ଦେବାକୁ ଆଗ୍ରହୀ ନୁହଁନ୍ତି ବୋଲି ଜଣାଇଛନ୍ତି।

### ନୂଆପଡ଼ାରେ ହେବ...

ଦୀର୍ଘ ୨୫ ବର୍ଷ ହେବ ବିଜେଡି-ବିଜେପି ମଧ୍ୟରେ ସାପଶିଡ଼ି ଖେଳ ଲାଗି ରହିଛି । ଗତ ୬ଟି ନିର୍ବାଚନରୁ ୩ ଥର ବିଜେଡି, ୨ ଥର ବିଜେପି ଓ ଥରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ୨୦୨୪ର ନିର୍ବାଚନରେ ୧୦ ହଜାର ୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ରାଜେନ୍ଦ୍ର । ସ୍ୱାଧୀନ ପ୍ରାର୍ଥୀ ହିଁ ନୂଆପଡା ନିର୍ବାଚନର ଗଣିତକୁ ଓଲଟପାଲଟ କରିଥିଲେ । ଏବେ ରାଜେନ୍ଦ୍ରଙ୍କ ବିୟୋଗ ପରେ କେଉଁ ଦଳ କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ଆରମ୍ଭ ହୋଇଛି ଅଙ୍କକଷା । ନୂଆପଡା ଉପ-ନିର୍ବାଚନ ହିଁ ଓଡ଼ିଶା ରାଜନୀତିକୁ ନୂଆ ଦିଶାରେ ଆଗକୁ ନେବ । ଶାସକ-ବିରୋଧୀ କାହା ସପକ୍ଷରେ ଏବେ ବହୁଛି ହାୱା, ତାହାର ସଙ୍କେତ ଦେବ ନୂଆପଡ଼ା ଉପ-ନିର୍ବାଚନ ।

### ଭିଜିଲାନ୍ସ ଜାଲରେ...

ଏଥିପାଇଁ ଏନଜିଓର କୋର୍ଡିନେଟର ରଞ୍ଜନ ପ୍ରଧାନ କୃଷି କର୍ମଚାରୀଙ୍କ ପାଖକୁ ବାରମ୍ୱାର ଦୌଡ଼ିଲେ ମଧ ଦେଉ ନଥିଲେ। ଏଥି ପାଇଁ ସେ ଟଙ୍କା ଲାଞ୍ଚ ମାଗୁଥିଲେ। ଏ ନେଇ ରଞ୍ଜନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ରଞ୍ଜନ ୨୦ ହଜାର ଟଙ୍କା ଲାଞ୍ଚ ଦେବା ବେଳେ ବିଶ୍ୱନାଥ ଦାସଙ୍କୁ ଭିଜିଲାନ୍ସ କାବୁ କରିଥିଲା।

### ବିଜେଡିରୁ ଇସ୍ତଫା ...

ଜିଲ୍ଲା ସଭାପତି ଚୟନକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । କହିଛନ୍ତି, 'ବିଜେଡିର ସଭାପତି ଚୟନ ସମସ୍ତଙ୍କ ମନରେ ଆଘାତ ଦେଇଛି। ପରାଜିତ ବ୍ୟକ୍ତିଙ୍କୁ ସଭାପତି ପଦ ଦିଆଯାଇଛି । ହେଲେ ଦକ୍ଷ ନେତାଙ୍କୁ ପଚରାଯାଉନି । କେହି ଭାବିନଥିଲେ ଏଭଳି ନିଷ୍ପତ୍ତି ନିଆଯିବ ବୋଲି । ଆମେ ନବୀନ ବିରୋଧୀ ନୁହେଁ, କିନ୍ତୁ ବିଜୁ ପ୍ରେମୀ। କର୍ମୀ ଯାହା ନିଷ୍ପତ୍ତି ନେବେ ଆମେ ମାନିବୁ । କଂଗ୍ରେସ ବିରୋଧରେ ଆମେ ଲଢେଇ କରୁଥିଲୁ । ହେଲେ ଏସବୁକୁ ଅଣଦେଖା କରାଗଲା ' । ରାଜନୀତି ପଛ ଜିଲ୍ଲା ଲୋକଙ୍କ କଥା ଆଗ ବୋଲି କହିଛନ୍ତି ବିଜେଡି ନେତା ଏନ ଭାସ୍କର ରାଓ।

### ସିପି ରାଧାକ୍ରିଷ୍ଣନ...

ବିଆରଏସ୍‌ର ୪ ଜଣ, ବିଜେଡିର ୭ ଜଣ, ଅକାଳୀ ଦଳ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ଉପ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇ ନାହାନ୍ତି। ମୋଟ ୭୬୭ ଜଣ ସାଂସଦ ଭୋଟ ଦେଇଥିଲେ। ଏହା ମଧ୍ୟରୁ ୭୫୨ ବୈଧ ଓ ୧୫ଟିକୁ ନାକଚ କରାଯାଇଥିଲା। ବିଜେପି ନେତୃତ୍ୱାଧୀନ ଏନଡିଏର ୪୨୭ ଜଣ ସାଂସଦ ଭୋଟ ଦେଇଛନ୍ତି। ସେହିପରି ବରୋଧୀ ମେଣ୍ଟର ସମସ୍ତ ୩୧୫ ଜଣ ସାଂସଦ ଭୋଟ ଦେଇଥିବା କଂଗ୍ରେସ ନେତା ଜୟ ରାମ ରମେଶ କହିଥିଲେ। ହେଲେ ବିରୋଧୀ ମେଣ୍ଟର ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ପ୍ରଥମ ପସନ୍ଦର ଉପ ରାଷ୍ଟ୍ରପତି ଭାବେ ୩୦୦ ଖଣ୍ଡ ଭୋଟ ମିଳିଛି। ଅର୍ଥାତ ୧୫ ଖଣ୍ଡ ଭୋଟ ମିଳିନାହିଁ। ଯେଉଁ ୧୫ ଖଣ୍ଡ ଭୋଟ ନାକଚ ହୋଇଛି, ସମ୍ଭବତଃ ତାହା ବିରୋଧୀ ସାଂସଦଙ୍କର ବୋଲି କୁହାଯାଉଛି। ପୂର୍ବ ଗଣତି ହିସାବରେ ଏନଡିଏ ପ୍ରାର୍ଥୀ ଅଧିକ ଭୋଟ ପାଇଛନ୍ତି। ଏନଡିଏ ପାଖରେ ୪୨୭ ଜଣ ସାଂସଦ ଉଭୟ ସଦନରେ ଥିବା ବେଳେ ଏହା ଠାରୁ ଅଧିକ ସମର୍ଥନ ପାଇଛନ୍ତି ସିପି ରାଧାକ୍ରିଷ୍ଣନ। ଅର୍ଥାତ ଆନ୍ଧ୍ର ପ୍ରଦେଶର ୱାଇଏସ୍‌ଆର କଂଗ୍ରେସର କିଛି ସାଂସଦ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ରାଜ୍ୟସଭାରେ ଦଳର ୭ ଜଣ ଓ ଲୋକସଭାରେ ୪ ଜଣ ସଦସ୍ୟ ରହିଛନ୍ତି। ସେମାନେ ସମସ୍ତେ ସମ୍ଭବତଃ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରିଛନ୍ତି। ସେହିପରି ରାଜ୍ୟସଭାରେ ଥିବା ଆପ୍‌ର ବିଦ୍ରୋହୀ ସାଂସଦ ସ୍ୱାତୀ ମାଲିୱାଲ ମଙ୍ଗଳବାର ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା କୁହାଯାଉଛି। ଲୋକସଭାରେ ଥିବା ୭ ସ୍ୱାଧୀନ ସାଂସଦଙ୍କ ମଧ୍ୟରୁ ଜଣେ ଭୋଟିଂରୁ ଦୂରେଇ ରହିଥିଲେ। ବାକି ୬ ଜଣଙ୍କ ଭୂମିକା ଉପରେ ସମସ୍ତ ନଜର ରହିଥିଲା। ସେମାନେ ମଧ ଏନଡିଏକୁ ସମର୍ଥନ ଦେଇଛନ୍ତି। ଜେଡପିଏମ(ମିଜୋରାମ)ର ମଧ ଜଣେ ସାଂସଦ ବି ସିପି ରାଧାକ୍ରିଷ୍ଣନଙ୍କୁ ଭୋଟ ଦେଇଥିବା ଜଣାପଡ଼ିଛି। ଏଥିଯୋଗୁ ସିପି ରାଧାକ୍ରିଷ୍ଣ ମୋଟ ୪୫୨ ଖଣ୍ଡ ଭୋଟ ପାଇଛନ୍ତି। ତେବେ ଏହା ୩ ବର୍ଷ ତଳେ ଧନଖଡ଼ ହାସଲ କରିଥିବା ୫୨୮ଟି ଭୋଟରୁ କମ।

### ବନ୍ୟାଞ୍ଚଳ ବୁଲିଲେ...

କ୍ଷତିପୂରଣ ସହ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ପ୍ରଭାବିତଙ୍କ ସହ କଥା ହୋଇ ଦୁଃଖ ବୁଝିଛନ୍ତି ମୋଦୀ । ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରି ପୂରା ରାଜ୍ୟର ଖବର ନେଇଛନ୍ତି । ଆଉ ନିଜ ସୋସିଆଲ୍ ମିଡିଆ ଲେଖିଛନ୍ତି, ' ହିମାଚଳ ପ୍ରଦେଶର ଏହି କଷ୍ଟକର ସମୟରେ ଆମେ ଲୋକଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛୁ ଏବଂ ପ୍ରଭାବିତ ଲୋକଙ୍କୁ ସହାୟତା ଜାରି ରଖିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରାଯାଉଛି ।' ତେବେ ହିମାଚଳ ପ୍ରଦେଶକୁ ଦେଢ଼ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ସହିତ, କେନ୍ଦ୍ର ସରକାରଙ୍କ ଝଉଜର ଏବଂ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ଦ୍ୱିତୀୟ କିସ୍ତି ମଧ ଆଗୁଆ ଜାରି କରାଯିବ । ଏହାସହ ହିମାଚଳ ପ୍ରଦେଶରେ ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପୁନଃନିର୍ମାଣ କରାଯିବ । ଜାତୀୟ ରାଜପଥ ମରାମତି କରାଯିବ, ସ୍କୁଲଗୁଡ଼ିକ ପୁନଃନିର୍ମାଣ କରାଯିବ । ଏହା ସହିତ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି ଅଧୀନରେ ମଧ ସାହାଯ୍ୟ ମିଳିବ । ପଶୁପାଳନ ପାଇଁ ମିନି କିଟ୍ ମଧ ପ୍ରଦାନ କରାଯିବ ବୋଲି ସୂଚନା ରହିଛି । ଏହାସହ ବିଶେଷକରି ଯେଉଁ ଚାଷୀମାନଙ୍କର ବର୍ତ୍ତମାନ ବିଦ୍ୟୁତ ସଂଯୋଗ ନାହିଁ ସେମାନଙ୍କୁ ଅତିରିକ୍ତ ସହାୟତା ଯୋଗାଇ ଦିଆଯିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ, କ୍ଷତିଗ୍ରସ୍ତ ଘରଗୁଡ଼ିକର ଜିଓଟ୍ୟାଗିଂ କରାଯିବ । ଏହା କ୍ଷୟକ୍ଷତିର ସଠିକ୍ ମୂଲ୍ୟାଙ୍କନ ଏବଂ ପ୍ରଭାବିତ ଲୋକଙ୍କୁ ଶୀଘ୍ର ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିବ । ସେପଟେ ହିମାଚଳ ପ୍ରଦେଶ ପରେ ପଞ୍ଜାବ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଆକାଶ ମାର୍ଗରୁ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି । ପଞ୍ଜାବରେ ପାଣି କେତେ ମାତ୍ରାରେ ପ୍ରଳୟ ରଚିଛି ତାହା ଦେଖିଛନ୍ତି ମୋଦୀ । ଏଥିସହ ଗୁରୁଦାସପୁରରେ ବନ୍ୟା ପ୍ରଭାବିତଙ୍କ ସହ କଥା ହୋଇ ଫସଲ ନଷ୍ଟ ବାବଦରେ ପଚାରି ବୁଝିଛନ୍ତି ପ୍ରଧାନମନ୍ତ୍ରୀ । ତାସହ ଏନଡିଆରଏଫ, ଏସଡିଆରଏଫ ସଦସ୍ୟଙ୍କ ସହ ଉଦ୍ଧାର କାମ ନେଇ କଥା ହୋଇଛନ୍ତି ମୋଦୀ ।

### ପଶ୍ଚିମବଙ୍ଗ ବ୍ୟବସାୟୀ...

ଯାହାଫଳରେ ସେ କୋଲକାତାର ସଲ୍‌ଟଲେକ ସ୍ଥିତ ଇଡି ଅଫିସ୍‌ରେ ହାଜିର ହେବେ ଏବଂ ନିଜ ବୟାନ ଦର୍ଜ କରାଇବେ। ଚଢ଼ାଉ ସମୟରେ ନଗଦ ଟଙ୍କା ବ୍ୟତୀତ କେତେକ ସନ୍ଦିଗ୍ଧ କାଗଜପତ୍ର ମଧ ଜବତ କରାଯାଇଛି, ଯେଉଁଥିରେ ଯାଂଚରେ ଏବଂ ମୁଖ୍ୟ ପ୍ରମାଣ ମିଳିବାର ଆଶା ଅଛି। ସୌରଭ ରାୟ ଲମ୍ବା ସମୟ ହେଲା ବାଲି ବ୍ୟବସାୟ ସହିତ ଯୋଡ଼ି ହୋଇଥିଲେ।

# ମେକ୍ସିକୋରେ ମାଲଗାଡି ଓ ଡବଲ ଡେକର ବସ ମଧ୍ୟରେ ଧକ୍କା: ୧୦ ମୃତ, ୪୧ ଆହତ

ମେକ୍ସିକୋ, ୯/୯ ମେକ୍ସିକୋରେ ଏକ ମାଲଗାଡ଼ି ଓ ଏକ ଡବଲ୍-ଡେକର ବସ୍ ମଧ୍ୟରେ ହୋଇଥିବା ଧକ୍କାରେ କମ୍‌ରେ କମ୍ ୧୦ ଜଣଙ୍କ ମୃତ୍ୟୁ ଓ ୪୧ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍‌ଟି ଦୁଇଟି ଭାଗରେ ବିଭକ୍ତ ହୋଇଯାଇଛି । ଏହି ଦୁର୍ଘଟଣା ସକାଳ ୭ଟା (ବ୍ରିଟିଶ ସମୟ ଅନୁଯାୟୀ ଦ୍ୱିପ୍ରହର୨ଟା) ଠାରୁ କିଛି ସମୟ ପୂର୍ବରୁ ମେକ୍ସିକୋ ସିଟିରୁ ପ୍ରାୟ ୮୦ ମିଲ୍ (୧୩୦ କି.ମି.) ଉତ୍ତର-ପଶ୍ଚିମରେ ଅବସ୍ଥିତ ଅଟଲାକୋମୁଲ୍କୋ ନାମକ ସହରର ଏକ ଶିଳ୍ପାଞ୍ଚଳରେ ଥିବା ରେଲୱେ କ୍ରସିଂ ନିକଟରେ ଘଟିଥିଲା। ସ୍କାଇ ନ୍ୟୁଜର ଏକ ରିପୋର୍ଟରେ ଏହି ସୂଚନା ମିଳିଛି। ରିପୋର୍ଟ ଅନୁଯାୟୀ, ମେକ୍ସିକୋ ରାଜ୍ୟର ନାଗରିକ ସୁରକ୍ଷା ଏଜେନ୍ସି ଏକ୍ସ ମାଧ୍ୟମରେ କହିଛି ଯେ ଅଧିକାରୀମାନେ ଏଯାବତ୍ ଦୁର୍ଘଟଣାସ୍ଥଳରେ କାମ କରୁଛନ୍ତି। ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛଇ। ଆଟର୍ନି ଜେନେରାଲ କାର୍ଯ୍ୟାଳୟ ଅନୁଯାୟୀ, ମୃତ୍ୟୁବରଣ କରିଥିବା ଲୋକମାନେଙ୍କମଧ୍ୟରେ ସାତଜଣ ମହିଳା ଓ ତିନିଜଣ ପୁରୁଷ ଅଛନ୍ତି, ଓ କିଛି ଆହତଙ୍କ ଅବସ୍ଥା ଗମ୍ଭୀର ରହିଛି ।

# ବ୍ଲକ ସ୍ତରୀୟ ଶିକ୍ଷକ ସମ୍ମାନ ସମାରୋହ – ୨୦୨୫ ଅନୁଷ୍ଠିତ

## ଭାରତର ଶିକ୍ଷା ଓ ଦର୍ଶନ ବିଶ୍ୱବାସୀଙ୍କୁ ଦେଇଛି ନୂଆ ଆଲୋକର ସନ୍ଧାନ : ପ୍ରମିଳା ପଣ୍ଡା



ଉଦଳା , ୯/୯ (ନି.ପ୍ର): ଉଦଳା ଗୋଷ୍ଠୀ ସାଧନ କେନ୍ଦ୍ର ସମ୍ମିଳନି ପ୍ରକୋଷ୍ଠରେ ଉଦଳା ବ୍ଲକ ସମନ୍ୱିତ ନୂତନ ପେନସନଭୁକ୍ତ ପ୍ରଥମିକ ଶିକ୍ଷକ ସଂଘର ଆୟୋଜନ ଏବଂ ଡ଼ାଏଟ-ସିଆରସି ଲିଙ୍କେଜଙ୍କ ସଂଯୋଜନାରେ ଚଳିତ ସେପ୍ଟେମ୍ବର ୫ ତାରିଖ ଶୁକ୍ରବାର ପବିତ୍ର ଗୁରୁଦିବସ ପାଳନ ଅବସରରେ ଶିକ୍ଷକ ସମ୍ମାନ ସମାରୋହ -୨୦୨୫ ଅନୁଷ୍ଠିତ ହୋଇ ଯାଇଛି । ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ଉକ୍ତ ଉତ୍ସବରେ ଅଧକ୍ଷତା କରି, ଭାରତର ପୁର୍ବତନ ରାଷ୍ଟ୍ରପତି ଡ଼. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ୧୯୪୯ରେ ସୋଭିଏତ ରୁଷରେ ରାଷ୍ଟ୍ରଦୁତ ଭାବରେ କାର୍ଯ୍ୟରତ ଥିବା ସମୟରେ ଆମ ଦେଶର ଶିକ୍ଷା ଓ ଦର୍ଶନକୁ ସେଠାରେ ପ୍ରଚାର ପ୍ରସାର ଘଟାଇବା ସହ କିପରି ଏକ ବଡ଼ ପରିବର୍ତ୍ତନ ଆଣିପାରିଥିଲେ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମ ଆୟୋଜନ କରିବାରେ ନେତୃତ୍ୱ ନେଇଥିବା ଶିକ୍ଷକ/ଶିକ୍ଷୟିତ୍ରି ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଅତିତରେ ତକ୍ଷଶିଳା ବିଶ୍ୱବିଦ୍ୟାଳୟ ଭାରତର ଶିକ୍ଷା ଓ ଦର୍ଶନକୁ ବିଶ୍ୱବାସୀଙ୍କୁ ଅବଗତ କରାଇବା ସହ କିପରି ଏକ ନୂଆ ଆଲୋକର ସନ୍ଧାନ ଦେଇଥିଲା ବକ୍ତବ୍ୟ ମାଧମରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ମଂଜରି ପଣ୍ଡା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡ଼ାକୁଆ ଓ ଅବସରପ୍ରାପ୍ତ ଅଧକ୍ଷ ଅନାଦି ଚରଣ ବିନ୍ଧାଣି, ଉଚ୍ଚମାଧମିକ ଶିକ୍ଷା ପରିଷଦର ଆଂଚଳିକ ସଚିବ ରାଜେଶ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ, ଯେପରି କ୍ଷୀର ବିନା ଗାଇ, ଫୁଲ ବିନା ଲତା, ପଦ୍ମବିନା ଜଳ, ଅଧିବାସୀ ବିନା ନଗର ଶୋଭା ପାଏ ନାହିଁ ସେହିପରି ଗୁରୁ ବିନା ଶିଷ୍ୟର କୌଣସି ସ୍ଥିତି ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଶିକ୍ଷକ କରୁଣାକର ନାୟକ, କିଶୋର କୁମାର ସିଂ, ଦୁଃଖିରାମ ମୁର୍ମୁ, ନରୋତମ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ଶାନ୍ତନୁ ଦାଶ, ଶିକ୍ଷୟିତ୍ରି ପ୍ରମୋଦା ସେନାପତି, ପ୍ରଜ୍ଞାପଦ୍ମଗନ୍ଧା ଦାସବାବୁ, ଗୀତାଞ୍ଜଳି ଦାସ, ନିବେଦିତା ପ୍ରଧାନ, ରାନୁ ମହାନ୍ତି, ସାବିତ୍ରି ସୋରେନ, ସଂଯୁକ୍ତା ସେନାପତି, ସରସ୍ୱତି ଟୁଡୁ ଓ ସସ୍ମିତା ସେଠୀ ପ୍ରମୁଖଙ୍କୁ ଅତିଥି ମାନେ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ବିରେନ୍ଦ୍ର ନାଥ ମଢ଼େଇ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲାଲମୋହନ ମାର୍ଣ୍ଡି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମିନାକ୍ଷୀ ମିଶ୍ର, ଲିପିକା ପଟ୍ଟନାୟକ, ବୈଶାଖି ସାହୁ, ଅସିମା ଅରୁନ୍ଧତି, ଆଦ୍ୟାଶା ଦାସ, ଅଜୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ସମୂହ ଦୀପ ଦାନ କରି ଅଭିଜିତଙ୍କ ସୁସ୍ଥତା କାମନା କଲେ ଓଲିଉଡ଼ ପରିବାର



ଭୁବନେଶ୍ୱର, ୯/୯ (ନି.ପ୍ର): ଅଭିଜିତ ମଜୁମଦାର, ଓଡିଆ ସଙ୍ଗୀତ ଜଗତର ମେଲୋଡି କିଙ୍ଗ ଓ ମନୋରଂଜନ ଦୁନିଆର ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ । ସଙ୍ଗୀତରେ ଶ୍ରୋତାଙ୍କୁ ବାନ୍ଧି ରଖିବାର କଳା ତାଙ୍କୁ ବେଶ୍ ଜଣା। ସଙ୍ଗୀତରେ ସମସ୍ତଙ୍କୁ ମତୁଆଲା କରୁଥିବା ଅଭିଜିତ ଦା' ଏବେ କୋମାରେ । ତେଣୁ ତାଙ୍କ ସୁସ୍ଥତା କାମନା କରି ଓଡିଶା ଫିଲ୍ମ ଡିଷ୍ଟ୍ରିବ୍ୟୁସନ ସିଣ୍ଡିକେଟର ସମ୍ପାଦକ ଶ୍ରୀଯୁକ୍ତ ସଚ୍ଚିକାନ୍ତ ଜେନାଙ୍କ ସମେତ ପ୍ରଯୋଜକ ଶ୍ରୀଧର ମାର୍ଥା, ଜୁବୁଲି ସୁନ୍ଦରାୟ, ସଂଳାପକାର ଡଃ ରଜନୀ ରଞ୍ଜନ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଗଦାଧର ପୁଟ୍ଟୀ, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଶ୍ରୀତମ ଦାସ, ପ୍ରଯୋଜକ ବିବେକାନନ୍ଦ ବାରିକ, ସଞ୍ଜୟ ଭଟ୍ଟ, ଖଗେଶ୍ୱର ଜୟପୁରିଆ, ଇଂଫ୍ଲୁଏନ୍ସର ପ୍ରକାଶ ନାୟକ କୋରିଓଗ୍ରାଫର ଲୁବୁନ, ଅଭିନେତ୍ରୀ ଅଙ୍କିତା, ପ୍ରିୟ ରଞ୍ଜନ ମହାନ୍ତି, କଣ୍ଠଶିଳ୍ପୀ ଅଂଶୁମାନ ନାୟକ, ଅନ୍ତରୀକ୍ଷା ନାୟକ, ପ୍ରଦୀପ ଏବଂ ଅନେକ ସଂଗୀତଜ୍ଞ ଓ ଓଲିଉଡ଼ ପରିବାରବର୍ଗ ଶ୍ରୀରାମ ମନ୍ଦିରରେ ସମୂହ ଦୀପ ଦାନ କରିଥିଲେ । ଜୀବନ ସହ ସଂଗ୍ରାମ କରୁଥିବା ଅଭିଜିତ୍ ମଜୁମଦାର ଏବେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ । ଇତି ମଧ୍ୟରେ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଏମ୍ସ ଭୁବନେଶ୍ୱର ଗସ୍ତ କରିଥିଲେ। ତାଙ୍କ ଆରୋଗ୍ୟ କାମନା ପାଇଁ ଓଲିଉଡ଼ ପରିବାର ଏକାଠି ହୋଇ ସମୂହ ଦୀପ ଦାନ କରି ପ୍ରଭୁ ଶ୍ରୀରାମ ଙ୍କୁ ନିବେଦନ କରିଛନ୍ତି । ଅନେକ କଳାକାରଙ୍କ ସମେତ ନେତା, ମନ୍ତ୍ରୀ ମଧ ତାଙ୍କ ଆରୋଗ୍ୟ କାମନା ପାଇଁ ନିବେଦନ କରୁଛନ୍ତି । କେହି କେହି ଦୀପ ଜାଳୁଥିବା ବେଳେ ଅନେକ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରୁଛନ୍ତି । 'ଲୋକପ୍ରିୟ ସଙ୍ଗୀତଜ୍ଞ ଅଭିଜିତ ମଜୁମଦାର ଯିଏ ଘରେ ଘରେ ପରିଚିତ, ତାଙ୍କ ଅସୁସ୍ଥତା ଆମକୁ କଷ୍ଟ ଦେଇଛି ବୋଲି ସମସ୍ତେ କହିଥିଲେ । ତାଙ୍କ ଫ୍ୟାନ୍ସ ସମେତ ସମସ୍ତ ଓଡ଼ିଶାବାସୀ ତାଙ୍କ ସୁସ୍ଥତା ପାଇଁ ମଧ ପ୍ରାର୍ଥନା କରୁଛନ୍ତି । ଯଥାଶୀଘ୍ର ସେ ସୁସ୍ଥ ହୋଇ ଫେରନ୍ତୁ ଏବଂ ତାଙ୍କ ସଙ୍ଗୀତ ଯାତ୍ରା ଜାରି ରଖନ୍ତୁ ବୋଲି କୋହ ଭରା କଣ୍ଠରେ ଓଲିଉଡ଼ ପରିବାରବର୍ଗ ଙ୍କ ମୁହଁ ରୁ ଶୁଣିବାକୁ ମିଳୁଛି। '

## ୧୭ରୁ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ପାଳନ ହେବ ସେବାପକ୍ଷ

ସମ୍ବଲପୁର, ୯/୯ (ନି.ପ୍ର): ଆଗାମୀ ସେପ୍ଟେମ୍ବର ମାସ ୧୭ ତାରିଖ ଠାରୁ ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀଜୀ ଓ ଶାସ୍ତ୍ରୀଜି ଜୟନ୍ତୀ ପର୍ଯ୍ୟନ୍ତ ପାଳନ କରାଯିବ ସେବାପକ୍ଷ। ଏହି ଅବସରରେ ବୃକ୍ଷରୋପଣ, ସ୍ୱାସ୍ଥ୍ୟସେବା ଶିବିର, ରକ୍ତଦାନ ଶିବିର ପ୍ରବୃଦ୍ଧ ବର୍ଗ ସମ୍ବାଦ, ଆଲୋଚନା ଚକ୍ର ଚିତ୍ରାଙ୍କନ ତଥା ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଜୟନ୍ତୀ ଆଦି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି। ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ସଭାପତିତ୍ୱରେ କୁଚିଣ୍ଡା ଠାରେ ଆୟୋଜିତ ଏହି ବୈଠକରେ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ସୁଶୀଲ କୁମାର କର ନିର୍ବାଚନ ମଣ୍ଡଳୀ ସଂଯୋଜକ ବିଭୂତି କଲ୍ୟାଣ ପଟେଲ ମଣ୍ଡଳ ସଂଯୋଜକ ଅସିତ୍ ଗଙ୍ଗଦେବ ସହ ସଂଯୋଜକ ପ୍ରିତମ ପାଣିଗ୍ରାହୀ ସହ ସଂଯୋଜିକା ଗାୟତ୍ରୀ ଚଲାନ ବରିଷ୍ଠ ଆଇନଜିବୀ ସଇଲେନ୍ଦ୍ର ନାୟକ ବାର ଏସୋସିଏସନ୍ ସଭାପତି ଅଇଁଠୁ କୁମାର ରାଉତ ଅରୁଣ ଅଗ୍ରୱାଲଙ୍କ ସମେତ ସମସ୍ତ ୧୧ଟି ୱାର୍ଡର କାର୍ଯ୍ୟକର୍ତା ତଥା ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ବିଜେପି ପୂର୍ବତନ ମଣ୍ଡଳ ସମ୍ପାଦକଙ୍କ ବିୟୋଗ

ଭଦ୍ରକ, ୯/୯ (ନି.ପ୍ର): ଭଦ୍ରକ ଜିଲା କ୍ଷେଣ୍ଡତିରା ପଚାଂୟତ ବିଜେପିର ପୂର୍ବତନ ମଣ୍ଡଳ ସମ୍ପାଦକ ତଥା କ୍ଷେଣ୍ଡତୀରା ଗ୍ରାମର ଯୁବନେତା ତାପସ କୁମାର ଖଣ୍ଡାଇ(୪୬)ଙ୍କର ସୋମବାର ରାତିରେ ପରଲୋକ ଘଟିଛି। ଗତ କିଛି ଦିନ ହେବ ସେ ଲିଭର ଜନିତ ରୋଗରେ ପିଡିତ ଥାଇ ଚିକିତ୍ସାଧୀନ ଥିଲେ । ରବିବାର ହଠାତ୍ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମଙ୍ଗଳବାର ସକାଳେ ତାଙ୍କ ମର ଶରୀର ନିଜ ଗ୍ରାମରେ ପହଞ୍ଚିବା ପରେ ଦଳର ଭଣ୍ଡାରିପୋଖରୀ ବିଧାନ ସଭାନେତା ଡ.ସୁଧାଂଶୁ ଶେଖର ନାୟକ, ବଦ୍ରିନାରାୟଣ ଧଳ, କୃଷକ ନେତା ଶଙ୍କର୍ଷଣ ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଓ ଦଳୀୟ ନେତୃତ୍ୱ ମାନେ ତାଙ୍କ ବାସ ଭବନରେ ପହଂଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇ ଥିଲେ।

# ଜଳେଶ୍ୱର ଡେଭଲପମେଣ୍ଟ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର, ୯/୯ (ନି.ପ୍ର): ଜଳେଶ୍ୱର ଡେଭଲପମେଣ୍ଟ କମିଟି ପକ୍ଷରୁ ଆଜି ଦିବା ୧୧ ଘଟିକା ସମୟରେ ଜଳେଶ୍ୱର ୬୦ ନମ୍ବର ଜାତୀୟ ରାଜପଥ କଡ ଅଗ୍ରୱାଲ ନିକଟସ୍ଥ ଆନନ୍ଦ ପ୍ଲାଜା ନିକଟରେ ଜଳେଶ୍ୱର ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି ଏଥିରେ ସଭାପତିତ୍ୱ କରିଥିଲେ କମିଟିର ସଭାପତି ତଥା ଅବସରପ୍ରାପ୍ତ ପ୍ରଫେସର ରତ୍ନାକର ରାୟ, ଉପ ସଭାପତି ଜ୍ଞାନେନ୍ଦ୍ର କୁମାର ଜେନା ଯୁଗ୍ମ ସମ୍ପାଦକ ବିପ୍ଳବ କୁମାର ଜେନା ସାଧାରଣ ସଂପାଦକ ବରିଷ୍ଠ ସାମ୍ବାଦିକ ସୁକୁମାର ରଣା, କମିଟିର ଉପଦେଷ୍ଟା ଶଙ୍କର ଲାଲ ଦେ ଉପସ୍ଥିତ ରହି ଜଳେଶ୍ୱର ଅଞ୍ଚଳରେ ଥିବା ସୀମା ବର୍ତ୍ତି ଗ୍ରାମ ଗୁଡ଼ିକର ରାସ୍ତାର ଉନ୍ନୀତ କରଣ ସାଙ୍ଗକୁ ଗ୍ରାମ ପଞ୍ଚାୟତର ମୁଖ୍ୟାଳୟ ପର୍ଯ୍ୟନ୍ତ କିପରି ମୁଖ୍ୟମନ୍ତ୍ରୀ ମୋ ବସ୍ ସେବା ପହଞ୍ଚାଯାଇ ପାରିବ ତତ୍ ସହିତ ପ୍ରତ୍ୟେକ ଆଦିବାସୀ ଅଧୁଷିତ ଗ୍ରାମରେ ଶିକ୍ଷାର ବିକାଶ ସହିତ ସ୍ୱାସ୍ଥ୍ୟ ସେବାର ଉନ୍ନୀତ କରଣ , ସୁବର୍ଣ୍ଣରେଖା ନଦୀରେ ବନ୍ୟା ଦ୍ୱାରା ପନି ପରିବା ଚାଷୀଙ୍କ ପାଇଁ ବନ୍ୟା କ୍ଷୟ କ୍ଷତି ସାଙ୍ଗକୁ ଶିତଳୀ ଭଣ୍ଡାର, ପଶ୍ଚିମ ବଙ୍ଗ ଓ ଓଡ଼ିଶା ସୀମାର ସୀମା ରେଖା ଚୁଡାନ୍ତ କରିବା ସୁବର୍ଣ୍ଣରେଖା ସଂସ୍କାର ଯୋଜନା , ବେଆଇନ ନିଶା କାରବାର ରୋକ ଲଗାଇବା ସହିତ ଗ୍ରାମ ସ୍ତରରେ ଦୁର୍ନୀତି ମୁକ୍ତ କରି ସୁ ଶାସନ ସଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସରକାରଙ୍କ ପାଖରେ ଦାବୀ ଜଣାଇବା ସାଙ୍ଗକୁ କୁଟୀର ଶିଳ୍ପର ଅଗ୍ରଗତି କରିବା ଡେଙ୍ଗୁ ପ୍ରବଣ ଅଞ୍ଚଳରେ ସରକାରୀ ଉଦାସୀନତା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ପରି ଅନେକ ସମସ୍ୟାର ସ୍ଥାୟି ପ୍ରତିକାର ପାଇଁ ଜଳେଶ୍ୱର ଡେଭଲପମେଣ୍ଟ କମିଟି ସବୁବେଳେ ଚେଷ୍ଟିତ ଆଗକୁ ସରକାର ଏ ଦିଗରେ ଯଥାର୍ଥତା ମୂଳକ କାର୍ଯ୍ୟ ପନ୍ଥା ହାତକୁ ନିଅନ୍ତୁ ବୋଲି ମତ ପ୍ରକାଶ କରିଛନ୍ତି ।

# ଧବଣି ନୂତନ ରାସ୍ତାନିର୍ମାଣ ବଦଳରେ ମରାମତିକୁ ବିରୋଧ କଲେ ଖୋଦ ସରପଞ୍ଚ ଓ ଗ୍ରାମବାସୀ

ନୀଳଗିରି, ୯/୯ (ନି.ପ୍ର): ଖୋଦ ସରପଞ୍ଚଙ୍କ ଅଗୋଚରରେ ନୂତନକଂକ୍ରିଟ ରାସ୍ତା ନିର୍ମାଣ ବଦଳରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ କିଛିବ୍ୟକ୍ତି ପୁରୁଣାରାସ୍ତାକୁ ମରାମତି କରିବାରୁ ଖୋଦ ମାଟିଆଳି ସରପଂଚ ଶାନ୍ତିଲତା ବିଶ୍ୱାଳଙ୍କ ସମେତ ଗ୍ରାମ ବାସୀ ବିରୋଧକରିବା ଘଟଣା ଜେଇ ଓ ଏଇଇ ଙ୍କ ଦୁର୍ନୀତିକୁ ପଦାରେ ପକାଇଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ମାଟିଆଳି ଗ୍ରା. ପ. ଶ୍ରୀପତି ୱାର୍ଡ ଧବଣି ସାହିରେ ବିକଶିତ ଗାଁ ବିକଶିତ ଓଡିଶା ୨୦୨୪-୨୫ବର୍ଷ, ଧବଣୀ ଅସ୍ତଗଛ ଛକ ଠାରୁ ଡବ୍ଲୁଡି ରାସ୍ତା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଉକ୍ତ ରାସ୍ତାନିର୍ମାଣ ପାଇଁ ଏକ ଗୋଷ୍ଠୀ କାମ କରିବାକୁ ଆସିଥିବା ବେଳେ ନୂତନ ରାସ୍ତା ନିର୍ମାଣ ବଦଳରେ ପୁରୁଣା ରାସ୍ତା କୁ ମରାମତି କରିବାରୁ ସରପଂଚ ଓ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଘଟଣା ସ୍ଥଳରେ ଅପ୍ରୀତିକର ପରିସ୍ଥିତି ହେବାରୁ ବରହମପୁର ଥାନା ଅଧିକାରିଣୀ ପ୍ରେମଦା ନାୟକ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ସରପଞ୍ଚ ଓ ଗ୍ରାମବାସୀ କହିବା ମୁତାବକ ସରକାରୀ ନିୟମ ଅନୁଯାୟୀ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଗୁଡିକ ନୂତନ କଂକ୍ରିଟ ନିର୍ମାଣ ହେବାର ନିୟମ ଥିଲାବେଳେ ମାଟିଆଳି ପଂଚାୟତ ଧବଣି ରାସ୍ତା କିପରି ମରାମତି ହେଉଛି ବୋଲି ସରପଂଚ ଶାନ୍ତିଲତା ପ୍ରଶ୍ନ କରିବା ସହିତ ଏହା ସରକାରୀ ନିୟମକୁ ଉଲଂଘନ କରୁଛି ।ଉକ୍ତ କାର୍ଯ୍ୟ ଜେଇଙ୍କ ନାମରେ କାର୍ଯ୍ୟାଦେଶ ଥିବା ସତ୍ତ୍ୱେ ଜେ.ଇ. ଭରତ ସିଂ କିପରି ମରାମତି କଂକ୍ରିଟ ରାସ୍ତା ପାଇଁ ଏଷ୍ଟିମେଣ୍ଟ କଲେକେମିତି ? ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ଜେଇଙ୍କ ଅନୁପସ୍ଥିତରେ କିପରି କାର୍ଯ୍ୟ କରାଯାଉଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ? ଜେଇ ଓ ଏଇଇ ଙ୍କ ମଧୁଚନ୍ଦ୍ରିକାରେ ସରକାରୀ ଅର୍ଥକୁ ହରିଲୁଟ ହେଉଛି ବୋଲି ଖୋଦ ମାଟିଆଳି ସରପଂଚ ଶାନ୍ତିଲତା ବିଶ୍ୱାଳ ଗୁରୁତର ଅଭିଯୋଗ ଆଣିଛନ୍ତି ।ଏ ବାବଦରେ ବିଡ଼ିଓ ଓ ଜିଲ୍ଲାପାଳଙ୍କୁ ଅବଗତ କରିବେ ବୋଲି ସରପଞ୍ଚ କହିଛନ୍ତି । ଅପରପକ୍ଷରେ ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ଘଟଣା ତଦନ୍ତକରିବା ପାଇଁ ଏଇଇ ଇଂ ଶରତ ଚନ୍ଦ୍ର ଉପାଧ୍ୟୟଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲାପରେ ଆବଶ୍ୟକ ସ୍ଥଳେ ନିଜେ ତଦନ୍ତ କରିବେ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଖେଳ ଓ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ

ଜଳେଶ୍ୱର: ଜଳେଶ୍ୱର ବ୍ଲକସ୍ତରୀୟ ଖେଳ ଦୌଡକୁଦ ପ୍ରତିଯୋଗିତା ଶାଳବଣି ସ୍ଥିତ ହରିଚରଣ ଏକାଡେମୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସୋମବାର ସକାଳ ୧୦ ଘଟିକା ସମୟ ରେ ଅନୁଷ୍ଠିତ ହୋଇଛି । ଏଥିରେ ବିଇଓ ଜଗବନ୍ଧୁ ଜେନା ସଭାପତିତ୍ୱ କରିଥିଲେ । ଉଦ୍ ?ଘାଟକ ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧକ୍ଷା ଅନୁଷୟା ପ୍ରଧାନ ଯୋଗଦେଇ ଜଳେଶ୍ୱରର ଛାତ୍ରାଛାତ୍ର ଜାତୀୟ ସ୍ତରରେ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବ୍ୟକ୍ତା ଭାବେ ଜଳେଶ୍ୱର ବ୍ଲକ୍ ଅଧକ୍ଷ ମାନସ ଜେନା ସମ୍ମାନୀତ ଅତିଥି ଭାବେ ବରଡିହା ପଂଚାୟତ ର ସରପଂଚ ଅଜୟ କୁମାର ମହାନ୍ତି, ଅତିରିକ୍ତ ଶିକ୍ଷା ଅଧିକାରୀ ସୁଶାନ୍ତ ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ଜ୍ୟସ୍ନା ରାଣୀ ପ୍ରଧାନ, ସ୍କୁଲ କମିଟି ଅଧକ୍ଷ ବିବେକାନନ୍ଦ ଡଗର , ବ୍ଲକ୍ କ୍ରୀଡା ସଂପାଦକ ହୋରମନ୍ ମହାନ୍ତ , ନାମ୍ପ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଂଜନ କୁମାର ମହାନ୍ତି, ଜଳେଶ୍ୱର ମଣ୍ଡଳ ଓସ୍ଥା ସଂପାଦକ ସୁକୁମାର ମିଶ୍ର, ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ପ୍ରଦୀପ ଜେନା ଯୋଗଦେଇ ପିଲାଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚ ଆହ୍ୱାନ କରିଥିଲେ ସରୋଜ ପାଣିଗ୍ରାହି । ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଚାନ୍ଦ୍ରାଇ ହାଂସଦା। ଉଦଯାପନୀ ଉତ୍ସବ ଅପରାହ୍ନ ସମୟ ରେ ଭୀଷ୍ମ ପରିଡା ମୁଖ୍ୟ ଅତିଥି ଭାବେ ଭୀଷ୍ମ ପରିଡା, ମୁଖ୍ୟବ୍ୟକ୍ତା ଭାବେ ହରେନ୍ଦ୍ର ମହାନ୍ତ ,ସଭାପତିତ୍ୱ କରିଥିଲେ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନା, ସମ୍ମାନିତ ଅତିଥିଭାବେଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଜ୍ୟୋସ୍ନା ରାଣୀ ପ୍ରଧାନ, ଡ ଅଜୟ କୁମାର ଜେନା, ପ୍ରଧାନଶିକ୍ଷକ ଡେଭିଡ ମହାନ୍ତ,ଏଥିରେ ୪ ଟି ଜୋନ ଶିଖରପୁର, ହାତୀଗଡ଼, ନାମ୍ପ, ଜମାଳପୁର ର ୫୯ ଉଚ୍ଚବିଦ୍ୟାଳୟ ଏବଂ ୭୮ ପ୍ରାଥମିକ ବିଦ୍ୟାଳୟ ର ୬୦୦ ଛାତ୍ର ଛାତ୍ରୀ ଭାଗ ନେଇଥିଲେ।

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଓ ଦୌଡ଼କୁଦ ପ୍ରତିଯୋଗିତା ୨୦୨୫/୨୬ ଅନୁଷ୍ଠିତ



ନୀଳଗିରି, ୯/୯ (ନି.ପ୍ର): ନୀଳଗିରି ବ୍ଲକସ୍ତରୀୟ ବିଦ୍ୟାଳୟସମୂହ କ୍ରୀଡା ଓ ଦୌଡ଼କୁଦ ପ୍ରତିଯୋଗିତା ୨୦୨୫/ ୨୬ଶିକ୍ଷାବର୍ଷ ପାଇଁ ମଙ୍ଗଳବାର ଜାମୁଡିହା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବ୍ଲକ ସ୍ତରୀୟ ପ୍ରତିଯୋଗିତାକୁ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାପ୍ରଭୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଶୁଭଉଦ୍ଘାଟନ କରିଥିବା ବେଳେ କ୍ରୀଡା ପତାକାକୁ ଉତ୍ତୋଳନ କରିଥିଲେ। ପରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଶପଥପାଠ କରାଯାଇଥିଲା । ମହିଷାପଟା ଉନ୍ନୀତ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ରୂପକ କୁମାର ପସା ଅତିଥି ପରିଚୟ ଓ ମଞ୍ଚଆହ୍ୱାନ କରିଥିବା ବେଳେ ବ୍ଲକ କ୍ରୀଡାସଂଯୋଜକ ତଥା ବିଷ୍ଣୁପ୍ରିୟା ନୋଡାଲ ଉଚ୍ଚବିଦ୍ୟାଳୟର ଶିକ୍ଷକ ହାଜାମ୍ ମାରାଣ୍ଡି ପ୍ରତିଯୋଗିତାର ଆଭିମୁଖ୍ୟ ଓ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତସଭାରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି କରୁଣାକର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନୀଳଗିରିର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲମ୍ବୋଦର ସିଂ, ବିଆରସିସି ମିହିର କୁମାର ଦାସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ହେମନ୍ତ ମଣ୍ଡଳ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ବିଆରପି ରଞ୍ଜିତ କୁମାର ପରିଡ଼ା, ରଘୁନାଥ ବେହେରା ସମେତ ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଯୋଗଦେଇ ଉତ୍ତମ କ୍ରୀଡା ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି କ୍ରୀଡା ଓ ଦୌଡ଼ ପ୍ରତିଯୋଗିତାରେ ବ୍ଲକର ପ୍ରାୟ ହଜାରେ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ ୧୫୦ଜଣ କୃତି ଛାତ୍ରଛାତ୍ରୀ ଆଗାମୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିବାର ସୂଚନା ମିଳିଛି।

## ଥିପିରି ତିରୁପତି ଦେବୁଜି ମାଓବାଦୀ କେନ୍ଦ୍ରୀୟ କମିଟିର ସଚିବ ନିଯୁକ୍ତ

ହାଇଦ୍ରାବାଦ, ୯/୯ (ନି.ପ୍ର): ନାରାୟଣପୁର ଜଙ୍ଗଲରେ ଏକ ଏନକାଉଂଟରରେ ନିହତ ମାଓବାଦୀ ଦଳର କେନ୍ଦ୍ରୀୟ ସମ୍ପାଦକ ନାମ୍ବାଲା କେଶବ ରାଓ ଓରଫ ବାସବରାଜଙ୍କ ସ୍ଥାନରେ ଦଳ ଟିପିରି ତିରୁପତି ଓରଫ ଦେବୁଜିଙ୍କୁ ଦଳର କେନ୍ଦ୍ରୀୟ ସମ୍ପାଦକ ନିଯୁକ୍ତ କରିଛି। କେନ୍ଦ୍ରୀୟ କମିଟି ଆଜି ଏକ ବିବୃତି ଜାରି କରି କହିଛି ଯେ ମାଓବାଦୀ ଦଳର ଜାତୀୟ ସାଧାରଣ ସମ୍ପାଦକ ନାମ୍ବାଲା କେଶବ ରାଓ ଓରଫ ବାସବରାଜଙ୍କ ମୃତ୍ୟୁ ପରେ ଦଳରେ କେନ୍ଦ୍ରୀୟ ସମ୍ପାଦକ ପଦବୀ ଖାଲି ପଡ଼ିଥିଲା। ବର୍ତମାନ ତେଲେଙ୍ଗାନାର ଟିପିରି ତିରୁପତି ଓରଫ ଦେବୁଜିଙ୍କୁ ବାସବରାଜଙ୍କ ସ୍ଥାନରେ ଦଳର କେନ୍ଦ୍ରୀୟ ସମ୍ପାଦକ ନିଯୁକ୍ତ କରାଯାଇଛି।

## ଅକ୍ଟୋବର୨ରୁ ଆନ୍ଦୋଳନକୁ ଓହ୍ଲାଇବ ଓସା

ଭଦ୍ରକ,୯/୯:ଦୀର୍ଘ ବର୍ଷରୁ ଭଦ୍ରକ ଜିଲ୍ଲା ବାସିଙ୍କର ଯଥାର୍ଥ ଦାବିକୁ ଆଦାନୀ ପୋର୍ଟ କମ୍ପାନୀ ଆଣ ଦେଖା କରି ଆଂଚଳିକ ଉନ୍ନୟନ ପାଣ୍ଠିକୁ ହରିଲୁଟ କରି ସାଧାରଣ ଜନତାଙ୍କୁ ଜୀବନ ଜିଇବାରେ ହନ୍ତସନ୍ତ କରୁଥିବାରୁ ସମସ୍ତଙ୍କ ଉପରେ ଭରସା ତୁଟାଇ ଏବେ ଲୋକଙ୍କ ପାଇଁ ୫ ଦଫା ଦାବି ନେଇ ଓଡିଶା ସୂଚନାଧିକାର ଅଭିଯାନ ଭଦ୍ରକ ଶାଖା ଆସନ୍ତା ଅକ୍ଟୋବର ୨ ତାରିଖରୁ ଭଦ୍ରକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଦାବି ପୁରଣ ନହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କୁ ଓହ୍ଲାଇବ। ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଜିଲ୍ଲା ପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଆଦାନୀ କମ୍ପାନି କୁ ଡାକି ଆଲୋଚନା କରି ଦାବି ପୂରଣ ପାଇଁ ପଦକ୍ଷେପ ନେବାପାଇଁ ଭଦ୍ରକ ଜିଲ୍ଲାର ୭ ଟି ବ୍ଲକ୍ ରୁ ୫୦ ରୁ ଉର୍ଦ୍ଧ୍ୱ ସାଂଗଠନିକ କାର୍ଯ୍ୟ କର୍ତ୍ତା ଅନୁରୋଧ ଜଣାଇ ଥିଲେ। ଭଦ୍ରକ ଜିଲ୍ଲାରେ କେବଳ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ମାଗଣା ବହୁମୁଖୀ ଅତ୍ୟାଧୁନିକ ଜେରିଆଟ୍ରିକ ହସ୍ପିଟାଲ ପ୍ରତିଷ୍ଠା, ଜିଲ୍ଲାର କେବଳ ସର୍ବାଧିକ ଯୁବାବର୍ଗଙ୍କୁ ନିଯୁକ୍ତି, ଭୂତଳ ଜଳକୁ କମ୍ପାନୀରେ ବ୍ୟବହାର କରାନଯାଇ ସମୁଦ୍ର ଜଳକୁ ଉପଯୋଗ କରି ବ୍ୟବହାର କରାଯିବା, ସାମୁଦ୍ରିକ ବାଲି ଚଢା ଖୋଲି ଆଦାନୀ ସୀମା ବର୍ଦ୍ଧିତ କାର୍ଯ୍ୟ କୁ ବନ୍ଦ୍ କରି ଭିତରେ କନିକା ଏବଂ କାଳୀ ଭଂଜଡ଼ିହା ଜଙ୍ଗଲ ର ସୁରକ୍ଷା କରିବା , ଆଞ୍ଚଳିକ ଉନ୍ନୟନ କମିଟି ରେ ସାମ୍ବାଦିକ, ଆଇନଜୀବୀ , ସାମାଜିକ କର୍ମୀ, କୃଷକ ,ଏବଂ ପରିବେଶବିତ୍ ମାନଙ୍କୁ ନିଆ ଯିବା ସହ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ଆଦି ଅତ୍ୟନ୍ତ ସମ୍ବେଦନଶୀଳ ଦାବି ଗୁଡିକ ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଖୁବ୍ ଶୀଘ୍ର ଏଥିନେଇ ପଦକ୍ଷେପ ନେବାପାଇଁ ଦ୍ୱିତୀୟ ଥର ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ଓସାର ଆବାହକ ବିଶ୍ୱ କେଶରୀ ମହାନ୍ତି,ସଂଯୋଜକ ବିପ୍ଳବ ହୋତା, ସଭାପତି ପ୍ରକାଶ ଜେନା,ସଂପାଦକ ବିକାଶ ଧଳଙ୍କ ସମେତ କାର୍ଯ୍ୟକାରୀ କମିଟି ସଭ୍ୟ ରବିଦାସ,ସୁଶାନ୍ତ ଘଡେଇ, ଶୁଶୀଲ ବାରିକ୍, ପ୍ରଫୁଲ୍ଲ ପାଢ଼ୀ, ଅମର ମିଶ୍ର, ଗଣେଶ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ,ବସନ୍ତ ନାୟକ, ନରେନ୍ଦ୍ର ଦାସ,ପ୍ରଶାନ୍ତ ବେହେରା, ଭରତ ମହାଳିକ, ନିତ୍ୟାନନ୍ଦ ଦାସ, ଆଡଭୋକେଟ ମାଧବାନନ୍ଦ ନାୟକ, ରତିକାନ୍ତ ସାହୁ, ପ୍ରମୋଦ ବେହେରା, ଶରତ ସେନାପତି , ଅଶୋକ ସାହୁ, ତପନ ପଣ୍ଡା, ରବିସ୍ୱାଇଁ, ଅର୍ଜୁନ ସେଠି, ବ୍ରଜ ଦାସ, ବିନୟ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ନିମ୍ନ ମାନର ଅଭିଯୋଗ

ଜଳେଶ୍ୱର , ୯/୯ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧୀନସ୍ଥ ଲକ୍ଷ୍ମଣ ନାଥ ପଂଚାୟତ ରେ ହୋଇଥିବା ଥିବାଉନ୍ନତି ମୂଳକ କାର୍ଯ୍ୟ ନିମ୍ନ ମାନର ହେଉଥିବାର ସାଧାରଣରେ ଅଭିଯୋଗ ହେଉଛି, ବିଭାଗୀୟ କର୍ମଚାରୀ ଙ୍କଉଦାସୀନତା, ବିକଶିତ ଗାଁ - ବିକଶିତ ଓଡିଶା ଯୋଜନାରେ ଲକ୍ଷ୍ମଣ ନାଥ ଗ୍ରାମ ର ଦେବେନ୍ଦ୍ର ହେମ୍ବ୍ରମ ଙ୍କ ଘର ଠାରୁ ବିରିଶପୁର ରମାକାନ୍ତ ଦାସ ଙ୍କ ବିଲ ପର୍ଯ୍ୟନ୍ତ ୩ ଲକ୍ଷ ଟଙ୍କା ଅଟକଳ ମୂଲ୍ୟ ରେ ହୋଇଥିବା କଂକ୍ରିଟ ରାସ୍ତା ଅତି ନିମ୍ନ ମାନର ହଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଉକ୍ତ ନିର୍ମାଣ ହୋଇଥିବ ରାସ୍ତା କୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ଦାବୀ ହେଉଛି।

## ୨ଦିନିଆ ବ୍ଲକ ସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ



ଖଇରା, ୯/୯ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ସୋମ ଓ ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଏହି ୨ଦିନିଆ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ୧୪୦ ବିଦ୍ୟାଳୟରୁ ଆସିଥିବା ୫ଶହ ପିଲା କବାଡି,ଖୋଖୋ, ଭଲିବଲ, ଯୋଗ, ଚେସ୍,ଫୁଟବଲ, ବ୍ୟାଡମିଟନ, କ୍ରିକେଟ, ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ ଇତ୍ୟାଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଡିଓ ନାରାୟଣ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଖଇରା ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ କୁମାର ଦାଶ,କ୍ରିଡା ସମ୍ପାଦକ ଲକ୍ଷ୍ମୀଧର ପରିଡା,ଏବିଇଓ ମାଣିକ ମିଶ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟା ଅଧ୍ୟୟନ ସାଙ୍ଗକୁ ବୌଦ୍ଧିକ ଓ ଶାରୀରିକ ବିକାଶ ପାଇଁ କ୍ରୀଡା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ସୁଶାନ୍ତ ମହାପାତ୍ର ଓ ସୁବାସ ସାହୁ ମଞ୍ଚ ପରିଚାଳନା କରିଥିଲେ । ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଖୁକନ ସେଠୀ, ଅଶୋକ ମହାନ୍ତି, ପ୍ରଶାନ୍ତ ପାଣିଗ୍ରାହୀ, ବିଦ୍ୟାଧର ଦାସଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ, ସିଆରସିସି ପ୍ରମୁଖ ସହଯୋଗ କରିଥିଲେ ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ବାଲିଆପାଳ , ୯/୯ (ନି.ପ୍ର): ପବିତ୍ର ଗୁରୁଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବାଲେଶ୍ୱର ସବଡିଭିଜନର ଏକ ମାତ୍ର ସିଆରସିସି ଅଶୋକ କୁମାର ଗିରିଙ୍କୁ ବାଲେଶ୍ୱର ସ୍ଥିତ ଗାନ୍ଧୀସ୍ମୃତି ଭବନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ନିଳଗିରିର ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ଡ.ବସନ୍ତ କୁମାର ନାୟକ ଙ୍କ ଉପସ୍ଥିତିରେ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସଫଳତା ପାଇବା ପରେ ଶ୍ରୀ ଗିରିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟିଛି । ଏନେଇ ଶନିବାର ଅପରାହ୍ନରେ ବାଲିଆପାଳ ସିମୁଳିଆ କ୍ଲଷ୍ଟର ପକ୍ଷରୁ ଖଗଡ଼ାପାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ଅଶୋକ କୁମାର ଗିରିଙ୍କୁ ସିଆରସିସି ଯଶୋବନ୍ତ ଜେନା ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ବର୍ଦ୍ଧନା ଦେଇଥିଲେ । ଏଥିରେ ପ୍ୟାରିମୋହନ ବିଶ୍ୱାଳ,ଆଦିକନ୍ଦ ପ୍ରଧାନ, ନିଳୀମା ସେଠୀ, ସଞ୍ଜୟ କୁମାର ମହାପାତ୍ର,ମିରାବାଇ ବେହେରା, ପୁଷ୍ପଲତା ପ୍ରଧାନ, ପ୍ରଦୀପ କୁମାର ପଣ୍ଡା, ସ୍ନେହଲତା ଭୂୟାଁ, ଭରତ ଚନ୍ଦ୍ର ଜେନା,ଅଜୟ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁରସ୍କାର ବାଲିଆପାଳ ବ୍ଲକକୁ ପ୍ରଥମ ଥର ପାଇଁ ପ୍ରାପ୍ତ ହୋଇଥିବାରୁ ବାଲିଆପାଳ ମିଡିଆ ଫୋରମ ତରଫରୁ ତାଙ୍କୁ ଉଚ୍ଛସିତ ପ୍ରଶଂସା କରାଯାଇଥିଲା ।

## ପଥରମୂର୍ତ୍ତି ଠିକାଦାରଙ୍କ ଘରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏବଂ ସୁନାଗହଣା ଚୋରି



ନୀଳଗିରି, ୯/୯ (ନି.ପ୍ର): ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ଅଧୀନ ବଉଳଗଡିଆ ଗ୍ରାମର ପଥର ମୂର୍ତ୍ତି ଠିକାଦାର ରାଜକିଶୋର ନାୟକ ( ଟୁଟୁ ନାୟକ )ଙ୍କ ଘରୁ ସୋମବାର ରାତିରେ ଚୋରି ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଟୁଟୁ ନାୟକଙ୍କ ସ୍ତ୍ରୀ ମମତାରାଣୀ ନାୟକ ସୋରସ୍ଥିତ ନୂଆଘରକୁ ୨ଦିନ ତଳେ ଯାଇଥିବାବେଳେ ଏହି ସୁଯୋଗରେ ଚୋରମାନେ ଷ୍ଟିଲଗେଟ ଏବଂ କାଠ କବାଟର ଚାବିକୁ କାଟି ଗଡ଼ରେଜ ଭାଙ୍ଗିବା ସହ ନଗଦ ୧୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ସହିତ ସୁନା ଓ ରୁପାଗହଣା , ଏକ ମୂର୍ତ୍ତି, ଠାକୁରବାସନ ସହିତ ଅଳଙ୍କାର, ୧୫ ଖଣ୍ଡରୁ ଉର୍ଦ୍ଧ ବହୁଦାମୀ ପାଟଶାଢ଼ୀ ଚୋରିକରି ନେଇଥିବା ମମତାରାଣୀ ନାୟକ ଈଶ୍ୱରପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଖବରପାଇ ଫାଣ୍ଡି ଅଧିକାରୀ ଙ୍କ ସମେତ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ସହାୟତାରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ଦେଖିବାକୁ ମିଳିଛି ।ଘରେ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିବାବେଳେ ଚୋର ମାନେ ପ୍ରମାଣକୁ ନଷ୍ଟ କରିବାପାଇଁ ହାର୍ଟଡିସ୍କକୁ ମଧ ଚୋରାଇ ନେଇଥିବା ସୂଚନା ମିଳିଛି । ତେବେ ସ୍ଥାନୀୟ ଚୋର ଏହି ଚୋରିରେ ସଂପୃକ୍ତଥିବା ଅଞ୍ଚଳବାସି ସନ୍ଦେହ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଅଜଣା ଯୁବକ ମୃତ

ବସ୍ତା ୯/୯ (ନିପ୍ର):ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥର କୁଳିଦା ପଞ୍ଚାୟତର ଗୁଡ଼ିଖାଳ ପୋଲ ଉପରେ ଆଜି ଭୋର ପ୍ରାୟ ୫ ଘଟିକା ୨୫ ମିନିଟ ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜୈନିକ ଯୁବକ ମୃତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ସ୍ଥାନୀୟ ଲୋକେ ସେଠାରେ ଦୃଘଟଣାରେ ମୃତ୍ୟୁ ବରଣ କରିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।ଖବର ପାଇ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ଶ୍ରୀ ବାରିକ ଘଟଣା ସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ମୁଖ୍ୟ ଚିକିତ୍ସାଳୟ କୁ ପଠାଇବା ସହ ୩୨୬/୨୫ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ନିଯୂଜ ଲେଖା ହେବା ପର୍ଯ୍ୟନ୍ତ ଜୈନିକ ବ୍ୟକ୍ତିଙ୍କ ପରିଚୟ ମିଳି ମିଳି ନାହିଁ।

## ଆଜି ସୁଭଦ୍ରା ସମୀକ୍ଷା ବୈଠକ

ଭୁବନେଶ୍ୱର, ୯/୯ (ନି.ପ୍ର): ଆସନ୍ତାକାଲି ସୁଭଦ୍ରା ସମୀକ୍ଷା ବୈଠକ । ବାଦ ପଡ଼ିଥିବା ହିତାଧିକାରୀଙ୍କ ସାମିଲ ନେଇ ଆଲୋଚନା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି । ତିନି ବିଭାଗକୁ ତଥ୍ୟ ମାଗିଥିଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ । ପରିବହନ, ଖାଦ୍ୟ ଯୋଗାଣ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ମଗାଯାଇଥିଲା ତଥ୍ୟ । ବାଣିଜ୍ୟ ଏବଂ ପରିବହନ ବିଭାଗକୁ ଚାରି ଚକିଆ ଥିବା ମହିଳାଙ୍କ ତଥ୍ୟ ମାଗ ଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା । ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତାର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା । ତିନି ବିଭାଗ ରିପୋର୍ଟ ଆଧାରରେ ଆସନ୍ତାକାଲି ବସିବ ସୁଭଦ୍ରା ସମୀକ୍ଷା ବୈଠକ । ବାଦ ପଡ଼ିଥିବା ହିତାଧିକାରୀଙ୍କ ଯୋଡିବା ନେଇ ହୋଇପାରେ ନିଷ୍ପତି ।

## ଭାରତୀୟ ସେନା ବାହିନୀ ତରଫରୁ ଅନୁଷ୍ଠିତ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିରରେ ପ୍ରଥମ ଦିନରେ ୮୦୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ ପରୀକ୍ଷା

ବାରିପଦା , ୯/୯ (ନି.ପ୍ର): ଭାରତୀୟ ସେନା ବାହିନୀର ଷ୍ଟେସନ ହେଡ଼ କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ବିବାହ ମଣ୍ଡପ ଠାରେ ଗତକାଲି ଉଦଘାଟିତ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିରରେ ପ୍ରଥମ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବୀର ନାରୀ, ବୀର ମାତା, ବିଧବା ପତ୍ନୀ ଓ ପୂର୍ବତନ ସେନା କର୍ମଚାରୀଙ୍କ ପରିବାରର ପାଖାପାଖି ୮୦୦ରୁ ଉର୍ଦ୍ଧ ଲୋକ ଶିବିରକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଏଥିରେ ବିଶେଷ କରି ସ୍ନାୟୁ ରୋଗୀ, ହୃଦ ରୋଗୀ, ଯକୃତ ରୋଗୀ, କିଡ଼ନୀ ରୋଗୀ, ଚର୍ମ ରୋଗୀ, ମାନସିକ ରୋଗୀ ଇତ୍ୟାଦି ମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ହାଇଟେକ ହସ୍ପିଟାଲର ଡାକ୍ତର ଓ ବିଶେଷଜ୍ଞଙ୍କ ପାଖରୁ ଡାକ୍ତରୀ ପରାମର୍ଶ ନେବା ସହିତ ମାଗଣାରେ ଔଷଧ ପାଇଛନ୍ତି। ତତ ସହିତ ଅବସରକାଳୀନ ଭତ୍ତା ମଞ୍ଜୁରୀ, ସ୍ପର୍ଶ, ଇସିଏଚଏସ ସମ୍ପର୍କିତ ଆଇନଗତ ପରାମର୍ଶ ଗ୍ରହଣ କରିଛନ୍ତି। ଆଜି ଦ୍ୱିତୀୟ ଦିନରେ ମଧ ୧୦୦୦ ରୁ ଉର୍ଦ୍ଧ ଶିବିରକୁ ଡାକ୍ତରୀ ପରୀକ୍ଷା ଓ ପରାମର୍ଶ ପାଇଁ ଆସିଛନ୍ତି।ଏଭଳି କ୍ୟାମ୍ପ ବାରିପଦା ଠାରେ ପ୍ରଥମ କରି ଅନୁଷ୍ଠିତ ହେଉଥିବାରୁ ଏହାକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ପ୍ରକାଶ ଥାଉକି ଗତକାଲି ଉଦଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ସମ୍ମାନୀୟ ମହାରାଜା ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ,ସମ୍ମାନୀୟା ମହାରାଣୀ ଶ୍ରୀମତୀ ରଶ୍ମି ରାଜ୍ୟ ଲକ୍ଷ୍ମୀ ଭଞ୍ଜଦେଓ,ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଡା କୃଷ୍ଣ ଚନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ଲିଉଟାଣ୍ଟ ଜେନେରାଲ ପି.ଏସ. ଶେଖାବତ, ପି ଭି ଏସ ଏମ, ଏ ଭି ଏସ ଏମ, ଜିଓସି, ମଧ ପ୍ରଦେଶ ଭାରତ ଅଂଚଳ, ମିସେସ କୁକୀ ବାଓ୍ୱା ଓ ବ୍ରିଗେଡ଼ିଅର ତେଜିନ୍ଦର ସିଂ ବାଓ୍ୱା, କମାଣ୍ଡର ଛାତିଶଗଡ ଓ ଓଡିଶା ସବ ଏରିଆ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିରକ୍ଷା ବିଭାଗର ପୂର୍ବତନ କର୍ମଚାରୀଙ୍କ ବ୍ୟତୀତ ଉକ୍ତ ଶିବିରରେ ସାଧାରଣ ଜନତାଙ୍କ ପାଇଁ ମଧ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସେବା ଉପଲବ୍ଧ ହେବ ଏବଂ ଆସନ୍ତା କାଲି ପର୍ଯ୍ୟନ୍ତ ଏହା ଚାଲିବ ବୋଲି ପ୍ରତିରକ୍ଷା ବିଭାଗର ଷ୍ଟେସନ ହେଡ୍‌କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ର ପ୍ରଶାସନିକ କମାଣ୍ଡେଣ୍ଟ ସନ୍ତୋଷ କୁମାର ପଣ୍ଡା ଜଣାଇବା ସହିତ ଏହାର ବହୁଳ ସୁଯୋଗ ନେବା ପାଇଁ ଅନୁରୋଧ କରିଛନ୍ତି।

## ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସପ୍ତମ ଅଧିବେଶନ



ଭଦ୍ରକ। ତା ୦୮/୦୯/୨୦୨୫ ରିଖ : ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ମିଳନୀ କକ୍ଷ "ନିତ୍ୟାନନ୍ଦ ଭବନ", କୁଆଁସ ଠାରେ ସଂଘର ଏ ବର୍ଷର ସପ୍ତମ ଅଧିବେଶନ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଥିଲେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ନାୟକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, ନିମନ୍ତ୍ରିତ ଅତିଥି ପ୍ରକାଶ ଚନ୍ଦ୍ର ବିଶୋଇ ଓ ଦେବାଶିଷ ପୁହାଣ। ସଂଘର ଅନ୍ୟତମ ସଦସ୍ୟ ମଦନମୋହନ ନାୟକ ଗତ ମାସର ବିବରଣୀ ପାଠ କରିଥିଲେ ଓ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହା ପରେ ସଦସ୍ୟ ଶ୍ରୀ ଚନ୍ଦ୍ରମୋହନ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ପ୍ରକାର ରୋଗର ଆୟୁର୍ବେଦିକ ଚିକିତ୍ସା ତଥା ନିରାକରଣ ସହଜରେ କିପରି କରାଯାଇପାରିବ ସେ ବିଷୟରେ ଅତିଥି ମାନଙ୍କର ଅନୁଭୂତିରୁ କିଛି ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେବାପାଇଁ ଅନୁରୋଧ କରିଥିଲେ। ବିଭିନ୍ନ ପ୍ରକାର ବାର୍ଦ୍ଧକ୍ୟଜନିତ ରୋଗରୁ ଆୟୁର୍ବେଦିକ ଔଷଧ ବ୍ୟବହାର କରିବା ଦ୍ୱାରା କିପରି ଆରୋଗ୍ୟ ଲାଭ କରୁଛନ୍ତି ସେ ବିଷୟରେ ମଞ୍ଚାସୀନ ଅତିଥି ସୋମନାଥ ନାୟକ ନିଜ ଅନୁଭୂତିରୁ ବୁଝାଇ କହିଥିଲେ। ଆୟୁର୍ବେଦିକ ଡାକ୍ତର ପ୍ରକାଶ ଚନ୍ଦ୍ର ବିଶୋଇ ଓ ଦେବାଶିଷ ପୁହାଣ ଛତ୍ରୁରୁ ପ୍ରସ୍ତୁତ "ଜ୍ଞାନଡର୍ମା।" ଔଷଧ ଦ୍ୱାରା ବାର୍ଦ୍ଧକ୍ୟ ଜନିତ ଆଣ୍ଠୁଗଣ୍ଠି ବ୍ୟାଧି ସହଜରେ ଉପଶମ ହୋଇପାରିବ ବୋଲି କହିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ ଶ୍ରୀ ରମାକାନ୍ତ ନାୟକ ଓ ଉପସ୍ଥିତ ସଭ୍ୟମାନଙ୍କୁ ମନ୍ଦିର ପ୍ରସାଦରେ ଆପ୍ୟାୟିତ କରିଥିଲେ ସଭ୍ୟ ବାଦଲ କିଶୋର ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ସଭ୍ୟ ଶ୍ରୀ ମୁକ୍ତିକାନ୍ତ ମହାପାତ୍ର, ଯୁଧିଷ୍ଠିର ବାରିକ, ହରେକୃଷ୍ଣ ସାହୁ, ଦୁଃଶାସନ ମହାନ୍ତି, ପଦ୍ମନାଭ ନାୟକ, ଅରୁଣ କୁମାର ମିତ୍ର, ବାମନ ଚରଣ ରାଉତ, ନିରଞ୍ଜନ ବିଶ୍ୱାଳ, କାଶୀନାଥ ମହାପାତ୍ର, ହରେକୃଷ୍ଣ ମହାକୁଡ଼, ରବୀନ୍ଦ୍ର କୁମାର ନାୟକ, ପ୍ରତାପ ଚନ୍ଦ୍ର ଦଳାଇ, ସୁରେଶ କୁମାର ସାହୁ, ହରେକୃଷ୍ଣ ସାହୁ, ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମଣ କୁମାର ମହାନ୍ତି ଓ ଅରୁଣ କୁମାର ମହାପାତ୍ର।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida